READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୭ ସଂଖ୍ୟା-୩୭ ୨୫ ସେପ୍ଟେମ୍ବର - ୧ ଅକ୍ଟୋବର, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-37 25th SEPTEMBER- 1st OCTOBER, 2023 BHUBANESWAR ₹ 5/- (8 Pages)

‘ନାରୀ ଶକ୍ତି ବନ୍ଦନ ବିଲ୍’ ସର୍ବସମ୍ମତିରେ ଗୃହୀତ

## ଫୋକସ୍‌ରେ ମହିଳା ଭୋଟର

**ଭୁବନେଶ୍ୱର :** ଆଇନରେ ପରିଣତ ହେବା ଦିଗରେ ଆଉ ପାଦେ ଆଗେଇଛି ମହିଳା ସଂରକ୍ଷଣ ବିଲ୍। ଲୋକସଭା ପରେ ରାଜ୍ୟସଭାରେ ପାରିତ ହୋଇଛି ନାରୀ ଶକ୍ତି ବନ୍ଦନ ଅଧିନିୟମ। ଏବେ ଏହା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଖକୁ ଅନୁମୋଦନ ପାଇଁ ଯିବ। ସେ ଏହା ଉପରେ ମୋହର ମାରିବା କ୍ଷଣି ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଇନରେ ପରିଣତ ହୋଇଯିବ। ସଂସଦରେ ଐତିହାସିକ ମହିଳା ସଂରକ୍ଷଣ ବିଲ୍ ଗୃହୀତ ହେବାପରେ ଏହାର ଶ୍ରେୟ ନେବାକୁ ଓଡ଼ିଶାରେ ବିଜେଡି ଓ ବିଜେପି ମଧ୍ୟରେ ଆରମ୍ଭ ହୋଇଯାଇଛି



ପ୍ରତିଯୋଗିତା। ମହିଳାଙ୍କୁ ସଂରକ୍ଷଣ ଦେବା ପାଇଁ ୧୯୯୪ ମସିହାରେ ସର୍ବପ୍ରଥମେ ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା ବୋଲି କହି ବିଜେପି ବିଜେଡିର ଏଭଳି ଶ୍ରେୟ ନେବାର ଦାବିକୁ ଖାରଜ କରିଛି। ଆଉ ରାଜ୍ୟର ୫୦ହଜାର ଗାଁରେ ସାଧାରଣ ସଭା ଓ ସଂକୀର୍ତ୍ତନ ଦଳମାନଙ୍କ ସହାୟତାରେ ଘରେଘରେ ମହିଳାଙ୍କୁ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେବାକୁ ନରେନ୍ଦ୍ର ମୋଦି ସରକାର ନେଇଥିବା ଐତିହାସିକ ପଦକ୍ଷେପ ସମ୍ପର୍କରେ ସଚେତନ କରାଇବାକୁ ନିଷ୍ପତ୍ତି ନେଇଛି। ଭୁବନେଶ୍ୱରରେ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ରାଜ୍ୟସଭା ଓ ଲୋକସଭାରେ ଐତିହାସିକ ମହିଳା ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ତଥା ‘ନାରୀ ଶକ୍ତି ବନ୍ଦନ ବିଲ୍’ ସର୍ବସମ୍ମତିରେ ଗୃହୀତ ହୋଇଛି।

➤ ପୃ-୬

ଆସିଲା ଅକ୍ଟୋବର

## ଘାରିଲା ବାତ୍ୟା ଭୟ

**ଭୁବନେଶ୍ୱର :** ଓଡ଼ିଶା ପାଇଁ ଅକ୍ଟୋବର ମାସ ସବୁବେଳେ ଅଶୁଭ ସାଜି ଆସିଥିବାବେଳେ ପୁଣି ଚଳିତ ବର୍ଷ ମଧ୍ୟ ସେହି ଡର ଘନେଇଲାଣି। ମୌସୁମୀ ଫେରିବା ସମୟ ଉପନୀତ। ଏହାର ଅବ୍ୟବହିତ ପୂର୍ବରୁ ଓଡ଼ିଶାକୁ ଦେଖାଗଲାଣି ବାତ୍ୟା ଭୟ। ଅକ୍ଟୋବର ପ୍ରଥମ ସପ୍ତାହରେ ବଙ୍ଗୋପସାଗରରେ ଆଉ ଏକ ବାତ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏପରିକି ବାତ୍ୟାଟି ଓଡିଶାମୁହାଁ ହୋଇପାରେ ବୋଲି କିଛି ମଡେଲର ଆକଳନରୁ ସୂଚନା ମିଳୁଛି। ଅଶାନ୍ତ ହେଉଛି ଆଣ୍ଡାମାନ ସାଗର। ୟୁରୋପିଆନ୍ ମଡେଲ୍‌ର ଆକଳନ ଅନୁଯାୟୀ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳରେ ସୃଷ୍ଟି ହେବାକୁ ଥିବା



ଘୂର୍ଣ୍ଣିବଳୟ ତୃତୀୟ ସପ୍ତାହ ଶେଷ ଆଡକୁ ଶକ୍ତିଶାଳୀ ହେବାର ସମ୍ଭାବ ରହିଛି। ଆଇଏମଡି ମଡେଲ ମଧ୍ୟ ସମାନ ଆକଳନ କରିଛି। ପଶ୍ଚିମ ବାୟୁ ସହ ଜଡିତ ବିଷୁବରେଖା ନିକଟସ୍ଥ ତରଙ୍ଗର ଉପସ୍ଥିତି ଯୋଗୁଁ ଚଳିତ ମାସ ଶେଷ ବେଳକୁ ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଧୀରେ ଧୀରେ ଅଧିକ ଘନୀଭୂତ ହୋଇ ଅକ୍ଟୋବର ୨ରୁ ୩ ବେଳକୁ ଏହା ଏକ ସାମୁଦ୍ରିକ ଝଡ ବା ବାତ୍ୟାର ରୂପ ନେଇପାରେ। ଏହା ଓଡିଶାମୁହାଁ ହେବାର ଅଧିକ ସମ୍ଭାବନା ରହିଥିବା ଆକଳନରୁ ଜଣାପଡୁଛି। ପର୍ଯ୍ୟାୟକ୍ରମେ ଦେଖିବାକୁ ଗଲେ, ୧୨ ଅକ୍ଟୋବର ୨୦୧୩ ଅକ୍ଟୋବରରେ ଫାଇଲିନ୍, ୨୦୧୪ ଅକ୍ଟୋବର ୧୨ରେ ହୁଡହୁଡ, ୨୦୧୮ରେ ତିତଲିକୁ ସାମନା କରିଛି ଓଡିଶା। ଏହି ଅକ୍ଟୋବର ମାସ ବାତ୍ୟା ଓଡିଶାକୁ ଛାରଖାର କରିବାର ନଜିର ରହିଛି। ଏହା ଛଡା ୧୯୯୯ ମସିହା ମହାବାତ୍ୟାକୁ ଏବେ ବି ଲୋକ ଭୁଲି ନାହାନ୍ତି।

➤ ପୃ-୬

ସିସୋର ଚିଟ୍‌ଫଣ୍ଡ ଦୁର୍ନୀତି ମାମଲା

## ପ୍ରଭାତ ଓ ପତ୍ନୀଙ୍କ ବିରୋଧରେ ଚାର୍ଜଫ୍ରେମ୍

**ଭୁବନେଶ୍ୱର :** ବହୁଚର୍ଚ୍ଚିତ ସିସୋର ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ତଥା ବିଜେଡି ନେତା ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ତାଙ୍କ ପତ୍ନୀ ଲକ୍ଷ୍ମୀବିଳାସିନୀ ବିଶ୍ୱାଳଙ୍କ ବିରୁଦ୍ଧରେ ଭୁବନେଶ୍ୱରର ସିବିଆଇ କୋର୍ଟ-୧ ବିଭିନ୍ନ ଦଫାରେ ଚାର୍ଜଫ୍ରେମ୍ କରିଛନ୍ତି। ଓଡ଼ିଶା ହାଇକୋର୍ଟ ଗତ ଏପ୍ରିଲ ମାସରେ ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ୨ମାସ ମଧ୍ୟରେ ଚାର୍ଜଫ୍ରେମ୍ କରିବା ସହ ମାମଲାର ଶୁଣାଣି ବର୍ଷକ ମଧ୍ୟରେ ଶେଷ କରିବାକୁ ସିବିଆଇ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଳିଥିବା ସୂଚନା ଅନୁସାରେ, ସିବିଆଇ କୋର୍ଟ-୧ ସିସୋର ଚିଟ୍‌ଫଣ୍ଡ ମାମଲାରେ ପ୍ରଭାତ ବିଶ୍ୱାଳ ଓ ତାଙ୍କ ପତ୍ନୀଙ୍କ ନାଁରେ ଆଇପିସିର ଧାରା -୪୨୦, ୪୦୯, ୪୬୭, ୪୬୮, ୪୭୧ ଓ ୧୨୦-ଖରେ ଚାର୍ଜ ଫ୍ରେମ୍ କରିଥିବା ଜଣାପଡ଼ିଛି। ସିସୋର ଚିଟଫଣ୍ଡ ଗ୍ରୁପ ସହ ଏକ ଜମି କିଣାବିକାକୁ ନେଇ ଶ୍ରୀ ବିଶ୍ୱାଳ ଓ ତାଙ୍କ ପତ୍ନୀ ୨୫ଲକ୍ଷ ଟଙ୍କା କାରବାର କରିଥିବାର ଅଭିଯୋଗ ହୋଇଥିଲା।

➤ ପୃ-୬

## ‘୨୦୨୪ରେ ପୁଣି ନବୀନ ସରକାର’

**ଭୁବନେଶ୍ୱର :** ୨୦୨୪ରେ ପୁଣି ଓଡ଼ିଶାରେ ହେବ ନବୀନ ପଟ୍ଟନାୟକଙ୍କ ସରକାର। ୨୬ବର୍ଷର ରାଜନୈତିକ ଜୀବନରେ ନବୀନ ପଟ୍ଟନାୟକଙ୍କ ସେବା, ସଂସ୍କାର ଓ ବିକାଶର ମନ୍ତ୍ର ପାଇଁ ସେ ଅପରାଜେୟ ଓ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ପରିଗଣିତ ହୋଇଆସୁଛନ୍ତି। ଗର୍ବ, ଅହଙ୍କାର, ଔଦ୍ଧତ୍ୟ, ହିଂସା, ଦ୍ୱେଷ ଆଦିରୁ ବ୍ୟକ୍ତିଗତ ଭାବେ ନିଜକୁ ଊର୍ଦ୍ଧ୍ୱରେ ରଖି ଦଳ ଓ ସରକାରକୁ ନିଆରା ମାର୍ଗରେ ପରିଚାଳନା କରିଆସୁଥିବାରୁ ତାଙ୍କର ସମର୍ପିତ ସେବାକୁ ସାଧାରଣ ଲୋକେ ବାରମ୍ବାର



ସ୍ୱୀକୃତି ଦେଇଆସୁଛନ୍ତି। ୨୦୨୪ ନିର୍ବାଚନ ପାଖେଇ ଆସୁଥିବା ବେଳେ ପୁଣି ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାର କରିବା ସହ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି କହିଛନ୍ତି ଦେଶର ବରିଷ୍ଠ ସାମ୍ବାଦିକ ତଥା ଇଣ୍ଡିଆନ ଏକ୍ସପ୍ରେସର ମୁଖ୍ୟ ସଂପାଦକ ପ୍ରଭୁ ଚାୱ୍ଲା। ଭୁବନେଶ୍ୱରରେ ଆୟୋଜିତ ଇଣ୍ଡିଆନ ଏକ୍ସପ୍ରେସର “ଅ” ଓଡିଶା ଲିଟେରାରୀ ଫେଷ୍ଟିଭାଲରେ ଯୋଗଦେବା ଅବସରରେ ଇଣ୍ଡିଆନ ଏକ୍ସପ୍ରେସର ମୁଖ୍ୟ ସଂପାଦକ ପ୍ରଭୁ ଚାୱ୍ଲା କହିଛନ୍ତି ବର୍ତ୍ତମାନର ରାଜନୈତିକ ସ୍ଥିତିରେ ୨୦୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେହି ହରେଇ ପାରିବେ ନାହିଁ।

➤ ପୃ-୬

## ପାଣ୍ଡିଆନରାଜ୍ ଚାଲିବାକୁ ଦିଆଯିବ ନାହିଁ: କଂଗ୍ରେସ



**ଭୁବନେଶ୍ୱର :** ବରିଷ୍ଠ ନେତା ତଥା ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ବିଜେଡିରୁ ବହିଷ୍କାର କରାଯିବା ପରେ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛି। ରାଜ୍ୟରେ ଗଣତନ୍ତ୍ରର ଶାସନ ନାହିଁ। ବାବୁତନ୍ତ୍ରର ଶାସନ ଚାଲିଛି। ଓଡ଼ିଶାରେ ପାଣ୍ଡିଆନ ଶାସନ କି ତାମିଲ ଶାସନ ଚାଲିବାକୁ ଦିଆଯିବ ନାହିଁ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଓଡ଼ିଶାରେ ମନ୍ତ୍ରୀ, ବିଧାୟକ, ସାଂସଦମାନେ, ସମସ୍ତେ କ୍ଷମତାଶୂନ୍ୟ। ମୁଖ୍ୟମନ୍ତ୍ରୀ ଜଣେ ସ୍ୱେଚ୍ଛାଚାରୀ ଓ ଗଣତନ୍ତ୍ର ବ୍ୟବସ୍ଥାର ବିରୋଧୀ। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ନାହିଁ। ରାଜ୍ୟର ନିର୍ବାଚିତ ପ୍ରତିନିଧିମାନଙ୍କୁ ସାଧାରଣ ଲୋକେ ନିଜ ଦୁଃଖ ଜଣାଇବାକୁ ଗଲାବେଳେ ମନ୍ତ୍ରୀ ଓ ବିଧାୟକମାନେ ନିଜର ଅକ୍ଷମତା ପ୍ରକାଶ କରୁଛନ୍ତି। ଦୀର୍ଘ ୨୩ ବର୍ଷର ଶାସନରେ ଓଡ଼ିଶାକୁ କୌଣସି ସୁଫଳ ମିଳିଲା ନାହିଁ। ସୌମ୍ୟବାବୁ ଏକ ଖବରକାଗଜର ସମ୍ପାଦକ ଭାବେ ରାଜ୍ୟ ଶାସନର ପ୍ରକୃତ ସ୍ଥିତିକୁ ସମ୍ପାଦକୀୟରେ ଲେଖିବା କ’ଣ ଭୁଲ୍? ଏହା କ’ଣ ଜନ ବିରୋଧୀ କି

➤ ପୃ-୬

## କାମ ଦେଉନି ବିଏମ୍‌ସିର ସଚେତନତା; ଡେଙ୍ଗୁ ଅଣାୟତ୍ତ

**ଭୁବନେଶ୍ୱର :** ରାଜ୍ୟରେ ଏବେ ଦୈନିକ ୨ଶହରୁ ଅଧିକ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଡେଙ୍ଗୁ ଆକ୍ରାନ୍ତଙ୍କ ପ୍ରକୃତ ସଂଖ୍ୟା କେତେ? ସରକାରୀ ଭାବେ ଏହା ୬ହଜାରରୁ ଅଧିକ ହୋଇଥିଲେ ହେଁ ପ୍ରକୃତରେ ଏହାଠାରୁ ଢେର ଅଧିକ। କାରଣ ରାଜ୍ୟର ଘରୋଇ ହସ୍ପିଟାଲ ଓ ଲାବୋରେଟୋରି ଗୁଡ଼ିକରେ ଡେଙ୍ଗୁ ଜାଣିବା ପାଇଁ ହେଉଥିବା କାର୍ଡ ଟେଷ୍ଟକୁ ରାଜ୍ୟ ସ୍ୱାସ୍ଥ୍ୟ ବିଚାରକୁ ନେଉନାହିଁ। ଯଦି ଏହି ସଂଖ୍ୟାକୁ ମିଶାଯିବ ତାହାଲେ ରୋଗୀଙ୍କ ସଂଖ୍ୟା ୧୦ହଜାର ଟପିଯିବ। ଏହାସହ ଏସବୁ କାର୍ଡର ଗୁଣାତ୍ମକ ମାନ କ’ଣ ତାହାର ମଧ୍ୟ ଯାଞ୍ଚ ହେଉନାହିଁ। ଯଦି ଏହା ସରକାରୀଭାବେ ଗ୍ରହଣୀୟ ନୁହେଁ ଏହାକୁ ସଂପୂର୍ଣ୍ଣଭାବେ ନିଷିଦ୍ଧ ଘୋଷଣା କରାଯାଉନାହିଁ କାହିଁକି? ଉଭୟ ପ୍ରକାର ଟେଷ୍ଟକୁ ଅନୁମତି ଦିଆଯାଉ ଲୋକଙ୍କୁ ଏକପ୍ରକାର ଦ୍ୱନ୍ଦ୍ୱରେ ରଖାଯାଉଥିବା ଅଭିଯୋଗ ହେଉଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର କହିବା କଥା, ଡେଙ୍ଗୁ ଚିହ୍ନଟ ପାଇଁ କେବଳ ଏଲିସା ପଦ୍ଧତି ହିଁ ଭରସାଯୋଗ୍ୟ। ଅନ୍ୟପଟେ ଭୁବନେଶ୍ୱର ମହାନଗର



ନିଗମାଞ୍ଚଳରେ ଡେଙ୍ଗୁ ସଂକ୍ରମଣ ନିୟନ୍ତ୍ରଣକୁ ଆସୁନାହିଁ। ଗତ କିଛିବର୍ଷ ହେବ ଡେଙ୍ଗୁ ପାଇଁ ଭୁବନେଶ୍ୱର ହଟ୍‌ସ୍ପଟ୍ ପାଲଟିଥିବାବେଳେ ଚଳିତ ବର୍ଷ ମଧ୍ୟ ସମାନ ଅବସ୍ଥା ଲାଗି ରହିଛି। ଆକ୍ରାନ୍ତଙ୍କ ସଂଖ୍ୟାରେ ରୋକ୍ ଲଗାଇ ପାରୁ ନ ଥିବା ବିଏମ୍‌ସି ଅଧିକାରୀ ପ୍ରକୃତ ସମସ୍ୟାର ସମାଧାନ ନ କରି ଘନଘନ ବୈଠକ କରି ସମୀକ୍ଷା ଏବଂ କ୍ଷେତ୍ର ପରିଦର୍ଶନରେ ବ୍ୟସ୍ତ ରହୁଛନ୍ତି। ସେପ୍ଟେମ୍ବର ସୁଦ୍ଧା ସହରରେ ଡେଙ୍ଗୁ ସଂକ୍ରମଣ ୩ହଜାର ପାର୍ କରିଥିବାବେଳେ ଗତ ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟରେ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଡେଙ୍ଗୁ ନିୟନ୍ତ୍ରଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେଉଁ ଡାକ୍ତର କେତେ ଘର, ବିଦ୍ୟାଳୟ ଏବଂ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରିଛନ୍ତି ସେ ନେଇ ସମୀକ୍ଷା କରାଯାଇଥିଲା। ଡାକ୍ତର, ୱାର୍ଡ ଅଫିସର, ସାନିଟାରୀ ଇନ୍‌ସପେକ୍ଟର ପ୍ରମୁଖ କେତେ ଅଞ୍ଚଳ ବୁଲିଲେ ସେବୁର ଦୈନିକ ରିପୋର୍ଟ ଦେବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଇବା, ସମସ୍ତ ୱାର୍ଡରେ ରବିବାର ଡ୍ରାଏ ଡେ’ ପାଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ପୃକ୍ତ ୱାର୍ଡର କର୍ପୋରେଟରଙ୍କ ନେତୃତ୍ୱରେ ଡ୍ରାଏ ଡେ’,

➤ ପୃ-୬

### ବକ୍ରବାଣୀ



ମନ୍ତ୍ରୀଟିଏ ହବ ଆଶା କରିକି
ଦିଲ୍ଲୀ ଦରବାର ଛାଡ଼ି ଆଇଲ
ବର୍ଷ ପରେ ବର୍ଷ ଗଡ଼ି ଚାଲିଲା
ଚଉକି ମାୟାରେ ସବୁ ସାଇଲ
ପୋଖରୀ ଭିତରେ ଘର କରିକି
କୁମ୍ଭୀର ସାଥିରେ କରିଲ କଳି
ଗଣେଶ ଭାଇକୁ ବିରୋଧ କରି
ଦିନ କେଇଟାରେ ଗଲ ଝାଉଁଳି
ମର୍ଦ ପୁଅ ଯେବେ ଛାଡ଼ିବ ନାଇଁ
ହସିବ ଓଡ଼ିଶା ତମରି ପାଇଁ।

——ଟୁଟୁ

## ମୟୂରଭଞ୍ଜ ଜିଲ୍ଲା ଦୁର୍ନୀତିର ଗନ୍ତାଘର

**ବାରିପଦା, (ବିଜୁ ସିଂ) :** ଆଦିବାସୀ ଅଧ୍ୟୁଷିତ ଖଣିଖାଦାନ ଭରା ଓଡିଶାର ସର୍ବ ବୃହତ ଜିଲ୍ଲା ମୟୂରଭଞ୍ଜ ଏବେ ଦୁର୍ନୀତିର ଗନ୍ତଘର ପାଲଟିଲାଣି। ଦିନକୁ ଦିନ ଜିଲ୍ଲାରେ ବଢିଚାଲିଥିବା ଦୁର୍ନୀତି ପାଇଁ ଜିଲ୍ଲାର ବିକାଶ ବାଧାପ୍ରାପ୍ତ ହେଉଥିବା ବୁଦ୍ଧିଜୀବୀ ମହୋଲରେ ଆଲୋଚନା ହେଉଛି। ଲଘୁ ଖଣିଜ୍ୟ ଦ୍ରବ୍ୟ ଚୋରା ଚାଲାଣରେ ରେକର୍ଡ ସୃଷ୍ଟି କରିଥିଲା। ଏହି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଏବେବି ବହୁ ଅପହଞ୍ଚ ଅଞ୍ଚଳ ରହିଛି। ଯେଉଁଠାରେ ଏବେବି ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଅତୀତରେ ବାରିପଦା ଆଇଟିଡିଏର ସହକାରୀ ଯନ୍ତ୍ରୀ ଆୟବହିର୍ଭୂତ ସମ୍ପତି ଠୁଳ ମାମଲାରେ ଭିଜିଲାନ୍ସ ରେଡ ହୋଇ ଓଡିଶାରେ ରେକର୍ଡ ପରିମାଣର ନଗଦ କଳା ଧନ ରଖିବା ଘଟଣା ସାମ୍ନାକୁ ଆସିବା ପରେ ଗିରଫ ହୋଇ ରାଜ୍ୟସରକାରଙ୍କ ପକ୍ଷରୁ ବିଦାହୋଇଥିଲେ। ସେହିପରି ବେଆଇନ ବଳି ଖାଦାନ ଓ ଚୋରାଚାଲାଣ ମାମଲାରେ ବେତନଟୀ ତହସିଲଦାର ନିଲମ୍ବିତ ହୋଇଥିବା ବେଳେ ବଡସାହି ତହସିଲଦାର ଗ୍ରୀନ୍ ଟ୍ରିବ୍ୟୁନାଲ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବାପରେ ତାଙ୍କ ନାମରେ କ୍ରିମିନାଲ କେସ ହେବାରୁ ସେ ମଧ୍ୟ ଚାକିରିରୁ ନିଲମ୍ବିତ ହେଇଥିଲେ। ଇତିମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ୩ଜଣ ଓଏଏସ ଅଧିକାରୀ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେଣି। ଜମିପଟ୍ଟା କରାଇ ଦେବାକୁ ୧୫ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ରରୁଆଁ ତହସିଲଦାର ସତ୍ୟସୁନ୍ଦର ରାଉତ ଭିଜିଲାନ୍ସ ହାତରେ ଧରାପଡିଥିଲେ। ୨୦୨୨ ମାର୍ଚ୍ଚ ୨୯ ତାରିଖରେ ବାଙ୍ଗିରିପୋଷି ତହସିଲଦାର ଅଭିମନ୍ୟୁ ପଣ୍ଡା ବିପୁଳ ଟଙ୍କା ନେଇଯାଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ସେହିଭଳି ୨୦୧୪ରେ ଶାମାଖୁଣ୍ଟା ତହସିଲଦାର ସବିତା ସାହୁ ଇଟାଭାଟି ଅନୁମତି ପାଇଁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ

➤ ପୃ-୬

ପିଲାମାନଙ୍କ ମଧ୍ୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ବୃଦ୍ଧି ପାଇଁ ଗାଇଡଲାଇନ୍

## ପ୍ରତି ୨ ମାସରେ ଥରେ ସ୍କୁଲ ଆସିବେ ମା’

**ଭୁବନେଶ୍ୱର :** ଓଡ଼ିଶା ସ୍କୁଲ ଏଜୁକେସନ ପ୍ରୋଗ୍ରାମ ଅଥରିଟି (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ପ୍ରଥମରୁ ତୃତୀୟ ଶ୍ରେଣୀ ପିଲାମାନଙ୍କ ମଧ୍ୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ବୃଦ୍ଧି ଦିଗରେ ପିତାମାତାଙ୍କ ଭୂମିକାକୁ ନେଇ ଏକ ଗାଇଡଲାଇନ୍ ଜାରି କରିଛନ୍ତି। ଯେଉଁ ସରକାରୀ ସ୍କୁଲରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଛି ସେଠାରେ ନିଶ୍ଚିତ ଭାବେ ମା’ମାନଙ୍କ ବୈଠକ ପ୍ରତି ଦୁଇମାସରେ କରାଯିବ। ଏଣିକି ସବୁ ସରକାରୀ ପ୍ରାଥମିକ ସ୍କୁଲରେ ମା’ମାନେ ପାଠ ପଢ଼ିବେ। ପ୍ରତି ୨ମାସରେ ଥରେ ସ୍କୁଲରେ ମା’ମାନଙ୍କ ବୈଠକ କରି ସେମାନେ କିଭଳି ନିଜର ପିଲାଙ୍କ ଦକ୍ଷତା ବିକାଶ କରିପାରିବେ ଓ ସରଳ ଭାବେ ମିଶାଣ-



ଫେଡ଼ାଣ ସହ ବିଭିନ୍ନ ପ୍ରକାରର ଫୁଲ, ଫଳ, ଋତୁ ଆଦି ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ ସେ ସମ୍ପର୍କରେ ସେମାନଙ୍କୁ ପ୍ରଶିକ୍ଷିତ କରାଯିବ। ଆଉ ମା’ମାନେ ଯେଭଳି ନିଶ୍ଚିତ ଭାବେ ଏହି ବୈଠକକୁ ଆସିବେ ତାହା ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସୁନିଶ୍ଚିତ କରିବେ। କେବଳ ପ୍ରଥମରୁ ତୃତୀୟ ଶ୍ରେଣୀରେ ପଢୁଥିବା ପିଲାମାନଙ୍କ ମା’ମାନେ ଏହି ବୈଠକକୁ ଆସିବେ। ଏଭଳି କିଛି ଗାଇଡଲାଇନ୍ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଛି। ତେବେ ନିର୍ବାଚନୀ ବର୍ଷରେ କୁନିକୁନି ପିଲାଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ବୃଦ୍ଧି ଆଳରେ ପ୍ରତି ଦୁଇମାସରେ ମା’ମାନଙ୍କ ବୈଠକ ଡାକିବା ପରୋକ୍ଷରେ ମହିଳାଙ୍କୁ ରାଜ୍ୟ ସରକାର ଦେଉଥିବା ଅଗ୍ରାଧିକାରକୁ ନେଇ ଗାଁ ଗାଁରେ ମାହୋଲ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା। ସରକାରୀ ପ୍ରାଥମିକ ସ୍କୁଲରେ ମା’ମାନଙ୍କ ବୈଠକ ବା ମାତୃ ସମ୍ମିଳନୀ ପ୍ରଥମଥର ପାଇଁ ଆୟୋଜନ ହେଉଛି। ସ୍କୁଲରେ ଶିକ୍ଷମାନଙ୍କୁ ତଥା ଘରେ ପିଲାମାନଙ୍କୁ ସହଯୋଗର ହାତ ବଢ଼ାଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ମା’ମାନଙ୍କ ବୈଠକ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଶିଶୁର ପ୍ରଥମ ଗୁରୁ ପିତାମାତା।

➤ ପୃ-୬

## ସରଳ ଭାଷାରେ ପ୍ରସ୍ତୁତ ହେବ ନୂଆ ଆଇନ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ‘ଅନ୍ତର୍ଜାତୀୟ ଆଇନଜୀବୀ ସମ୍ମିଳନୀ ୨୦୨୩’କୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ଗୁରୁତ୍ୱପୂର୍ଣ୍ଣ ଆଇନଗତ ବିଷୟ ଉପରେ ଅର୍ଥପୂର୍ଣ୍ଣ ଆଲୋଚନା ଏବଂ ପର୍ଯ୍ୟାଲୋଚନା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବା, ବିଚାର ଏବଂ ଅଭିଜ୍ଞତାର ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବା ଏବଂ ଆନ୍ତର୍ଜାତିକ ସହଯୋଗ ଏବଂ ଆଇନଗତ ପ୍ରସଙ୍ଗଗୁଡ଼ିକର ବୁଝାମଣାକୁ ସୁଦୃଢ଼ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ। ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ବିଶ୍ୱ ଆଇନ ଜଗତର ମହାନ ବ୍ୟକ୍ତିମାନଙ୍କ ସହ କଥାବାର୍ତ୍ତା କରିବାର ସୁଯୋଗ ପାଇ ଆନନ୍ଦ ପ୍ରକାଶ କରିଥିଲେ। ଇଂଲଣ୍ଡର ଲର୍ଡ ଚାନସେ୍‌ଲର ଆଲେକ୍ସ ଚାକ୍ ଏବଂ ବାର୍ ଆସୋସିଏସନ୍ ଅଫ୍ ଇଂଲଣ୍ଡର ପ୍ରତିନିଧି, ରାଜ୍ୟଗୋଷ୍ଠୀ ଏବଂ ଆଫ୍ରିକୀୟ ଦେଶର ପ୍ରତିନିଧି



ଏବଂ ସାରା ଦେଶର ଲୋକଙ୍କ ଉପସ୍ଥିତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅନ୍ତର୍ଜାତୀୟ ଓକିଲ ସମ୍ମିଳନୀ ୨୦୨୩ ‘ବସୁଧୈବ କୁଟୁମ୍ବକମ୍’ ଭାବନାର ପ୍ରତୀକ ପାଲଟିଛି। ପ୍ରଧାନମନ୍ତ୍ରୀ ବିଦେଶୀ ଅତିଥିମାନଙ୍କୁ ଭାରତକୁ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମ ଆୟୋଜନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ବାର୍ ଆସୋସିଏସନ୍ ଅଫ୍ ଇଣ୍ଡିଆକୁ ଧନ୍ୟବାଦ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଯେକୌଣସି ଦେଶର ବିକାଶରେ ଆଇନଜୀବୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରି କହିଥିଲେ, ବର୍ଷ ବର୍ଷ ଧରି ନ୍ୟାୟପାଳିକା ଏବଂ ବାର୍ ଭାରତର ନ୍ୟାୟିକ ବ୍ୟବସ୍ଥାର ରକ୍ଷକ ହୋଇ ଆସିଛନ୍ତି। ଆଇନ ବୃତ୍ତିର ଅଭିଜ୍ଞତା ସ୍ୱାଧୀନ ଭାରତର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସହାୟକ ହୋଇଛି ଏବଂ ଆଜିର ନିରପେକ୍ଷ ନ୍ୟାୟିକ ବ୍ୟବସ୍ଥା ମଧ୍ୟ ଭାରତ ପ୍ରତି ବିଶ୍ୱର ବିଶ୍ୱାସକୁ ସୁଦୃଢ଼ କରିବାରେ ସହାୟକ ହୋଇଛି। ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଥିବା କଥା ମନେ ପକାଇ ମୋଦୀଜୀ କହିଥିଲେ, “ନାରୀ ଶକ୍ତି ବନ୍ଦନ ଆଇନ ଭାରତରେ ମହିଳାଙ୍କ ନେତୃତ୍ୱାଧୀନ ବିକାଶକୁ ନୂତନ ଦିଗ ଏବଂ ଶକ୍ତି ପ୍ରଦାନ କରିବ।

➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
ଋତୁକାଳୀନ ବେମାରୀ ହୋଇପାରେ। ବ୍ୟବସାୟ ପାଇଁ ସମୟ ଅନୁକୂଳ। ଯେଉଁ କାମ ହାତକୁ ନେବେ ସଫଳତା ମିଳିବ। ନିଜ ବାଣୀରେ ଲଗାମ ଦିଅନ୍ତୁ ନଚେତ୍ ପରିବାରରେ କଷ୍ଟ ଭୋଗିପାରନ୍ତି। ଶୁଭ ତାରିଖ-୨୫,୨୮, ଭାଗ୍ୟଫଳ-୮୦%। ପ୍ରତିକାର : ସୂର୍ଯ୍ୟ ଦେବଙ୍କ ଜଳ ଅର୍ପଣ କରନ୍ତୁ।

**ବୃଷ**
ଥଣ୍ଡା ଓ ଶର୍ଦ୍ଦି ରୋଗ ହୋଇପାରେ। ରୋକିଥିବା ଧନ ଫେରିପାରେ। ପଦୋନ୍ନତି ହୋଇପାରେ। ସତର୍କତା ଅବଲମ୍ବନ କରନ୍ତୁ। ବୁଝାମଣାର ଅଭାବରୁ ପରିବାରରେ ଅସନ୍ତୋଷ ହୋଇପାରେ। ଶୁଭ ତାରିଖ-୨୬,୩୦, ଭାଗ୍ୟଫଳ-୬୦%। ପ୍ରତିକାର : ଦୁଃଖୀଙ୍କୁ ସାହାଯ୍ୟ କରନ୍ତୁ।

**ମିଥୁନ**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟରେ ବୃଦ୍ଧି। ପଦୋନ୍ନତି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ବଢ଼ିବ। ଜୀବନସାଥୀଙ୍କ ସହଯୋଗ ପାଇବେ। ଶୁଭ ତାରିଖ-୨୮,୨୯, ଭାଗ୍ୟଫଳ-୮୦%। ପ୍ରତିକାର : ଭଗବାନ ଗଣେଶଙ୍କୁ ପୂଜା କରନ୍ତୁ।

**କର୍କଟ**
ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା। ଆୟର ନୂଆ ସ୍ରୋତ ଖୋଲିବ। ପରିବାର ପାଇଁ ନୂଆ ଜିନିଷପତ୍ର କିଣିପାରନ୍ତି। ଛାତ୍ରଙ୍କ ପଢ଼ାରେ ମନ ଲାଗିବ ନାହିଁ। ପ୍ରେମ ସମ୍ପର୍କ ମଜଭୁତ ହେବ। ଶୁଭ ତାରିଖ-୨୮,୧, ଭାଗ୍ୟଫଳ-୯୦%। ପ୍ରତିକାର : ହଳଦିଆ ବସ୍ତୁ ଦାନ କରନ୍ତୁ।

**ସିଂହ**
ଗର୍ଭାଶୟ ସମ୍ବନ୍ଧୀୟ କଷ୍ଟ ହୋଇପାରେ। ନୂଆ ବ୍ୟବସାୟ ବା ଗାଡି ଓ ଘର କ୍ରୟ କରିପାରନ୍ତି। ନୂଆ କାମ ପାଇପାରନ୍ତି। ଉଧାର ଦିଅନ୍ତୁ ନାହିଁ। ଦାମ୍ପତ୍ୟ ମଧୁର ରହିବ। ଶୁଭ ତାରିଖ-୨୭,୩୦, ଭାଗ୍ୟଫଳ-୮୦%। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**କନ୍ୟା**
ସ୍ୱାସ୍ଥ୍ୟ ପ୍ରତି ସତର୍କ ରହନ୍ତୁ। ଇଚ୍ଛା ପୂରଣ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟର କଥାରେ ମନବଳାନ୍ତୁ ନାହିଁ। ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ। ବିବାହ ପ୍ରସ୍ତାବ ଆସିପାରେ। ଛାତ୍ରଙ୍କ ପାଇଁ ସମୟ ଅନୁକୂଳ। ଶୁଭ ତାରିଖ-୨୮,୩୦, ଭାଗ୍ୟଫଳ-୭୦%। ପ୍ରତିକାର : ବରଗଛ ମୂଳରେ ଦୀପ ଜାଳନ୍ତୁ।

**ତୁଳା**
ଆଖି ସମ୍ବନ୍ଧୀୟ ବେମାରୀ ହୋଇପାରେ। କାର୍ଯ୍ୟରେ ପରିବର୍ତ୍ତନ କରିପାରନ୍ତି। ବ୍ୟବସାୟରେ ସଂଘର୍ଷ ଯୋଗ ଅଛି। ବୈବାହିକ ଜୀବନ ପ୍ରତି ସତର୍କ ରହନ୍ତୁ। ଶୁଭ ତାରିଖ-୨୬,୨୮, ଭାଗ୍ୟଫଳ-୭୦%। ପ୍ରତିକାର : ଶିବଲିଙ୍ଗରେ ଜଳ ଚଢ଼ାନ୍ତୁ।

**ବିଛା**
ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ବ୍ୟବସାୟରେ ଆଗକୁ ବଢ଼ିବା ପୂର୍ବରୁ ସତର୍କ ରହନ୍ତୁ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପରିବାରର ବୟସ୍କଙ୍କ ପାଇଁ ଚିନ୍ତିତ ହେବେ। ପୁରୁଣା ବନ୍ଧୁଙ୍କର ସାକ୍ଷାତ ହୋଇପାରେ। ଶୁଭ ତାରିଖ-୨୭,୩୦, ଭାଗ୍ୟଫଳ-୬୦%। ପ୍ରତିକାର : ପ୍ରତିଦିନ କାଉଙ୍କୁ ରୁଟି ଦିଅନ୍ତୁ।

**ଧନୁ**
ଛୋଟ ଦୁର୍ଘଟଣାର ସମ୍ଭାବନା ଅଛି। କଷ୍ଟ କାମକୁ ସହଜରେ କରିବେ। ଆୟଠାରୁ ବ୍ୟୟ ବଢ଼ିବ। ଉଧାର ପଇସା ଫେରସ୍ତ ପାଇବେ। ପରିବାର ପାଇଁ ସମୟ ଦିଅନ୍ତୁ। ଶୁଭ ତାରିଖ-୨୮,୧, ଭାଗ୍ୟଫଳ-୭୦%। ପ୍ରତିକାର : ବେଲ ଗଛକୁ ପୂଜା କରନ୍ତୁ।

**ମକର**
ସ୍ୱାସ୍ଥ୍ୟ ଉପର ତଳ ରହିବ। ବ୍ୟବସାୟ ପାଇଁ ପ୍ରସ୍ତୁତି କରିପାରନ୍ତି। ଘର ପାଇଁ ବଡ ସାମାନ କ୍ରୟ କରିପାରନ୍ତି। ଛାତ୍ରମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡିବ। ପରିବାରରେ ଛୋଟ ଛୋଟ ସମସ୍ୟା ହୋଇପାରେ। ଶୁଭ ତାରିଖ-୨୮,୨୯, ଭାଗ୍ୟଫଳ-୬୦%। ପ୍ରତିକାର : କେଶର ତିଲକ ଲଗାନ୍ତୁ।

**କୁମ୍ଭ**
ଅଧିକ ପରିଶ୍ରମ ପାଇଁ ଶରୀରରେ ପୀଡା ହୋଇପାରେ। ଅନେକ ଦିନର କଷ୍ଟ ବ୍ୟବସାୟରେ ଦୂର ହେବ। ଯୁବକମାନେ ନିଜ ଇଚ୍ଛାରେ ଲଗାମ ଦିଅନ୍ତୁ। ପରିବାରରେ ଶାନ୍ତି ପାଇଁ ଯତ୍ନବାନ ହୁଅନ୍ତୁ। ଶୁଭ ତାରିଖ ୨୫,୨୭, ଭାଗ୍ୟଫଳ-୭୦%। ପ୍ରତିକାର : ବ୍ରାହ୍ମଣଙ୍କୁ କିଛି ଦାନ କରନ୍ତୁ।

**ମୀନ**
ମାଂସପେଶୀରେ ପୀଡା ଅନୁଭବ କରିବେ। ଅଚାନକ ପ୍ରଗତିର ମାର୍ଗ ପାଇବେ। ସଫଳତା ମିଳିବ। ଯତ୍ନବାନ ରହନ୍ତୁ। ଜୀବନସାଥୀଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଛାତ୍ରମାନେ ବ୍ୟସ୍ତ ରହିବେ। ଶୁଭ ତାରିଖ-୨୮, ଭାଗ୍ୟଫଳ-୮୦%। ପ୍ରତିକାର : କଳା କୁକୁରକୁ ଖାଇବାକୁ ଦିଅନ୍ତୁ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଜୀବିତ ଥିଲେ ଏଲିଅନ !



**ମେକ୍ସିକୋ :** ନିକଟରେ ମେକ୍ସିକୋ ସଂସଦରେ ତଥାକଥିତ ୟୁଏଫ୍ଓ ବିଶେଷଜ୍ଞଙ୍କ ଦ୍ୱାରା ଦୁଇଟି 'ଅଣ-ମାନବ' ଶରୀର, ଏଲିଅନ୍ ପ୍ରଦର୍ଶିତ ହେବା ଘଟଣାରେ ଏକ ନୂଆ ମୋଡ଼ ଆସିଛି। ମେକ୍ସିକୋ ସିଟିର ଡାକ୍ତରମାନେ ନମୁନା ପରୀକ୍ଷା କରିବା ପରେ ଆଶ୍ଚର୍ଯ୍ୟକର ତଥ୍ୟ ଦେଇଛନ୍ତି। ଏହି ଶବ ବାସ୍ତବରେ କୌଣସି 'ଅଣ-ମାନବ'ଙ୍କର ବୋଲି ପ୍ରମାଣ ମିଳିଥିବା ପରୀକ୍ଷା କରିଥିବା ଟିମ୍ କହିଛନ୍ତି। ଉଚ୍ଚ ଟେକ୍ନୋଲୋଜି ବ୍ୟବହାର କରି ଶରୀରର ଏକ୍ସ-ରେ ପରୀକ୍ଷା ଏବଂ ସି.ଟି ସ୍କାନ କରାଯାଇଥିଲା। ଏଥିରୁ ଜଣାପଡିଛି ଯେ, ଶବଗୁଡିକୁ କୃତ୍ରିମ ଭାବେ ପ୍ରସ୍ତୁତ କରାଯାଇ ନାହିଁ କି ଏଥିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। କୌଣସି ଅନ୍ୟ ପ୍ରାଣୀଙ୍କ ମୃତ ଶରୀର ଖଣ୍ଡକୁ ଏକାଠି କରି ବି ଏପରି ଶରୀର ପ୍ରସ୍ତୁତ କରାଯାଇ ନାହିଁ, ବରଂ ଏହା ଏକ ସ୍ୱତନ୍ତ୍ର ଜୀବର ଶରୀରର ବୋଲି ସ୍ପଷ୍ଟ ହେଉଛି ବୋଲି ପରୀକ୍ଷା କରିଥିବା ଡାକ୍ତରୀ ଟିମର ମୁଖ୍ୟ ଜୋସ୍ ଡି ଜିସୁ ଜୁଲେସ୍ ବେନିଟେଜ୍ କହିଛନ୍ତି। ବେନିଟେଜ୍ ହେଉଛନ୍ତି ମେକ୍ସିକାନ ନେଭିର ହେଲଥ ସାଇନ୍ସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ। ସେ ଏହି ଶବଗୁଡ଼ିକୁ ପରୀକ୍ଷା କରିବା ପରେ କହିଛନ୍ତି ଯେ, ସେଗୁଡ଼ିକ ଗୋଟିଏ କଙ୍କାଳର ଅଂଶ। ଏଥିରେ ଅନ୍ୟ କୌଣସି ଖଣ୍ଡ ଯୋଗ କରାଯାଇ ନାହିଁ। ଏଲିଅନ ସଦୃଶ ଏହି କଙ୍କାଳ ମିଳିବା ଘଟଣା ଚର୍ଚ୍ଚା ହେବା ପରେ କିଛି ସୋଶାଲ ମିଡିଆ ୟୁଜର୍ ଏହାକୁ ପଶୁ କିମ୍ବା ମାନବ ହାଡ଼କୁ ଯୋଗ କରାଯାଇ ପ୍ରସ୍ତୁତ କରାଯାଇଥିବା ଦାବି କରିଥିଲେ। ଅନେକ ଏକାଡେମିକ୍ ଏବଂ ପ୍ରତ୍ନତତ୍ତ୍ୱବିତ୍ ମଧ୍ୟ ଏହି ଶରୀରଗୁଡିକ ମମିଫାଇଡ୍ ମାନବଙ୍କର ପ୍ରାଚୀନ ଅବଶେଷ ବୋଲି କହିଥିଲେ। ସୂଚନା ଅନୁସାରେ, ଗତ ସପ୍ତାହରେ ମେକ୍ସିକୋ କଂଗ୍ରେସରେ ଏଲିଅନ୍ ଶରୀର ଉପସ୍ଥାପନ କରାଯାଇଥିଲା। ଏହା ହଜାରେ ବର୍ଷର ପୁରୁଣା ମୃତଦେହ ବୋଲି କୁହାଯାଇଥିଲା। ଏହି ମୃତଦେହ ତିନି ଆଙ୍ଗୁଠି ଏବଂ ଏକ ବଡ଼ ମୁଣ୍ଡ ବିଶିଷ୍ଟ। ପେଟରେ କିଛି ଅଣ୍ଡା ଥିବା କହି ଏହା ମହିଳା ଶବ ବୋଲି ଦର୍ଶା ଯାଇଥିଲା। ଏହା ପରେ ସତ୍ୟତା ଯାଞ୍ଚ ପାଇଁ ଏକ ପରୀକ୍ଷା ନୀରିକ୍ଷା କରାଯାଇଥିଲା। ବେନିଟେଜଙ୍କ ଅଧ୍ୟକ୍ଷତାରେ ଏକ ଡାକ୍ତରୀ ଟିମ୍ ଏହି ଶରୀରର ସିଟି ସ୍କାନ୍ ଏବଂ ଏକ୍ସ-ରେ କରିବା ସହ ଏକ ଲକ୍ଷରୁ ଅଧିକ ପ୍ରଜାତି ସହ ଏହାର ଡିଏନଏକୁ ମଧ୍ୟ ମେଳ କରାଇଥିଲେ। କିନ୍ତୁ ଶେଷରେ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ, ଏହା ସ୍ୱତନ୍ତ୍ର। ଏହା ପୃଥିବୀର ଅନ୍ୟ କୌଣସି ପ୍ରଜାତି ସହ ସମାନ ନୁହଁନ୍ତି କି ହାଡକୁ ଅନ୍ୟତ୍ର ଆଣି ଏକାଠି କରାଯାଇନାହିଁ।

# ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ କାନାଡା

**ନୂଆଦିଲ୍ଲୀ :** ଆତଙ୍କବାଦୀଙ୍କ ପାଇଁ କାନାଡା ଏକ ସୁରକ୍ଷିତ ସ୍ଥାନ ପାଲଟିଛି ବୋଲି କହିଛି ଭାରତ। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଅରିନ୍ଦମ ବାଗଚି କହିଛନ୍ତି, ମୁଁ ଭାବୁଛି ଆତଙ୍କବାଦୀ, ଉଗ୍ରବାଦୀ ତଥା ସଂଗଠିତ ଅପରାଧ ପାଇଁ ଏକ ସୁରକ୍ଷିତ ସ୍ଥାନ ଭାବରେ କାନାଡାର ସୁନାମ ବଢୁଛି। ତେଣୁ କାନାଡାକୁ ନିଜର ଆନ୍ତର୍ଜାତୀୟ ପ୍ରତିଷ୍ଠା ପାଇଁ ଚିନ୍ତା କରିବା ଆବଶ୍ୟକ। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଆହୁରି ମଧ୍ୟ କହିଛନ୍ତି, ଚରମପନ୍ଥୀମାନଙ୍କୁ କାନାଡାରେ ସୁରକ୍ଷିତ ସ୍ଥାନ ଯୋଗାଇ ଦିଆଯାଉଛି, ଆମେ ଚାହୁଁ ଯେ କାନାଡା ସରକାର ଏହା କରନ୍ତୁ ନାହିଁ ଏବଂ ଯେଉଁମାନେ ଆତଙ୍କବାଦ ଅଭିଯୋଗର ସମ୍ମୁଖୀନ ହେଉଛନ୍ତି କିମ୍ବା ସେମାନଙ୍କୁ ଭାରତ ପଠାଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ପାକିସ୍ତାନ ଏବଂ କାନାଡା ଦ୍ୱାରା ଆର୍ଥିକ ସହାୟତା ପାଇ ଭାରତ ବିରୋଧୀ କାର୍ଯ୍ୟାରେ ଲିପ୍ତ ଆତଙ୍କବାଦୀଙ୍କୁ ନେଇ ଆମେ ଚିନ୍ତିତ। ଉଭୟ ଦେଶ ଆତଙ୍କବାଦୀଙ୍କୁ ସମର୍ଥନ କରିବା ସହ ଆର୍ଥିକ ସହାୟତା ଦେଉଛନ୍ତି। ଆମେ ଦୀର୍ଘଦିନ ହେବ ୨୦ରୁ ୨୫ ଅପରାଧୀଙ୍କ ବିରୋଧରେ ପ୍ରତ୍ୟର୍ପଣ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ କାନାଡା ସରକାରଙ୍କୁ ଅନୁରୋଧ କରୁଛୁ ହେଲେ ସେ କୌଣସି ସହାୟତା କରୁନାହାନ୍ତି। କାନାଡାର ଭାରତୀୟ ବାଣିଜ୍ୟ ଦୂତାବାସରେ ସୁରକ୍ଷା ବୃଦ୍ଧି ଉପରେ ଏକ ପ୍ରଶ୍ନର ଉତ୍ତରରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଅରିନ୍ଦମ ବାଗଚି କହିଛନ୍ତି ଯେ ସୁରକ୍ଷା ଯୋଗାଇବା ଆୟୋଜକ ସରକାରଙ୍କ ଦାୟିତ୍ୱ ଅଟେ। କେତେକ ସ୍ଥାନରେ ଆମର ନିଜସ୍ୱ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଅଛି। କିନ୍ତୁ ଏହାକୁ ସର୍ବସାଧାରଣରେ ଆଲୋଚନା କରିବା ଠିକ୍ ନୁହେଁ। ଏହା ଏକ ଉଚିତ ପରିସ୍ଥିତି ନୁହେଁ। କାନାଡାର କୂଟନୀତିଜ୍ଞଙ୍କ ପ୍ରତି ବିପଦ ଥିବା ଖବର ବିଷୟରେ ପଚରାଯିବାରୁ ସେ କହିଛନ୍ତି, ଆମେ ଆମର ଦାୟିତ୍ୱକୁ ଗୁରୁତର ସହ ନେଇଛୁ। ଆମେ ନିଶ୍ଚିତ ଭାବରେ ଭାରତର ବିଦେଶୀ କୂଟନୀତିଜ୍ଞଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇବୁ। କାନାଡାରେ ଆମର କୂଟନୀତିଜ୍ଞଙ୍କ ପ୍ରତି ମଧ୍ୟ ସମାନ ସମ୍ବେଦନଶୀଳତା ଦେଖାଇବାକୁ ଆମେ ଆଶା କରୁଛୁ। ଭିସା ଉପରେ ରୋକ୍ ନେଇ ସେ କହିଛନ୍ତି, ଧମକ କାରଣରୁ କାନାଡାରେ ଭାରତୀୟ ଉଚ୍ଚାୟୁକ୍ତ ଠିକ୍ ଭାବେ କାମ କରିପାରୁନାହିଁ ଏବଂ ଏହି କାରଣ ଯେ ଭାରତ କାନାଡାର ଲୋକମାନଙ୍କ ଭିସା ଆବେଦନ ପ୍ରକ୍ରିୟା ବନ୍ଦ କରି ଦେଇଛନ୍ତି।

## ବାଇଡେନଙ୍କୁ ସାଧାରଣତନ୍ତ୍ର ଦିବସ ପାଇଁ ମୋଦିଙ୍କ ନିମନ୍ତ୍ରଣ



**ନୂଆଦିଲ୍ଲୀ :** ଆସନ୍ତା ୨୦୨୪ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହୋଇପାରନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ। ତାଙ୍କୁ ଜାନୁଆରୀ ୨୬ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନିକଟରେ ଦିଲ୍ଲୀରେ ଜି-୨୦ ଶିଖର ସମ୍ମିଳନୀ ଶେଷ ହୋଇଥିଲା। ଏହି ସମୟରେ ଦିଲ୍ଲୀ ଆସିଥିବା ରାଷ୍ଟ୍ରପତି ବାଇଡେନଙ୍କ ସହ ପ୍ରଧାନମନ୍ତ୍ରୀ ମୋଦି ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଏତିକି ବେଳେ ମୋଦି ତାଙ୍କୁ ମୁଖ୍ୟ ଅତିଥି ଭାବେ ଭାରତର ସାଧାରଣତନ୍ତ୍ର ଦିବସରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି। ଆଜି ଏ ସମ୍ପର୍କରେ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ଏରିକ ଗାରସେଟ୍ଟି ସୂଚନା ଦେଇଛନ୍ତି। ତାବେ ବାଇଡେନ ମୁଖ୍ୟ ଅତିଥି ଭାବେ ଯୋଗଦେବେ କି ନାହିଁ, ସେକଥା ଏରିକ କହି ନାହାନ୍ତି। ଏହାପୂର୍ବରୁ ଖବର ମିଳିଥିଲାଯେ ଭାରତ ସରକାର ସାଧାରଣତନ୍ତ୍ର ଦିବସରେ କ୍ୱାଡ ନେତାମାନଙ୍କୁ ନିମନ୍ତ୍ରଣ କରିବେ। ଭାରତ ଓ ଆମେରିକା ବ୍ୟତୀତ କ୍ୱାଡରେ ଅଷ୍ଟ୍ରେଲିଆ ଓ ଜାପାନ ରହିଛନ୍ତି। ଏହି ଦେଶଗୁଡ଼ିକର ମୁଖ୍ୟମାନଙ୍କୁ ଭାରତ ସରକାର ଅତିଥି ଭାବେ ନିମନ୍ତ୍ରଣ କରିବାକୁ ଯାଉଥିବା ଖବର ମିଳିଥିଲା। ୨୦୧୮ରେ ଭାରତ ସରକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାଧାରଣତନ୍ତ୍ର ଦିବସ ପାଇଁ ନିମନ୍ତ୍ରଣ କରିଥିଲେ। କିନ୍ତୁ ଘରୋଇ କାର୍ଯ୍ୟକ୍ରମ ପାଇଁ ସେ ଆସି ପାରି ନଥିଲେ। ସେହି ବର୍ଷ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଇଲସିସି ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ହୋଇଥିଲେ। ୨୦୧୫ରେ ବାରାକ ଓବାମା ପ୍ରଥମ ଆମେରିକୀୟ ରାଷ୍ଟ୍ରପତି ଭାବେ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ଭାରତରେ ସଞ୍ଚୟ ହାରରେ ତୀବ୍ର ହ୍ରାସ

**ନୂଆଦିଲ୍ଲୀ :** ଦେଶରେ ବେକାରି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅପରପକ୍ଷେ ଲୋକଙ୍କ ଆୟ ମଧ୍ୟ ବଢୁଛି। ମୁଣ୍ଡପିଛା ଆୟ ବଢ଼ି ବଢ଼ି ଚାଲିଛି। କିନ୍ତୁ ସତ କଥା ହେଉଛି ଯେ ସେମାନେ ଯାହା ରୋଜଗାର କରୁଛନ୍ତି, ତାହାକୁ ଖର୍ଚ୍ଚ କରିଦେଉଛନ୍ତି। ଏଥିଯୋଗୁ ଭାରତୀୟମାନଙ୍କ ସଞ୍ଚୟରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ଏପରିକି ଦେଶରେ ଘରୋଇ ସଞ୍ଚୟ ବିଗତ ୫୦ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ପ୍ରକାଶିତ ଘରୋଇ ସମ୍ପତ୍ତି ଏବଂ ଆର୍ଥିକ ଦେୟ ରିପୋର୍ଟରେ ଏହା କୁହାଯାଇଛି। ରିଜର୍ଭ ବ୍ୟାଙ୍କ ଅନୁଯାୟୀ, ୨୦୨୨-୨୩ ବର୍ଷରେ ନିଟ୍ ପାରିବାରିକ ସଞ୍ଚୟ ୫.୧ ପ୍ରତିଶତକୁ ଖସିଆସିଛି। ଜିଡିପି ଦୃଷ୍ଟିରୁ ହିସାବ କଲେ ଭାରତର ନିଟ୍ ସଞ୍ଚୟ ଚଳିତ ବର୍ଷ ୧୩.୭୭ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ବିଗତ ୫ ଦଶନ୍ଧୀ ବା ୫୦ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ। ବର୍ଷକ ପୂର୍ବରୁ ଏହା ୭.୨ ପ୍ରତିଶତ ରହିଥିଲା। ଏହି କାରଣରୁ ଲୋକଙ୍କ ଆୟରେ ବହୁତ ହ୍ରାସ ଘଟିଥିବା ଅନୁମାନ କରାଯାଉଛି। ଏହାବ୍ୟତୀତ କରୋନା ଅବଧି ପରେ ଲୋକଙ୍କ ଉପଯୋଗିତାରେ ବେଶ ବୃଦ୍ଧି ଘଟିଛି। ଲୋକମାନେ ସଞ୍ଚୟ କରିବା ପରିବର୍ତ୍ତେ ଅଧିକ ଖର୍ଚ୍ଚ କରିବା ଆରମ୍ଭ କରିଛନ୍ତି। ଏହାବ୍ୟତୀତ ରିଜର୍ଭ ବ୍ୟାଙ୍କର ରିପୋର୍ଟରୁ ଏକ ଚିନ୍ତାଜନକ ସଙ୍କେତ ମଧ୍ୟ ମିଳିଛି। ତାହା ହେଉଛି,ଦେଶରେ ଲୋକଙ୍କ ଦେୟ ହାର ମଧ୍ୟ



ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୦୨୨-୨୩ରେ ଏଥିରେ ଦ୍ରୁତ ବୃଦ୍ଧି ଘଟି ଏହା ଜିଡିପିର ୫.୮ ପ୍ରତିଶତରେ ପହଞ୍ଚିଛି। ଯେତେବେଳେ କି ଏକ ବର୍ଷ ପୂର୍ବେ ଏହା ମାତ୍ର ୩.୮ ପ୍ରତିଶତ ରହିଥିଲା। ଏହାର ଅର୍ଥ ହେଉଛି ଲୋକମାନେ ବ୍ୟବହାର ଉଦ୍ଦେଶ୍ୟରେ ଅଧିକ ଋଣ ନେବା ଆରମ୍ଭ କରିଛନ୍ତି। ସେମାନେ ଘରୋଇ ଜିନିଷ କିଣୁଛନ୍ତି କିମ୍ବା ଜମି, ଘର, ଦୋକାନ ଇତ୍ୟାଦି କିଣୁଛନ୍ତି। ସୂଚନାଯୋଗ୍ୟ ଯେ, ସ୍ୱାଧୀନତା ପରେ ଏହା ହେଉଛି ଦ୍ୱିତୀୟ ଥର ଯେତେବେଳେ ଲୋକଙ୍କ ଆର୍ଥିକ ଦେୟ ଏଭଳି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ପୂର୍ବରୁ ୨୦୦୬-୦୭ରେ ଏହି ହାର ୬.୭ ପ୍ରତିଶତ ରହିଥିଲା। ଆରବିଆଇ ଅନୁଯାୟୀ, ଯଦି ସଂପୂର୍ଣ୍ଣ ରୂପେ ଦେଖାଯାଏ, ୨୦୨୦-୨୧ ତୁଳନାରେ ୨୦୨୨-୨୩ ମଧ୍ୟରେ ନିଟ୍ ଘରୋଇ ସମ୍ପତ୍ତିରେ ବହୁତ ହ୍ରାସ ଘଟିଛି। ୨୦୨୦-୨୧ରେ, ନିଟ୍ ଘରୋଇ ସମ୍ପତ୍ତି ପରିମାଣ ୨୨.୮ ଲକ୍ଷ କୋଟି ରହିଥିଲା, ଯାହା ୨୦୨୧-୨୨ ବର୍ଷରେ ଦ୍ରୁତ ଗତିରେ ୧୬.୯୬ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ୨୦୨୨-୨୩ ବର୍ଷରେ ଏହା ଆହୁରି ୧୩.୭୬ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଅପରପକ୍ଷେ, ଯଦି ଆମେ ଆର୍ଥିକ ଦେୟ ବିଷୟରେ କହିବା, ପାରିବାରିକ ଋଣରେ ବୃଦ୍ଧି ଘଟୁଛି। ୨୦୨୧-୨୨ ବର୍ଷରେ ଏହା ଜିଡିପିର ୩୬.୯ ପ୍ରତିଶତ ରହିଥିଲା, ଯାହାକି ୨୦୨୨-୨୩ ବର୍ଷରେ ୩୭.୬ ପ୍ରତିଶତକୁ ବୃଦ୍ଧି ପାଇଥିଲା। ସଞ୍ଚୟ ହ୍ରାସ ଏବଂ ଋଣ ବୃଦ୍ଧି ଘଟିବାରେ ମୁଦ୍ରାସ୍ଫୀତିରେ ବୃଦ୍ଧି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିଶେଷଜ୍ଞମାନେ କହିଛନ୍ତି ଯେ ଘରୋଇ ଉପଯୋଗିତାରୁ ଅଭିବୃଦ୍ଧିର ସମର୍ଥନ ଆଶାଠାରୁ ଦୁର୍ବଳ ହୋଇପାରେ, ଯଦିଓ ଘରୋଇ ପୁଞ୍ଜି ବ୍ୟୟ ବିଳମ୍ବିତ ହେବା ଆଶଙ୍କା କରାଯାଉଛି।

### ସାଇଲେଣ୍ଟ କିଲର ଠାରୁ କମ୍ ନୁହେଁ ଉଚ୍ଚ ରକ୍ତଚାପ

# ଚିନ୍ତା ପ୍ରକଟ କଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ

**ନୂଆଦିଲ୍ଲୀ :** ଉଚ୍ଚ ରକ୍ତଚାପ ସାଜିଛି ଘାତକ। କେବଳ ଭାରତ ନୁହେଁ ସାରା ବିଶ୍ୱରେ ସାଇଲେଣ୍ଟ କିଲର ଖେଳାଇଛି ମୃତ୍ୟୁର ଆତଙ୍କ। ଆଜିକାର ସମୟରେ ପ୍ରାୟ ସମସ୍ତଙ୍କ ଶରୀରରେ ରକ୍ତଚାପ ସମସ୍ୟା ଦେଖାଦେଉଛି। କିନ୍ତୁ ଅନେକ ସମୟରେ ଦେଖାଯାଏ ବହୁ ଲୋକ ଏସମ୍ପର୍କରେ ଜାଣିପାରିନଥାନ୍ତି। ଖାସ୍ କରି ଯୁବପିଢି ମାନେ ରକ୍ତଚାପରେ ଆକ୍ରାନ୍ତ ଥିବାନେଇ ଜାଣିପାରିନଥାନ୍ତି। ସାରା ବିଶ୍ୱରେ ପ୍ରାୟ ୮୦ ପ୍ରତିଶତ ଯୁବପିଢି, ଯେଉଁମାନେ ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ସେମାନେ ଅବଗତ ନୁହଁନ୍ତି ଯେ ହାଇ ବ୍ଲଡପ୍ରେସର ଏକ ସାଇଲେଣ୍ଟ କିଲର ବୋଲି। ଏନେଇ ପ୍ରକାଶ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ। ଚଳିତ ସପ୍ତାହରେ ଗ୍ଲୋବାଲ୍ ପବ୍ଲିକ୍ ହେଲ୍ଥ ଏଜେନ୍ସି ପକ୍ଷରୁ ଉଚ୍ଚ ରକ୍ତଚାପ ଜନିତ ମୃତ୍ୟୁକୁ ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି।



ଯେଉଁଥିରେ ଏହାକୁ କିଭଳି ଏଡାଇପାରିବେ ସେନେଇ ମଧ୍ୟ ପରାମର୍ଶ ଦିଆଯାଇଛି। ଶରୀରରେ ଉଚ୍ଚ ରାକ୍ତଚାପକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନଚେତ୍ ଏଥିଯୋଗୁଁ ଅନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଦେଖାଯିବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି, ସାରା ବିଶ୍ୱରେ ଉଚ୍ଚ ରକ୍ତଚାପରେ ପୀଡିତ ପ୍ରତି ୫ ଜଣରେ ୪ ଜଣ ଉପଯୁକ୍ତ ଚିକିତ୍ସା ପାଆନ୍ତି ନାହିଁ। ଯଦି ଉଚ୍ଚ ରକ୍ତଚାପର ସଠିକ୍ ଚିକିତ୍ସା କରାଯାଏ ତେବେ ୨୦୫୦ ସୁଦ୍ଧା ୭୬ ନିୟୁତ ଲୋକଙ୍କ ଜୀବନ ରକ୍ଷା ହୋଇପାରିବ। ଏପରିକି ୨୦୪୦ ସୁଦ୍ଧା ଭାରତରେ ବି ୪୦ ନିୟୁତ ଲୋକଙ୍କ ଜୀବନ ରକ୍ଷା ହୋଇପାରିବ ବୋଲି କହିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ। ସେମାନଙ୍କ ମଧ୍ୟରେ ରହିଛନ୍ତି ୩୦ରୁ ୭୯ ବର୍ଷ ବୟସ୍କ ଲୋକ। ଡବ୍ଲ୍ୟୁଏଚ୍ଓ ଆହୁରି ମଧ୍ୟ କହିଛି ଯେ, ପୃଥିବୀରେ ଉଚ୍ଚ ରକ୍ତଚାପରେ ପୀଡିତ ଅଛନ୍ତି ୧୮ ଦଶମିକ ୩ ନିୟୁତ ଲୋକ। ଭାରତରେ ମାତ୍ର ୩୭ ପ୍ରତିଶତ ଲୋକ ଠିକ୍ ସମୟରେ ଚିକିତ୍ସିତ ହୋଇଥାନ୍ତି। ରକ୍ତଚାପ ୧୪୦/୯୦କୁ ଆଧାର କରି ଏହି ରିପୋର୍ଟ ପ୍ରକାଶ ପାଇଛି। ଉଚ୍ଚ ରକ୍ତଚାପ କାରଣରୁ ଷ୍ଟ୍ରୋକ, ହାର୍ଟ ଆଟାକ, ହାର୍ଟ ଫେଲୁଅର ଓ କିଡନୀ ନଷ୍ଟ ଆଦି ସମସ୍ୟା ଦେଖାଯାଇଥାଏ।

## ଦଶ ଗୁଣ ବଢ଼ିଲା ରେଲୱେ ଦୁର୍ଘଟଣା ଅନୁକମ୍ପା ରାଶି

**ନୂଆଦିଲ୍ଲୀ :** ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ତଥା ଗୁରୁତରଙ୍କୁ ମିଳିବ ବଡ଼ କ୍ଷତିପୂରଣ ରାଶି। ଏହି କ୍ଷତିପୂରଣ ରାଶି ପୂର୍ବାପେକ୍ଷା ୧୦ ଗୁଣ ଅଧିକ ହେବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ରେଳବାଇ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଟ୍ରେନ୍ ଦୁର୍ଘଟଣା ଓ ଅତର୍କିତ ଭାବେ ଘଟୁଥିବା ଅନ୍ୟ ଘଟଣା ଯୋଗୁ ଟ୍ରେନ ଯାତ୍ରୀଙ୍କ ମୃତ୍ୟୁ ହେଲେ ଏହି ବର୍ଦ୍ଧିତ କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ପୂର୍ବରୁ ରେଳବାଇ ପକ୍ଷରୁ ୨୦୧୨ ଓ ୨୦୧୩ ମସିହାରେ କ୍ଷତିପୂରଣ ରାଶିର ପରିମାଣରେ ସଂଶୋଧନ କରାଯାଇଥିଲା। ରେଳବାଇର ନୂଆ ନିର୍ଦ୍ଦେଶାନାମା ଅନୁଯାୟୀ, ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୫୦ ହଜାର ପରିବର୍ତ୍ତେ ୫ ଲକ୍ଷ ଟଙ୍କାର ସହାୟତା ରାଶି ମିଳିବ। ସେହିପରି ଗୁରୁତର ଆହତଙ୍କୁ ମିଳୁଥିବା କ୍ଷତିପୂରଣ ରାଶିକୁ ୨୫ ହଜାରରୁ ବଢ଼ାଇ ୨.୫୦ ଲକ୍ଷ ଟଙ୍କା କରାଯାଇଛି। ସାମାନ୍ୟ ଆହତ ହୋଇଥିବା ଯାତ୍ରୀଙ୍କୁ ୫ ହଜାର ପରିବର୍ତ୍ତେ ୫୦ ହଜାର ଟଙ୍କା ମିଳିବ।



ଏହାବାଦ ଅତର୍କିତ ଘଟଣା ଯେପରି ଟ୍ରେନ୍ ଉପରେ ଆତଙ୍କବାଦୀ ଆକ୍ରମଣ, ଟ୍ରେନ୍‌ରେ ଡକାୟତି, ହିଂସାକାଣ୍ଡ ଆଦି ଘଟଣା ଘଟି କାହାର ଜୀବନ ହାନୀ ଘଟିଲେ ତଥା କେହି ଗୁରୁତର ଆହତ ହେଲେ ସହାୟତା ରାଶିର ପରିଣାମ ବଢ଼ାଯିବ। ଏପରି ଘଟଣାରେ ମୃତ୍ୟୁମୁଖରେ ପଡୁଥିବା ଯାତ୍ରୀଙ୍କୁ ଦେଢ ଲକ୍ଷ, ଗୁରୁତରଙ୍କୁ ୫୦ ହଜାର ଓ ସାମାନ୍ୟ ଆହତଙ୍କୁ ୫ ହଜାର ମିଳିବ। ପୂର୍ବରୁ ଏହି ରାଶି ଯଥାକ୍ରମରେ ୫୦ ହଜାର, ୨୫ ହଜାର ଓ ୫ ହଜାର ଟଙ୍କା ଥିଲା। ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ ମେଡିକାଲରେ ୩୦ ଦିନରୁ ଅଧିକ ସମୟ ଆଡମିଟ ହେଲେ ଅନୁକମ୍ପା ରାଶି ବି ବୃଦ୍ଧି ପାଇବ ବୋଲି ରେଳବାଇ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି।

# 'ସ୍କୁଲ୍ ପିଲାଙ୍କୁ ସୋସିଆଲ ମିଡିଆ ବାରଣ ଦେଶ ପାଇଁ ଭଲ'

**ନୂଆଦିଲ୍ଲୀ :** ସମାଜିକ ଗଣମାଧ୍ୟମର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବାକୁ ଅନେକ ସମୟରେ ତର୍କ-ବିତର୍କ ହୁଏ। ବିଶେଷ କରି ଛୋଟ ପିଲାଙ୍କର ବ୍ୟବହାରକୁ କିପରି ରୋକାଯାଇ ପାରିବ ସେନେଇ ଅଧିକ ଚିନ୍ତା ଉପୁଜେ। ଏହାରି ମଧ୍ୟରେ କର୍ଣ୍ଣାଟକ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଅଦାଲତ କହିଛନ୍ତି ଯେ, କିଶୋରକିଶୋରୀ ବିଶେଷ କରି ସ୍କୁଲ୍ ପଢୁଥିବା ଛାତ୍ରଛାତ୍ରୀଙ୍କୁ ସୋସିଆଲ ମିଡିଆ ବ୍ୟବହାର ଉପରେ ଯଦି ପ୍ରତିବନ୍ଧକ ଲଗାଯାଏ ତେବେ ଏହା ଦେଶ ପାଇଁ ଭଲ ହେବ। ଅଦାଲତ ଉପଦେଶ ଦେଇ କହିଛନ୍ତି, ସୋସିଆଲ ମିଡିଆ ବ୍ୟବହାର ପାଇଁ ଏକ ନିର୍ଦ୍ଦିଷ୍ଟ ବୟସ ସୀମା ରହିବା ଉଚିତ୍। ଏଥିପାଇଁ ସେମାନଙ୍କର ଭୋଟ୍ ଦେବା ଅଧିକାର ୧୮ କିମ୍ବା ୨୧ ରଖାଗଲେ ଭଲ। ଏକ୍ସ(ପୂର୍ବର ଟ୍ୱିଟର) ଦ୍ୱାରା ଆବେଦନ ହୋଇଥିବା ଏକ ମାମଲା ଉପରେ ଶୁଣାଣି କରି ଏପରି ଟିପ୍ପଣୀ ଦେଇଛନ୍ତି ଅଦାଲତ। ଜଷ୍ଟିସ୍ ଜି ନରେନ୍ଦ୍ର ଏବଂ ବିଜୟକୁମାର ଏ ପାଟିଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲା ଉପରେ ଶୁଣାଣି କରିଥିଲେ। ଖଣ୍ଡପୀଠ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ସ୍କୁଲ୍ ଯାଉଥିବା ପିଲାମାନେ ସୋସିଆଲ ମିଡିଆର ନିଶାରେ ପଡ଼ିଯାଉଛନ୍ତି। ଯଦି ଏ ଉପରେ ପ୍ରତିବନ୍ଧକ ଲଗାଯାଆନ୍ତା ତେବେ ଦେଶ ପାଇଁ ଭଲ ହୁଅନ୍ତା। କୋର୍ଟ ଆହୁରି କହିଛନ୍ତି, ପିଲାମାନେ ୧୭ କିମ୍ବା ୧୮ ବର୍ଷର ହୋଇଯାଆନ୍ତି, କିନ୍ତୁ ସେମାନଙ୍କ ପାଖରେ ଦେଶ ପାଇଁ କ'ଣ ହିତ କ'ଣ ଅହିତ



ନିର୍ଣ୍ଣୟ ନେବାର ପରିପକ୍ୱତା ଥାଏ କି? ତେଣୁ କେବଳ ସୋସିଆଲ ମିଡିଆ ନୁହେଁ, ବରଂ ଇଣ୍ଟରନେଟ ବ୍ୟବହାର ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇବାର ଆବଶ୍ୟକତା ରହିଛି। ସୋସିଆଲ ମିଡିଆ ବ୍ୟବହାର ପାଇଁ ସରକାର ଏକ ନିର୍ଦ୍ଦିଷ୍ଟ ବୟସ ସୀମା ସ୍ଥିର କରିବା ଉପରେ ବିଚାର କରିବା ଉଚିତ୍। ମାମଲା ଅନୁସାରେ, ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସ (ପୂର୍ବର ଟ୍ୱିଟର)ର କିଛି ଆକାଉଣ୍ଟ ଏବଂ ଟ୍ୱିଟକୁ ବ୍ଲକ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାକୁ ଚ୍ୟାଲେଞ୍ଜ କରାଯାଇ ଏକ୍ସ ପକ୍ଷରୁ ଅଦାଲତରେ ଆବେଦନ କରାଯାଇଥିଲା। କର୍ଣ୍ଣାଟକ ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରିବା ସମୟରେ ଏପରି ଟିପ୍ପଣୀ ଦେଇଛନ୍ତି। ସୋସିଆଲ ମିଡିଆ କମ୍ପାନୀର ଆବେଦନକୁ ଖାରଜ କରିବା ସହ ନିୟମ ପାଳନରେ ବିଳମ୍ବ କରିଥିବାରୁ ୫୦ ଲକ୍ଷ ଟଙ୍କା ଜରିମାନା ପକାଇଛନ୍ତି। ଏହି ଶୁଣାଣି ସମୟରେ, କେନ୍ଦ୍ର ସରକାରଙ୍କ ପରାମର୍ଶଦାତା କୋର୍ଟକୁ କହିଥିଲେ ଯେ, ବର୍ତ୍ତମାନ ଉପଭୋକ୍ତାମାନଙ୍କୁ କିଛି ଅନଲାଇନ୍ ଗେମ୍ ଆପରେ ଲଗ୍-ଇନ୍ କରିବା ପୂର୍ବରୁ ଆଧାର ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟ୍ ଆବଶ୍ୟକ କରୁଛି। ଏପରି ନିୟମ ଶୁଣିବା ପରେ ଅଦାଲତ ଛୋଟ ପିଲାଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ ଏପରି ନିୟମ କାହିଁକି ଆଣୁନାହାଁନ୍ତି ବୋଲି ପ୍ରଶ୍ନ କରିଥିଲେ। ଯଦି ସରକାର ଛୋଟ ପିଲାଙ୍କର ସୋଶାଲ ମିଡିଆ ବ୍ୟବହାର ଉପରେ ନିର୍ଦ୍ଦିଷ୍ଟ ବୟସ ସୀମା ଆଣିପାରିବେ ତେବେ ଏହା ଦେଶ ପାଇଁ ହିତକର ହେବ ବୋଲି କହିଛନ୍ତି ଅଦାଲତ।

## ନନ୍ଦନକାନନରେ ନୂଆ ଅତିଥି



**ଭୁବନେଶ୍ୱର:** ନନ୍ଦନକାନନକୁ ଆସିଲେ ନୂଆ ଅତିଥୀ। ପ୍ରାଣୀ ଉଦ୍ୟାନକୁ ଆସିଛନ୍ତି ୪ଟି ଓଟପକ୍ଷୀ। ୪ଟି ଓଟପକ୍ଷୀଙ୍କ ମଧ୍ୟରେ ଗୋଟିଏ ଅଣ୍ଡିରା ଥିବାବେଳେ ଅନ୍ୟ ୩ଟି ମାଈ ରହିଛନ୍ତି। ଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ହାଇଦ୍ରାବାଦରୁ ଏହି ୪ଟି ଓଟପକ୍ଷୀଙ୍କୁ ଅଣାଯାଇଥିବା ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏବେ ନନ୍ଦନକାନନରେ ମୋଟ ଓଟପକ୍ଷୀଙ୍କ ସଂଖ୍ୟା ୬ରେ ପହଞ୍ଚିଛି। ପୂର୍ବରୁ ଦୁଇଟି ଅଣ୍ଡିରା ଓଟପକ୍ଷୀ ଥିଲେ। ନନ୍ଦନକାନନ ପରିଚାଳନା କମିଟି ବୈଠକରେ ଏନେଇ ପୂର୍ବରୁ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ନୂଆ ଓଟପକ୍ଷୀଙ୍କୁ ଖୁଆଡରେ ଛଡାଯାଇଛି। ସେମାନଙ୍କ ସ୍ୱତନ୍ତ୍ର ଯତ୍ନ ନେଉଛନ୍ତି ଜନ୍ତୁ ରକ୍ଷକ।

## +୨ରେ ଲକ୍ଷେ ସିଟ୍ ଖାଲି

**ଭୁବନେଶ୍ୱର :** ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ଶେଷ ହୋଇଛି। ହେଲେ ଏବେ ବି ୧ଲକ୍ଷରୁ ଉର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ୧,୪୦,୨୫୭ଟି ସିଟ୍ ଖାଲି ପଡ଼ିଥିଲା। ତେଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟର ସ୍ପଟ୍ ନାମଲେଖା ପରେ ୧,୦୯,୦୯୩ ସିଟ୍ ବଳକା ପଡ଼ିଥିବା ସାମ୍ସ ପୋର୍ଟାଲରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜ୍ୟର ୨,୨୦୩ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୫,୨୦,୫୬୮ଟି ଯୁକ୍ତ୨ ସିଟ୍ ରହିଛି। ସେଥିମଧ୍ୟରୁ ଏ ପର୍ଯ୍ୟନ୍ତ ୪,୧୧,୪୭୫ ସିଟଉକ୍ଷହ ନାମଲେଖା ଶେଷ ହୋଇଛି। ଖାଲି ପଡ଼ିଥିବା ୧,୦୯,୦୯୩ ସିଟ୍ ମଧ୍ୟରୁ କଳା ବିଭାଗରେ ୩୫,୩୩୬ ସିଟ୍ ଥିବାବେଳେ ବିଜ୍ଞାନରେ ୫୨,୦୭୭, ବାଣିଜ୍ୟରେ ୧୩,୬୧୦, ସଂସ୍କୃତରେ ୩,୩୬୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୪,୭୦୯ ସିଟ୍ ରହିଛି।

# ବାତ୍ୟା ରୋକିବ ସୁଦୃଢ଼ ଲୁଣାବନ୍ଧ

**ଭୁବନେଶ୍ୱର :** ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ସାମର୍ଥ୍ୟ ହାସଲ କରିଥିବା ଓଡ଼ିଶା, ବାତ୍ୟା ମୁକାବିଲା ପାଇଁ ଆଉ ଏକ କୌଶଳ ଆପଣାଇବାକୁ ଯାଉଛି। ଉପକୂଳ ଅଞ୍ଚଳରେ ବାତ୍ୟାର ପ୍ରକୋପ ରୋକିବାକୁ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ଡିଜାଷ୍ଟର ରେଜିଲିଆଣ୍ଟ ସାଲାଇନ୍ ଏମ୍ବାକମେଣ୍ଟ ପ୍ରୋଜେକ୍ଟ। ଏଥିରେ ବ୍ୟାପକ ଭାବେ ଲୁଣାବନ୍ଧ ନିର୍ମାଣ କରାଯିବ। ଯାହା ସମୁଦ୍ର ଜୁଆରକୁ ପ୍ରତିରୋଧ କରିବା ସହ ବାତ୍ୟା ପରବର୍ତ୍ତୀ ବନ୍ୟା ଦାଉରୁ ଗାଁଗୁଡ଼ିକୁ ରକ୍ଷା କରିବ। ନିର୍ମାଣ ହେବ ବହୁ ଲୁଣାବନ୍ଧ। ଆସନ୍ତା ନଭେମ୍ବର ମାସରୁ ଆରମ୍ଭ ହେବ କାମ। ପୁରୁଣା ଲୁଣାବନ୍ଧକୁ ସୁଦୃଢ଼ କରାଯିବ। ଏହାର ଟେଣ୍ଡର ସରିଛି। ବର୍ଷାଋତୁ ପରେ ନଭେମ୍ବର ମାସରୁ ଲୁଣାବନ୍ଧ ନିର୍ମାଣ ଆରମ୍ଭ ହେବ। ୨୦୦ କିଲୋମିଟର ଲୁଣାବନ୍ଧକୁ ସୁଦୃଢ଼ କରାଯିବ। ସମୁଦ୍ର କୂଳରୁ ୧୦ରୁ ୧୨ କିଲୋମିଟର ମଧ୍ୟରେ ନିର୍ମାଣ କରାଯିବ ଲୁଣାବନ୍ଧ। ଏଥିପାଇଁ ଜଳସମ୍ପଦ ବିଭାଗ ପ୍ରାୟ ୮୦୦ କୋଟି ଟଙ୍କା ଖର୍ଚ୍ଚ କରିବ। ମୁଖ୍ୟମନ୍ତ୍ରୀ ଡିଜାଷ୍ଟର ରେଜିଲିଆଣ୍ଟ ସାଲାଇନ୍ ଏମ୍ବାକମେଣ୍ଟ ପ୍ରୋଜେକ୍ଟ ଅଧୀନରେ ଲୁଣାବନ୍ଧ ନିର୍ମାଣ ଓ ସୁଦୃଢ଼ୀକରଣ ପାଇଁ ୩୬ଟି କ୍ଷେତ୍ରରେ କାମ ହେବ। ଏହି ଯୋଜନା ସାରିବାକୁ ପାଞ୍ଚ ବର୍ଷ ସମୟ ଧାର୍ଯ୍ୟ କରାଯାଇଛି। ତେବେ ଧାର୍ଯ୍ୟ ସମୟ



ପୂର୍ବରୁ କାମ ସାରିବାକୁ ଲକ୍ଷ୍ୟ ରଖିଛି ଜଳସମ୍ପଦ ବିଭାଗ। ଲୁଣାବନ୍ଧ ଦ୍ୱାରା ବାତ୍ୟା ପ୍ରତିରୋଧ ସହ ଗାଁକୁ ସମୁଦ୍ର ଜୁଆର ପ୍ରବେଶ କରିପାରିବ ନାହିଁ। ୧୯୯୯ ମହାବାତ୍ୟା ସମୟରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସେତେଟା ବ୍ୟବସ୍ଥା ନଥିଲା। ହେଲେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବିଭିନ୍ନ କୌଶଳ ପ୍ରସ୍ତୁତ କରୁଛନ୍ତି। ଗୋପାଳପୁରଠାରୁ ପାରାଦୀପ ଯାଏ ଲୁଣାବନ୍ଧ ଆବଶ୍ୟକ। ଲୁଣାବନ୍ଧର ଉଚ୍ଚତା ଅତି କମରେ ୧୫ ଫୁଟ୍ ରହିବ। କାରଣ ଓଡ଼ିଶାରେ ବାତ୍ୟା ସମୟରେ ସମୁଦ୍ର ଜୁଆର ୬ରୁ ୯ ମିଟର ବା ତା'ଠାରୁ ଅଧିକ ଉଚ୍ଚ ରହିଥାଏ। ଲୁଣାପାଣି ଗାଁ ଓ ବିଲରେ ମାଡ଼ି ଫସଲ ଓ ଜନଜୀବନକୁ ପ୍ରଭାବିତ କରେ। ଏପରିକି ଭୂତଳ ଜଳରେ ବି ଲୁଣାପାଣି ମିଶିଯାଏ। ଏଭଳି ସ୍ଥିତିରେ ଲୁଣାବନ୍ଧ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଧନ ଓ ଜୀବନକୁ ବାତ୍ୟା ଦାଉରୁ ରକ୍ଷା କରିବାରେ ସହାୟକ ହେବ। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ରୋଲ୍ ମଡେଲ୍ ପାଲଟିଛି। କିଛିଦିନ ତଳେ ବଜ୍ରାଘାତରୁ ରକ୍ଷା ପାଇଁ ବ୍ୟାପକ ଭାବେ ତାଳଗଛ ଲଗାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ବିନା ସହଯୋଗରେ ପ୍ରକୃତିର ତାଣ୍ଡବରୁ ରାଜ୍ୟବାସୀଙ୍କୁ ରକ୍ଷା କରିବା ପାଇଁ ଏକାକୀ ଠିଆ ହୋଇ ସଫଳତା ହାସଲ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଯାହା ନବୀନଙ୍କ ପାଇଁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି।

# 'ମୁଁ ଚାହେଁ ଚାଷୀ ସମ୍ମାନ ଓ ସ୍ୱାଭିମାନର ସହ ବଞ୍ଚୁ'

**ଭୁବନେଶ୍ୱର :** ପବିତ୍ର ନୂଆଁଖାଇ ପର୍ବ ଅବସରରେ ରାଜ୍ୟର ୪୪ ଲକ୍ଷ ୫୬ ହଜାର ଚାଷୀ ପରିବାର କାଳିଆ ସହାୟତା ପାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ଜରିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସହାୟତା ପ୍ରଦାନ କରିଛନ୍ତି। ରବି ଫସଲ ପାଇଁ ଏହି ସହାୟତା ଦିଆଯାଇଛି। ପ୍ରତ୍ୟେକ ଚାଷୀ ପରିବାରଙ୍କ ବ୍ୟାଙ୍କ୍ ଆକାଉଣ୍ଟ କୁ ୨୦୦୦ ଟଙ୍କା ଦିଆଯାଇଛି। ଏଥିରେ ୪୩ ଲକ୍ଷ ୮୮ ହଜାର କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଥିବା ବେଳେ ୬୮ ହଜାର ୭୫୦ ଜଣ ଭୂମି ହୀନ ଚାଷୀ ପରିବାର ଅଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇ କହିଲେ ଯେ ଚାଷୀ ଆମର ଗୌରବ। ମୋ ରାଜ୍ୟର ଚାଷୀ ପରିବାର ସମ୍ମାନର ସହ, ସ୍ୱାଭିମାନର ସହ ବଂଚୁ ବୋଲି ସେ ଚାହାନ୍ତି। ବିକାଶର ସୁଫଳରେ ଚାଷୀ ସାମିଲ ହେଉ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ପର୍ଯ୍ୟନ୍ତ କାଳିଆ ଯୋଜନାରେ ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ ୧୨,୫୦୦ କୋଟି ଟଙ୍କାର ସହାୟତା ଦିଆଯାଇଛି। ଚାଷୀ ପରିବାରର ପିଲାମାନେ ଡାକ୍ତର, ଇଞ୍ଜିନିୟର ହୋଇ ଭଲ ଭଲ ଚାକିରିରେ ଯୋଗ ଦିଅନ୍ତୁ ବୋଲି ସେ ଚାହାନ୍ତି। ଏହାଦ୍ୱାରା ସେମାନେ ନିଜ ପରିବାର ପାଇଁ, ସାରା ରାଜ୍ୟ ପାଇଁ ସୁନାମ ଆଣି ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନା ଯୋଗ୍ୟ ଯେ କାଳିଆ ସହାୟତା ପାଉଥିବା ଚାଷୀ ମାନଙ୍କ ପିଲା ମାନଙ୍କୁ ରାଜ୍ୟ ସରକାର କାଳିଆ ସ୍କଲାରସିପ୍ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର



ଫସଲ ବୀମାର ପ୍ରିମିୟମ ଦେଉଛନ୍ତି। ଏ ବର୍ଷ ୨୨ ଲକ୍ଷରୁ ଅଧିକ ଚାଷୀ ବୀମା ପାଇଁ ପଞ୍ଜୀକରଣ କରି ସାରିଲେଣି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କୃଷି ପାଇଁ ରାଜ୍ୟ ସରକାର ବହୁତ୍ ଯୋଜନା କରିଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଚାଷୀ ମାନେ ଏହାର ସୁଯୋଗ ନେଇ ଓଡ଼ିଶାକୁ କୃଷି କ୍ଷେତ୍ରରେ ଏକ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ସୂଚନା ଯୋଗ୍ୟ ଯେ କାଳିଆ ସହାୟତା ରେ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ମାନଙ୍କୁ କୃଷି ପାଇଁ ବିହନ, ସାର, ରୋଗ ପୋକ ପାଇଁ ଔଷଧ ଓ ଯାନ୍ତ୍ରିକ ଉପକରଣ କିଣିବା ପାଇଁ ସିଧା ସଳଖ ସହାୟତା ଦିଆଯାଉଛି। ଏହା ଦ୍ୱାରା ସେମାନେ ଋଣ ଗ୍ରସ୍ତ ହେବାର ସମ୍ଭାବନା ରହୁ ନାହିଁ। ଏହା ସହିତ ଭୂମି ହୀନ ଚାଷୀ ମାନଙ୍କୁ ବିଭିନ୍ନ ଜୀବିକା ପାଇଁ ଯଥା ଛେଳି, କୁକୁଡ଼ା, ବତକ ପାଳନ, ମହୁ ଚାଷ, ଛତୁ ଚାଷ ଆଦି ପାଇଁ ମଧ୍ୟ ଏହି ସହାୟତା ଦିଆଯାଉଛି। ଏହି ଅବସରରେ ରାଜ୍ୟ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୂର ଦୃଷ୍ଟି ଯୋଗୁ ରାଜ୍ୟରେ ଅନେକ କୃଷି କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଛି। ସେଥି ମଧ୍ୟରୁ କାଳିଆ ଯୋଜନା ସ୍ୱତନ୍ତ୍ର। ଏହା ଯୋଗୁ ଚାଷୀ ମାନେ ଆଉ ବେସରକାରୀ ଅର୍ଥ ଲଗାଣ କାରି ସଂସ୍ଥା କିମ୍ବା ଗାଁ ସାହୁକାର ଉପରେ ନିର୍ଭର କରୁ ନାହାନ୍ତି। ନିଜ ଉପରେ ଚାଷୀ ମାନଙ୍କ ଆସ୍ଥା ବଢ଼ିଛି। ଗତ ଚାରି ବର୍ଷରେ ରାଜ୍ୟରେ କ୍ରମାଗତ ଭାବେ ରେକର୍ଡ ଉତ୍ପାଦନ ହେଉଛି ବୋଲି ସେ କହିଥିଲେ। ଏହି ଅବସରରେ କେତେକ କାଳିଆ ହିତାଧିକାରୀ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଢେଙ୍କାନାଳ ଆଇଜିଆଇଟି ସରାଙ୍ଗରେ ପଢୁଥିବା ଛାତ୍ରୀ ରାଣୀ ସାହୁ କହିଲେ ଯେ କାଳିଆ ଛାତ୍ର ବୃତ୍ତି ଯୋଗୁ ସେ ଆଜି ଇଞ୍ଜିନିୟରିଙ୍ଗ ପଢ଼ି ପାରୁଛନ୍ତି। ନ ହେଲେ ହୁଏତ ତାଙ୍କ ସ୍ୱପ୍ନ ପୂରଣ ହୋଇ ପାରି ନ ଥାନ୍ତା। ତାଙ୍କ ବାପାଙ୍କୁ କରଜ କରିବାକୁ ପଡ଼ି ଥାନ୍ତା। ତେଣୁ ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। ସେହିପରି ବଲାଙ୍ଗୀରର ଚାଷୀ ବିନୋଦ ପ୍ରଧାନ, ନବରଙ୍ଗପୁରର ଲଛମା ଭତରା ଓ ବାଲେଶ୍ୱରର ଚାଷୀ ଗିରିଧାରୀ ଗିରି ପ୍ରମୁଖ କାଳିଆ ସହାୟତା ପାଇଁ ସେମାନଙ୍କ ହୃଦୟରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାଳିଆ ଯୋଗୁ ସେମାନଙ୍କୁ ଋଣ କରିବାକୁ ପଡୁନାହିଁ। ସେମାନେ ସମସ୍ତେ ଈଶ୍ୱରଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରିଥଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ( ୫ଟି) ଭି କେ ପାଣ୍ଡିଆନ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ, ସମବାୟ ସଚିବ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଜିଲ୍ଲାରେ ଅଧିକାରୀ ଓ ହିତାଧିକାରୀ ମାନେ ଭିସି ଜରିଆରେ ଯୋଡ଼ି ହୋଇଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ କଲ୍ୟାଣ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ ଓ କୃଷି ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରଥିଲେ।

### 'ଲକ୍ଷ୍ମୀ' ଯୋଜନାକୁ ବିରୋଧ

# ଘରୋଇ ବସ୍ ସଂଘର ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ 'ଲକ୍ଷ୍ମୀ' ଯୋଜନା ଯୋଗୁ ସମ୍ମୁଖୀନ ହେବାକୁ ଥିବା ସମସ୍ୟାର ସମାଧାନ ନହେଲେ ବାଧ୍ୟ ହୋଇ ରାଜ୍ୟବ୍ୟାପୀ ବସ୍ ଚଳାଚଳ ବନ୍ଦ କରିବେ ବୋଲି ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ଚେତାବନୀ ଦେଇଛି । ସେପ୍ଟେମ୍ବର ୨୭ତାରିଖ ସୁଦ୍ଧା ଯଦି ରାଜ୍ୟ ସରକାର ଆଲୋଚନା ମାଧ୍ୟମରେ ଏସବୁ ସମସ୍ୟାର ସମାଧାନ ନକରିବେ ତା'ହେଲେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବସ୍ ଧର୍ମଘଟ କରାଯିବ ବୋଲି ସୂଚନା ଦିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣଙ୍କୁ ଏକ ଚିଠି ଲେଖି ଓଡ଼ିଶା ଘରୋଇ ମାଲିକ ବସ୍ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ 'ଲକ୍ଷ୍ମୀ' ଯୋଜନା ଯୋଗୁ ରାଜ୍ୟରେ ପ୍ରାୟ ୧୪ହଜାରରୁ ଅଧିକ ଘରୋଇ ବସ୍ କର୍ମଚାରୀଙ୍କ ପରିବାର ପ୍ରଭାବିତ ହେବେ। ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସରକାରଙ୍କ ଏହି 'ଲକ୍ଷ୍ମୀ' ଯୋଜନାକୁ ସଂଘ ବିରୋଧ କରୁନି। କିନ୍ତୁ ଘରୋଇ ବସ୍ କର୍ମଚାରୀମାନଙ୍କ ଜୀବିକା ପ୍ରଭାବିତ ହେବାର ଆଶଙ୍କା ପ୍ରତି ରାଜ୍ୟ ସରକାର ସମ୍ବେଦନଶୀଳ ହେବା ଜରୁରୀ। ସହରାଂଚଳରେ ରାଜ୍ୟ ସରକାରଙ୍କ 'ମୋ ବସ୍' ସେବାକୁ ନେଇ ଘରୋଇ ବସଗୁଡ଼ିକ ପ୍ରଭାବିତ ହୋଇସାରିଛନ୍ତି। ଏବେ ଲକ୍ଷ୍ମୀ ଯୋଜନା ଯୋଗୁ ପ୍ରାୟ ୮ହଜାର ଘରୋଇ



ବସ୍ ମାଲିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ରାଜ୍ୟ ସରକାର ଏହି ଯୋଜନା ଘୋଷଣା କରିବା ପୂର୍ବରୁ ଘରୋଇ ବସ୍ ମାଲିକ ସଂଘ ସମ୍ମୁଖୀନ ହେବାକୁ ଥିବା ସମସ୍ୟା ପ୍ରତି ସାମାନ୍ୟ ଦୃଷ୍ଟି ଦେଇନାହାନ୍ତି। ସଂଘ ନିଜର ବିରୋଧ ଦର୍ଶାଇବା ପରେ ସରକାର ଘରୋଇ ବସ୍ ମାଲିକ ସଂଘ ସହ ବାରମ୍ବାର ଆଲୋଚନା କରିଛନ୍ତି, କିନ୍ତୁ କୌଣସି ନିର୍ଯ୍ୟାସ ବାହାରି ପାରିନି। ତେଣୁ ଯଦି ସେପ୍ଟେମ୍ବର ୨୭ତାରିଖ ସୁଦ୍ଧା ଆଲୋଚନା ମାଧ୍ୟମରେ ବସ୍ ଚଳାଚଳ କରିବାର ମାର୍ଗ ଓ ସମୟକୁ ନେଇ କୌଣସି ସମାଧାନ ବାହାର କରିବାରେ ରାଜ୍ୟ ସରକାର ବିଫଳ ହୁଅନ୍ତି ତା'ହେଲେ ଘରୋଇ ବସଗୁଡ଼ିକ ରାଜ୍ୟବ୍ୟାପୀ ଧର୍ମଘଟକୁ ଓହ୍ଲାଇବେ। ସୂଚନାଯୋଗ୍ୟ, ରାଜ୍ୟ କ୍ୟାବିନେଟ୍ ଗତ ସପ୍ତାହରେ 'ଲକ୍ଷ୍ମୀ' ଯୋଜନାକୁ ଅନୁମୋଦନ କରିଛନ୍ତି। ଏଥିରେ ପ୍ରତ୍ୟେକ ପଞ୍ଚାୟତରୁ ରାଜଧାନୀକୁ ବସ୍ ଚଳାଚଳ କରିବ। ଏଥିପାଇଁ ସରକାର ବଜେଟରେ ଆର୍ଥିକ ବ୍ୟୟବରାଦ ମଧ୍ୟ କରିଛନ୍ତି।

### ଖାଲି ପଡ଼ିଛି ୬୦% ପ୍ରାଧ୍ୟାପକ ପଦ

# ବିଶ୍ୱବିଦ୍ୟାଳୟଗୁଡ଼ିକରେ କେମିତି ହେବ ଗବେଷଣା ?

**ଭୁବନେଶ୍ୱର:** ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟରେ ୬୦ପ୍ରତିଶତ ପ୍ରାଧ୍ୟାପକ ଓ ଅନ୍ୟାନ୍ୟ ବର୍ଗର ଶିକ୍ଷକ ପଦ ଖାଲି ପଡ଼ିଛି। ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଫେସ୍ର, ସହଯୋଗୀ ଏବଂ ସହକାରୀ ପ୍ରଫେସରମାନେ ଅବସର ଗ୍ରହଣ କରୁଥିବା ବେଳେ ଖାଲି ପଡ଼ିଥିବା ସମସ୍ତ ମଞ୍ଜୁରିପ୍ରାପ୍ତ ଶିକ୍ଷକ ପଦ ପୂରଣ ହୋଇପାରୁନି। ଓଡ଼ିଶା ସଂଶୋଧିତ ବିଶ୍ୱବିଦ୍ୟାଳୟ ଅଧିନିୟମକୁ ନେଇ ମାମଲା ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ଓପିଏସ୍‌ସି ପ୍ରାର୍ଥୀ ଚୟନ କରିଥିଲେ ବି ନିଯୁକ୍ତି ମିଳିପାରୁନି। ଗୋଟିଏପଟେ ବିଶ୍ୱବିଦ୍ୟାଳୟର ନାକ୍ ମାନ୍ୟତା ନବୀକରଣ ପାଇଁ ବିଶେଷଜ୍ଞ ଦଳ ଶିକ୍ଷାନୁଷ୍ଠାନ ପରିଦର୍ଶନରେ ଆସୁଥିବା ବେଳେ ଖାଲିଥିବା ଶିକ୍ଷକ ପଦ ଗୁରୁତର ସମାସ୍ୟ ସୃଷ୍ଟି କରୁଛି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗବେଷଣା, ଅଧ୍ୟାପନା ଓ ପ୍ରଶାସନିକ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏପରି ସ୍ଥିତିରେ ମାମଲାର ସମୀକ୍ଷା ଓ ତ୍ୱରିତ ଶୁଣାଣି ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ଶିକ୍ଷାବିତ୍ମାନେ ମତ ଦେଇଛନ୍ତି। ଉତ୍କଳ, ସମ୍ବଲପୁର, ବ୍ରହ୍ମପୁର ଭଳି ପୁରୁଣା ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏବେ ଅଧାରୁ ଅଧିକ ପ୍ରଫେସର୍ ପଦ ଖାଲି ପଡ଼ିଛି। ରେଭେନ୍ସା ଓ ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀରେ ଅବସ୍ଥା ମଧ୍ୟ ସଙ୍ଗୀନ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧିକାଂଶ ବିଭାଗ ଏକପ୍ରକାର ବିନା ନିୟମିତ ଶିକ୍ଷକରେ ଚାଲିଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସମସ୍ୟା ବି ଗୁରୁତର। ଏହାଛଡ଼ା ଭବାନୀପାଟଣା, ରାଜେନ୍ଦ୍ର, ଗଙ୍ଗାଧର ମେହେର, ଖଲ୍ଲିକୋଟ, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଦିରେ ଶିକ୍ଷକ ପଦ ଖାଲିଥିବା ବେଳେ ନିକଟରେ ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଛି। ଅନୁରୂପ ଭାବେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭିସୁଟ୍ ଓ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନିକାଲ ରିସର୍ଚ୍ଚ ଆଦିରେ ମଧ୍ୟ ସମାନ ଅବସ୍ଥା। ତେବେ ରାଜ୍ୟ ଅପେକ୍ଷା କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନର ଅବସ୍ଥା ସଙ୍ଗୀନ। କୋରାପୁଟ ଜିଲ୍ଲାରେ ଥିବା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ସମସ୍ୟା ଅତ୍ୟନ୍ତ ଗୁରୁତର। ଏଠାରେ ପାଖାପାଖି ତିନି ଚତୁର୍ଥାଂଶ ଶିକ୍ଷକ ପଦ ଖାଲି ପଡ଼ିଛି। ବହୁ ବିଭାଗରେ ପ୍ରଫେସର୍ ନାହାନ୍ତି। ମାତ୍ର ୧୦ ପ୍ରତିଶତ ନିୟମିତ କର୍ମଚାରୀଙ୍କୁ ନେଇ ବିଶ୍ୱବିଦ୍ୟାଳୟ ଚାଲିଥିବା ବେଳେ ଖାଲି ପଡ଼ିଥିବା ଶିକ୍ଷକ ପଦଗୁଡ଼ିକ କେବେ ସୁଦ୍ଧା ପୂରଣ ହେବ, ସେ ସଂକ୍ରାନ୍ତରେ କୌଣସି ସୂଚନା ନାହିଁ। ତେବେ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବାରୁ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଚୟନ ପ୍ରକ୍ରିୟାରେ ରୋକ୍ ଲାଗିଛି। ଓଡ଼ିଶା ସଂଶୋଧିତ ବିଶ୍ୱବିଦ୍ୟାଳୟ ଅଧିନିୟମକୁ ୟୁଜିସି ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ବିଗତ ବର୍ଷରୁ ନିଯୁକ୍ତି ପ୍ରକ୍ରିୟାରେ ରୋକ୍ ଲଗାଯାଇଛି। ଓପିଏସସି ଦ୍ୱାରା ଚୟନ ହୋଇଥିବା ସହକାରୀ ଓ ସହଯୋଗୀ ପ୍ରାଧ୍ୟାପକମାନେ ନିଯୁକ୍ତି ପାଇ ପାରୁନାହାନ୍ତି। ଏପରି ସ୍ଥିତିରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହ ଶିକ୍ଷାର ମାନ କମୁଛି।

# ସୁଙ୍କି ଘାଟିରେ ତିଆରି ହେଉଛି ରାଜ୍ୟର ପ୍ରଥମ ଟନେଲ୍

**ଭୁବନେଶ୍ୱର :** ଦ୍ରୁତ ଗତିରେ ଆଗେଇ ଚାଲିଛି ରାଜ୍ୟର ପ୍ରଥମ ଟନେଲ ବା ସୁଡ଼ଙ୍ଗ ରାସ୍ତା। 'ଭାରତମାଳା' ପ୍ରକଳ୍ପରେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲା ସୀମା ସୁଙ୍କି ଘାଟିରେ ନିର୍ମାଣ ଚାଲିଛି ଦୁଇ ଦୁଇଟି ଟନେଲ। ୨୦୨୫ ମସିହା ସୁଦ୍ଧା ଶେଷ ହେବାକୁ ଥିବା ଏହି ପ୍ରକଳ୍ପ ପର୍ଯ୍ୟଟନପ୍ରେମୀଙ୍କ ପାଇଁ ଖାଲି ରୋମାଞ୍ଚକର ଅନୁଭୂତି ଆଣିବନି, କୋରାପୁଟ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧିରେ ମାଇଲ ଖୁଣ୍ଟ ସାଜିବ ବୋଲି କୁହାଯାଉଛି। କୋରାପୁଟ ଜିଲ୍ଲା ସୀମାରେ ରହିଛି ସୁଙ୍କି ଘାଟି। ରାଜାରାଜୁଡ଼ା ଅମଳରୁ ପର୍ବତମାଳାର ଛାତି ଚିରି ତିଆରି ହୋଇଥିଲା ଅଙ୍କାବଙ୍କା, ତୀଖ ଉଠାଣି, ପୁଣି ଗଡ଼ାଣି ଯୁକ୍ତ ଘାଟି ରାସ୍ତା। ସେହି ରାସ୍ତାରେ ଯାତ୍ରା ଯେତେ ଆନନ୍ଦଦାୟକ ସେତେ ବିପଦପୂର୍ଣ୍ଣ। ହେଲେ ଆଗକୁ କିନ୍ତୁ ପ୍ରକୃତିର ଏ ମନୋରମ ଦୃଶ୍ୟକୁ ଉପଭୋଗ କରିବାକୁ ମିଳିବ ନାହିଁ। କାରଣ ତିଆରି ଚାଲିଛି ଓଡ଼ିଶାରେ ପ୍ରଥମ ଟନେଲ ରାସ୍ତା। ତାହା



ପୁଣି ଗୋଟିଏ ନୁହେଁ, ଦୁଇଟି। ସମୁଦ୍ର ପତ୍ତନଠାରୁ ୩୦୦୦ ଫୁଟ ଉଚ୍ଚରେ। କେନ୍ଦ୍ର ସରକାରଙ୍କ ଭାରତ ମାଳା ପ୍ରକଳ୍ପ ଅଧିନରେ ଏହି ଟନେଲ୍ ନିର୍ମାଣାଧୀନ ରହିଛି। ଗୋଟିକର ଲମ୍ବ ୩.୪୨ କିଲୋମିଟର ଓ ଅନ୍ୟଟିର ଲମ୍ବ ୨.୮ କିଲୋମିଟର। ୧୬ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଛତିଶଗଡ଼ର ରାୟପୁର ଓ ଆନ୍ଧ୍ରପ୍ରଦେଶର ବିଶାଖାପଟଣା ପର୍ଯ୍ୟନ୍ତ ତିଆରି ହେଉଛି ୬ ଥାକିଆ ବିଶିଷ୍ଟ ୪୬୫ କିଲୋମିଟରର ରାସ୍ତା। ଯାହାର ଓସାର ଜଙ୍ଗଲ ରାସ୍ତାରେ ୩୫ ମିଟର ଓ ଅଣଜଙ୍ଗଲ ରାସ୍ତାରେ ୬୦ ମିଟର ରହିଛି। ସବୁଠୁ ବଡ଼ କଥା ଏହାର ଅଧିନରେ କୋରାପୁଟ ଜିଲ୍ଲା ଦେଇ ନିର୍ମାଣ ହେବ ଦୁଇଟି ଟନେଲ୍ ସମେତ ୧୨୪ କିଲୋମିଟର ରାସ୍ତା। ସେହିପରି ଏନଏଚ୍ଆଇ ଅଧିନରେ ଏହି ରାସ୍ତା ନିର୍ମାଣ ପାଇଁ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ୭୭୩ ହେକ୍ଟର ବେସରକାରୀ, ୩୦୭ ହେକ୍ଟରର ସରକାରୀ ଓ ୩୬୫ ହେକ୍ଟରର ଜଙ୍ଗଲ ଜମି ଅଧିଗ୍ରହଣ କରାଯାଇଛି। ରାୟପୁରରୁ ନବରଙ୍ଗପୁର, ଜୟପୁର ଓ କୋରାପୁଟ ଦେଇ ବିଶାଖାପାଟଣା ଯାଇଥିବା ଏହି ରାସ୍ତା ସ୍ଥାନୀୟ ଅଞ୍ଚଳର ଜୀବନ ରେଖା। ତେଣୁ ଭାରତମାଳା ପରିଯୋଜନାରେ ନିର୍ମାଣାଧୀନ ଏ ନୂଆ ୬ ଥାକିଆ ରାସ୍ତା ଓ ସେଥିରେ ଥିବା ଦୁଇ ଦୁଇଟି ଟନେଲ, ଖାଲି ଯାତ୍ରାରେ ରୋମାଞ୍ଚକର ଅନୁଭୂତି ଦେବନି, କୋରାପୁଟର ପର୍ଯ୍ୟଟନକୁ ନୂଆ ଦିଶା ଦେବା ସହ, ଶିକ୍ଷା ବିକାଶଠୁ ନେଇ ଆର୍ଥିକ ଅଭିବୃଦ୍ଧିରେ ମଧ୍ୟ ମାଇଲଖୁଣ୍ଟ ସାଜିବ ବୋଲି ପର୍ଯ୍ୟଟକ ଓ କୋରାପୁଟ ଜିଲ୍ଲାର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ଯୋଡ଼ିହେଲା ସ୍ୱତନ୍ତ୍ର ସ୍କ୍ୱାଡ୍

### ସାମିଲ ହେବେ ବୋମା ନିଷ୍କ୍ରିୟକାରୀ ଟିମ୍, ଡଗ୍ ସ୍କ୍ୱାଡ୍

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଆହୁରି କଡ଼ାକଡ଼ି ହେବ। ସେଥିପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ପାହ୍ୟାରେ ୨୬ଟି ପଦବୀ ସୃଷ୍ଟି କରାଯାଇଛି। ସେମାନଙ୍କ ମଧ୍ୟରେ ଦୁଇଜଣ ଡେପୁଟି କମାଣ୍ଡାଣ୍ଟ, ସହକାରୀ କମାଣ୍ଡାଣ୍ଟ, ଇନ୍ସପେକ୍ଟର, ୪ଜଣ ଏସ୍ଆଇ, ଦୁଇଜଣ ଏଏସ୍ଆଇ, ୨ଜଣ ଡ୍ରାଇଭର, ହାବିଲଦାର, ୬ଜଣ କନ୍ଷ୍ଟେବଲ ରହିଛନ୍ତି। ଏହି ଟିମ୍ ନିକଟରେ ରହିବ ବନ୍ଧୁକ ରହିବା ସହ ସେମାନଙ୍କୁ ବନ୍ଧୁକ ଚଳାଇବା ପାଇଁ ମଧ୍ୟ ସ୍ପେଶାଲ ଟ୍ରେନିଂ ଦିଆଯିବ। ପୂର୍ବରୁ ଓଡ଼ିଶା ପୁଲିସ ଏଭଳି ସ୍ୱତନ୍ତ୍ର ୟୁନିଟ୍ ଥିଲା। କିନ୍ତୁ ସେଗୁଡ଼ିକ ମୁଖ୍ୟମନ୍ତ୍ରୀ ସୁରକ୍ଷା ସହ ଅନ୍ୟ ଭିଆଇପି ସୁରକ୍ଷାରେ ରହୁଥିଲେ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ସମସ୍ୟା ହେଉଥିଲା। କିନ୍ତୁ ଏବେ ଏକ ଟିମ୍ ସ୍ୱତନ୍ତ୍ର ଭାବେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ରହିବେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ଯୋଡ଼ି ହୋଇଥିବା ଏହି ଟିମ୍‌କୁ ସ୍ପେଶାଲ ତାଲିମ୍ ଦିଆଯିବ। ଏହି ଟିମ୍‌କୁ ସହଯୋଗ କରିବେ ବୋମା ଚିହ୍ନଟକାରୀ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍। ରାଜ୍ୟ ସରକାର ୧୪ଟି ସୁରକ୍ଷା ଟ୍ରେନିଂ ସେଣ୍ଟରକୁ ମଧ୍ୟ ମଞ୍ଜୁର କରିଛନ୍ତି। ଏହି ଟିମ୍ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବା ସ୍ଥାନରେ ଦୁଇ ଘଣ୍ଟା ପୂର୍ବରୁ ପହଞ୍ଚିବେ। ସେଠାରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ସହ ବୋମା ନିଷ୍କ୍ରିୟକାରୀ ଦଳ ଏବଂ ଡଗ୍ ସ୍କ୍ୱାଡ୍ ମଧ୍ୟ ଛାନ୍ଭିନ୍ କରିବେ। ଆହୁରି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ନବୀନ ନିବାସରେ ୯୧ଟି ପୋଷ୍ଟକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଥିରେ ବିଭିନ୍ନ ର୍ଯାଙ୍କ୍ର ଅଧିକାରୀ ରହିଛନ୍ତି। ଅନେକ ସମୟରେ ନିର୍ବାଚନ



ସମୟରେ ମୁଖ୍ୟମନ୍ତ୍ରୀଙ୍କ ରାଲି ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହୋଇଥାଏ। ଅନେକ ଅସାମାଜିକ ବ୍ୟକ୍ତି ମଧ୍ୟ ସଭାସ୍ଥଳ ନିକଟକୁ ଚାଲିଯିବାର ଦୃଷ୍ଟାନ୍ତ ରହିଛି। ତେଣୁ ଏଭଳି ସମସ୍ୟା ଦୂର କରିବା ନିମନ୍ତେ ଏହି ୟୁନିଟ୍ ଗଠନ କରାଯାଇଛି। ଏହି ସ୍ପେଶାଲ ୟୁନିଟ୍‌କୁ ବ୍ଲାକ୍ କମାଣ୍ଡ ଭଳି ଟ୍ରେନିଂ ଦିଆଯିବ। ସେମାନେ ମଞ୍ଚ ନିକଟରେ ଛିଡ଼ା ହେଲେ ମଧ୍ୟ ସେମାନଙ୍କ ଆଖି ସବୁ ଜନତାଙ୍କ ଉପରେ ରହିଥିବ। ଯଦି କୌଣସି ଅସାମାଜିକ ବ୍ୟକ୍ତି କିଛି ଅଘଟଣ ଘଟାଇବାକୁ ଯୋଜନା କରନ୍ତି, ତାଙ୍କୁ ତୁରନ୍ତ ସେମାନେ ଉଠାଇ ନେବେ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳ ଗ୍ରସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ତାଙ୍କ ସୁରକ୍ଷାରେ ଯେପରି ତ୍ରୁଟି ନ ହେବ ସେଥିଲାଗି ଏହି ସ୍ପେଶାଲ ୟୁନିଟ୍ ଗଠନ କରାଯିବ। ସେମାନେ ସବୁବେଳେ ମୁଖ୍ୟମନ୍ତ୍ରୀଙ୍କ ପାଖେ ପାଖେ ରହିବେ। ଅନେକ ସମୟରେ ମଧ୍ୟ ଏହି ଟିମ୍ ସାଦା ପୋଷାକରେ ମଞ୍ଚ ତଳ ଏବଂ ଜନସାଧାରଣଙ୍କ ମଧ୍ୟରେ ଲୁଚି ରହିବେ। ଅସାମାଜିକ ବ୍ୟକ୍ତି କିଛି ଅଘଟଣ ଘଟାନ୍ତି ତେବେ ସେମାନଙ୍କୁ ତୁରନ୍ତ ଧରିନେବେ।

# ମଡେଲ୍ ସାଜିଛି ଓଡ଼ିଶାର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍'

**ଭୁବନେଶ୍ୱର:** ଓଡ଼ିଶାରେ ଚାଲିଥିବା ୨୪ ଘଣ୍ଟିଆ ଜଳ ଯୋଗାଣ ଓ 'ଡ୍ରିଙ୍କ୍ ଫ୍ରମ ଟ୍ୟାପ' ଯୋଜନା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ମଡେଲ୍ ସାଜିଛି। ଦେଶର ବିଭିନ୍ନ ରାଜ୍ୟ ଓଡ଼ିଶା ଭଳି ନିଜ ରାଜ୍ୟରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ପଦ୍ଧତି ଆପଣାଇ ଲୋକମାନଙ୍କୁ ସିଧା ସଳଖ ଟ୍ୟାପ୍ରୁ ବିଶୁଦ୍ଧ ପାଣି ଯୋଗାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହି କ୍ରମରେ ନିକଟରେ ଦିଲ୍ଲୀ ସରକାରଙ୍କ ଜଳ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ଦିଲ୍ଲୀ ଜଳ ବୋର୍ଡର ଅଧ୍ୟକ୍ଷ ସୌରଭ ଭରଦ୍ୱାଜଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କ ଡ୍ରିଙ୍କ ଫ୍ରମ୍ ଟ୍ୟାପ ବ୍ୟବସ୍ଥା ଦେଖିଛନ୍ତି। ୧୮ ଓ ୧୯ ତାରିଖ ଏହି ଟିମ୍ ଦୁଇ ଭୁବନେଶ୍ୱର ଓ ପୁରୀରେ ବୁଲିବା ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଦିଲ୍ଲୀ ସରକାରଙ୍କ ଏହି ଟିମ୍‌କୁ ଓଡ଼ିଶାର ଜଳ ଆୟୋଗ 'ୱାଟକୋ'ର ବରିଷ୍ଠ ଅଧିକାରୀମାନେ ଓଡ଼ିଶାର ଜଳ ପରିଚାଳନା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ସେମାନଙ୍କୁ ଭୁବନେଶ୍ୱର ଓଡ଼ିଶା ଜଳ ଏକାଡେମୀଠାରେ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲ। 'ଡ୍ରିଙ୍କ ଫ୍ରମ ଟ୍ୟାପ୍' କିପରି ଆରମ୍ଭ ହୋଇଥିଲା ଓ କେମିତି ଲୋକଙ୍କୁ ଏଥିରେ ଅଂଶଗ୍ରହଣ କରାଯାଇପାରୁଛି ସେ ସମ୍ପର୍କରେ ଅବଗତ କରାଯାଇଥିଲା। ସେହିପରି ମନ୍ତ୍ରୀଙ୍କ ସମେତ ଏହି ଅଧିକାରୀମାନଙ୍କୁ ପୁରୀ ଗସ୍ତ କରିଥିବା ବେଳେ ପୁରୀରେ ଚାଲୁ ହୋଇଥିବା 'ଡ୍ରିଙ୍କ ଫ୍ରମ ଟ୍ୟାପ୍' ଦେଖିଥିଲେ। କେମିତି ଜଳ ବିଶୋଧନ କରାଯାଉଛି ଓ ଲୋକମାନେ ସିଧା ସଳଖ ଟ୍ୟାପ୍‌ରୁ ପାଣି ପିଇପାରୁଛନ୍ତି ଅଧିକାରୀମାନେ ଦେଖିଥିଲେ। ଏହି ସମୟରେ ଅଧିକାରୀମାନେ ଓଡ଼ିଶା ଜଳସାଥୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ରାଜ୍ୟ ସରକାର ଲୋକଙ୍କୁ ଉନ୍ନତ ସେବା ଯୋଗାଇ ଦେବା ସହିତ ମିଶନ ଶକ୍ତି ମହିଳାଙ୍କୁ ଏଥିରେ ସମ୍ପୃକ୍ତ କରି ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରୁଛନ୍ତି। ଏହି ସମୟରେ ୱାଟର ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ ବୁଲିବା ସହିତ, 'କୁଇକ ରେସପନ୍ସ ଟିମ', ଓ 'ଲ୍ୟାବ୍ ଅନ ହୁଇଲ୍' ଆଦି ବୁଲି ଦେଖିଛନ୍ତି। ଭୁବନେଶ୍ୱରର ସାଲିଆ ସାହି ବସ୍ତିରେ ଏହି ଯୋଜନା ପାଇଲଟ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରାଯାଇଥିବାରୁ ସେଠାକୁ ମଧ୍ୟ ଟିମ୍ର ସଦସ୍ୟମାନେ ଗସ୍ତ କରିଥିଲେ। ରାଜ୍ୟରେ ଏହି ଯୋଜନା ବର୍ତ୍ତମାନ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଥିବା ବେଳେ ଅନ୍ୟ ରାଜ୍ୟରୁ ଆସୁଥିବା ଅଧିକାରୀମାନଙ୍କୁ ସମସ୍ତ ପ୍ରକାର ଜ୍ଞାନକୌଶଳ ବାବଦରେ ତାଲିମ ଦିଆଯାଉଥିବା ୱାଟକୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସ୍ୱାଇଁ କହିଛନ୍ତି।

## ଧାରାବାହିକ ଉପନ୍ୟାସ



**କ୍ଷୀରୋଦ ଦାସ**



ଭାଗ-୧୩

(ପୂର୍ବପ୍ରକାଶ ଉତ୍ତାରୁ)

: ନା କଥା ସେୟା ନୁହେଁ। ଜଣେ ଭଲ ଡାକ୍ତର ଓ ଭଲ ମଣିଷ ଭାବରେ ଆପଣଙ୍କୁ ମୁଁ ଖୁବ୍ ସମ୍ମାନ କରେ। ଆପଣଙ୍କ ସମ୍ମାନହାନି ହେବା ମୋତେ ସୁଖ ଦେଉନି ବୋଲି କହିଲି ଏକଥା। ମୋତେ କ୍ଷମା କରିବେ।"

ଶୁଭକାନ୍ତ ଆବେଗରେ ମୁଠାଇ ଧରିଲେ ଭଦ୍ରବ୍ୟକ୍ତିଙ୍କ ଦୁଇ ହାତକୁ। ତାଙ୍କର ମୂଲ୍ୟବାନ ପରାମର୍ଶ ପ୍ରତି ଧ୍ୟାନ ଦେବେ ବୋଲି ମୁଣ୍ଡ ହଲାଇ ସମର୍ଥନ କରିବା ପରେ ବିଦାୟ ନେଲେ ରାଜେଶ ବାବୁ।

ଶୁଭକାନ୍ତ ଜାଣିସାରିଥିଲେ ତାଙ୍କର ଆକଟ, ଅନୁଶାସନ ଆଉ ଅଟକାଇପାରିବନି ନିଜ ସନ୍ତାନକୁ। ଯେଉଁ ରାସ୍ତାରେ ସେ ପାଦ ଥାପି ସାରିଲାଣି, ସେଠୁ ଲେଉଟଣି ପାଦ ପକାଇ ସୁବାଟକୁ ଆସିବା ତା' ପକ୍ଷରେ ବିଲ୍‌କୁଲ୍ ଅସମ୍ଭବ। ଯାହା ବି ସେ ଆସିଥାଆନ୍ତା, ସେ ବାଟ ବନ୍ଦ କରିଦେଇଛି ମା' ରାଜଲକ୍ଷ୍ମୀଙ୍କ ଅନ୍ଧ ପୁତ୍ରମୋହ।

ସମସ୍ତ ବିଦ୍ୟାବୁଦ୍ଧି, ଧନ ସଂପଦ, ପ୍ରାଚୁର୍ଯ୍ୟ ଓ ସାମର୍ଥ୍ୟ ସତ୍ତ୍ୱେ ମଣିଷ ଯେ କେତେ ଦୟନୀୟ, କେତେ ଅସହାୟ ଓ ଶକ୍ତିହୀନ, ସେକଥା ମର୍ମେ ମର୍ମେ ଅନୁଭବ କରୁଥିଲେ ଡାକ୍ତର ଶୁଭକାନ୍ତ।

ସଂଜୟର କଳା କାରନାମା କଥା କହିବସିଲେ ସରିବ ନାହିଁ।

କଲେଜ ବେଳର କଥା। ଇଂରାଜୀ କ୍ଲାସ ଚାଲିଥାଏ। ତୃତୀୟ ଧାଡିରେ ବସିଥାଏ ସଂଜୟ, ତାର କେଇଜଣ ବଚସ୍କର ସାଙ୍ଗମାନଙ୍କ ସହ। ଦୁଇଦିନ ତଳେ ତାର ବଚସା ହୋଇଥାଏ ପଲ୍ଲବୀ ନାମଧାରୀ ଝିଅ ସହିତ। ସଂଜୟ ବାବୁ ଆମର ଟୁ-ହ୍ୱିଲର ନୁହେଁ, ଅଧିକାଂଶ ସମୟ କାର ନେଇ କଲେଜ ଯାଆନ୍ତି। କାର୍ ନେଇକି କଲେଜ ଗଲେ ସାଙ୍ଗ ମହଲରେ କାଲେ ନିଜର ମର୍ଯ୍ୟାଦା ବଢ଼ିଯାଏ। ପାଞ୍ଚଲୋକରେ ଜଣେ ବୋଲି ଚିହ୍ନ ହୋଇଯାଏ। ତେଣୁ ପୁଅ କଲେଜ ଗଲା ସମୟରେ ଗ୍ୟାରେଜରୁ କାର୍ ବାହାର କଲେ ମା' କୌଣସି ଆପତ୍ତି କରନ୍ତି ନାହିଁ, ବରଂ ହସ ହସ ମୁହଁରେ ସମର୍ଥନ କରନ୍ତି।

ଦୁଇଦିନ ପୂର୍ବେ ସଂଜୟର କାର୍ ଆଗରେ ପଲ୍ଲବୀ ତା ହୋଣ୍ଡା ଆକ୍ଟିଭା ଗାଡିଟିକୁ ରଖି କ୍ଲାସକୁ ପଳେଇଥିଲା। ସଂଜୟ ଚାହିଁଥିଲେ ଆକ୍ଟିଭାଟିକୁ ଟିକେ ସାଇଡ୍ କରିଦେଇ କାର୍ ବାହାର କରି ଯାଇପାରିଥାଆନ୍ତା। ସେପରି କଲେ ତା ପ୍ରେଷ୍ଟିଜ୍ ଚାଲିଯିବାର ଆଶଙ୍କା ଥିବାରୁ ସେ ଗାଡି ଭିତରେ ବସି ଦଶ ମିନିଟ୍ କାଳ ନିରବଚ୍ଛିନ୍ନ ଭାବେ ହର୍ଣ୍ଣ ବଜାଇଲା ଏବଂ ଶେଷରେ ଆକ୍ଟିଭାକୁ ଧକ୍କା ମାରି କାର୍ ଚଢ଼େଇ ଚାଲିଗଲା। ପଲ୍ଲବୀର ଗାଡି ଭାଙ୍ଗି ଚୂରମାର୍।

କ୍ଲାସରୁ ଫେରି ପଲ୍ଲବୀ ଗାଡିର ଅବସ୍ଥା ଦେଖି କାନ୍ଦି ପକାଇଲା। ଆଉ ଜଣେ ଦି' ଜଣ ସାଙ୍ଗଙ୍କ ସହ ଯାଇ ପ୍ରିନ୍‌ସପାଲ୍‌ଙ୍କ ଆଗରେ ଅଭିଯୋଗ କଲା। ଖୋଦ୍ ପ୍ରିନ୍‌ସିପାଲ୍ ମଧ୍ୟ ଅତିଷ୍ଠ ହୋଇ ପଡିଥିଲେ ସଂଜୟର ଉଦ୍ଧତ ଓ ଉଚ୍ଛୃଙ୍ଖଳ ବ୍ୟବହାରରେ।

"ଗାଡି ସଜଡା ହେବ ପଲ୍ଲବୀର। ଯାହା ଖର୍ଚ୍ଚ ଲାଗିବ, ତାକୁ ତୁମେ ଭରଣା କରିବ। ଏକଥା ମୁଁ ଜଣାଇ ଦେଉଛି ତୁମ ବାପାଙ୍କୁ।" -ଆଦେଶ ଦେଲେ ପ୍ରିନ୍‌ସିପାଲ୍।

: ଆବଶ୍ୟକ ନାହିଁ କାହାକୁ ଜଣାଇବା। ଯାହା ଖର୍ଚ୍ଚ ହେବ, ତାହା ମୋର ଗୋଟିଏ ଦିନର ପକେଟ୍ ଖର୍ଚ୍ଚ। ସଙ୍ଗେ ସଙ୍ଗେ ଦେଇଦେଉଛି। - ସଂଜୟ କହିଲା ଏବଂ ପର୍ସ ଖୋଲି ପୁଳାଏ ନୋଟ୍ ବଢ଼ାଇଦେଲା ପ୍ରିନ୍‌ସିପାଲ୍‌ଙ୍କ ହାତକୁ।

ଭଲାରେ ଭଲା, ତୋର ଯାହା କ୍ଷତି ହେଲା, ମୋତେ ନ କହି ଏକାଥରକେ ଯାଇ ପ୍ରିନ୍‌ସିପାଲ୍‌ଙ୍କୁ କାହିଁକି କହିଲୁ? -ସଂଜୟର କ୍ରୋଧ ଚାରିଗୁଣ ହୋଇଗଲା ପଲ୍ଲବୀ ଉପରେ।

ସେଦିନ ଅନର୍ସ କ୍ଲାସରେ ପଲ୍ଲବୀ ବସିଥାଏ ସଂଜୟର ଠିକ୍ ଆଗ ସିଟ୍‌ରେ। ଗୋଟେ କଇଁଚି ଧରି ସେଦିନ ଆସିଥିଲା ସଂଜୟ। ପଲ୍ଲବୀର ବେଣୀକୁ ତଳଆଡୁ ତିନି ଚାରି ଇଞ୍ଚ କଟ୍ କରି କାଟିଦେଲା ସେ।



ସାରା କଲେଜରେ ହଇଚଇ ସୃଷ୍ଟି ହୋଇଗଲା। ସବୁ ଝିଅ ପିଲାମାନେ ମେଳିବାନ୍ଧି ଏ ଘଟଣାର ପ୍ରତିବାଦ କଲେ ପ୍ରିନ୍‌ସିପାଲ୍‌ଙ୍କ ଆଗରେ। ତାଙ୍କ ଅଫିସ୍ ସାମ୍‌ନାରେ ଧାରଣାରେ ବସିଗଲେ। ଘଟଣାଟା ତାଙ୍କ ଅକ୍ତିଆର ବାହାରକୁ ଚାଲିଯାଉଛି ହୃଦୟଙ୍ଗମ କରି ପ୍ରିନ୍‌ସିପାଲ ସଙ୍ଗେ ସଙ୍ଗେ ଫୋନ୍ ଲଗାଇଲେ ସଂଜୟର ବାପାଙ୍କୁ।

ସେତେବେଳେ କ୍ଲିନ୍‌କ୍‌ରେ ଗୋଟେ ଜରୁରୀ ଅପରେସନ୍‌ରେ ବ୍ୟସ୍ତ ଥିଲେ ଶୁଭକାନ୍ତ।

: ଆପଣ କଲେଜ୍ ଆଡେ ଟିକେ୍ ଆସିପାରିବେ କି? - ପ୍ରିନ୍‌ସିପାଲ୍ କହିଲେ।

: ନିଶ୍ଚୟ ଯିବି। ଏବେ କିନ୍ତୁ ଗୋଟେ ଅପରେସନ୍‌ରେ ବ୍ୟସ୍ତ ଅଛି। କଣ ହୋଇଛି କୁହନ୍ତୁ - ଶୁଭଙ୍କର ପଚାରିଲେ।

: ଏତେ ଉଦ୍ଧତ ଆଉ ଅଭଦ୍ର ଯୁବକ ମୁଁ ଦେଖିନାହିଁ ମୋର ତେତିଶ ବର୍ଷର ଅଧ୍ୟାପନା ଜୀବନରେ। ମୁଁ ଆପଣଙ୍କ ପୁଅ ସଂଜୟ କଥା କହୁଛି। ଆଜି ସେ ଯେଉଁ କାଣ୍ଡ କରିଛି, ତାକୁ କଲେଜରୁ ବହିଷ୍କାର ନ କରି ଆଉ କିଛି ବାଟ ନାହିଁ...

: ମୁଁ ଆଧା ଘଣ୍ଟା ଭିତରେ ପହଞ୍ଚୁଛି କଲେଜରେ। - କହିଲେ ଶୁଭକାନ୍ତ।

ସବୁ ଶୁଣିସାରିବା ବେଳକୁ ଲଜ୍ଜା ଓ ଅପମାନରେ ଲାଲ୍ ପଡିଯାଇଥିଲା ଶୁଭକାନ୍ତଙ୍କ ମୁହଁ। ପ୍ରିନ୍‌ସିପାଲ୍‌ଙ୍କୁ ଯୋଡହସ୍ତରେ କହିଲେ:

ମୁଁ ଗଭୀର ମର୍ମାହତ ଓ ଲଜ୍ଜିତ ଆଜ୍ଞା! ତା' ତରଫରୁ ମୁଁ ଆପଣଙ୍କୁ ଓ ସେଇ ଝିଅକୁ କ୍ଷମା ମାଗୁଛି। ପରବର୍ତ୍ତୀ ସମୟରେ ଯେପରି ତା' ତରଫରୁ କିଛି ଅଘଟଣ ନ ଘଟେ, ସେଥିପ୍ରତି ଧ୍ୟାନ ଦେବି। ଏଇଥରକ ତାକୁ କ୍ଷମା କରନ୍ତୁ।"

ରାଜ୍ୟର ଜଣେ ପ୍ରତିଷ୍ଠିତ ଡାକ୍ତର, ଜଣେ ଅତ୍ୟନ୍ତ ଭଦ୍ର ଓ ଅମାୟିକ ବ୍ୟକ୍ତି, କୁଳାଙ୍ଗାର ପୁଅର କୁକାର୍ଯ୍ୟ ପାଇଁ ଯେପରି ଦୟନୀୟ ଭାବେ କ୍ଷମାଭିକ୍ଷା କରୁଛନ୍ତି, ତାହା ବେଶ୍ ପ୍ରଭାବିତ କଲା ପ୍ରିନ୍‌ସିପାଲ ଏବଂ ପଲ୍ଲବୀକୁ। ଆଉ ଅଧିକ ସେ କିଛି କହିପାରିଲେ ନାହିଁ। ପ୍ରବଳ ଏକ ଅସନ୍ତୋଷ ଭାବ ତାଙ୍କ ମୁହଁରେ କିନ୍ତୁ ଉଙ୍କି ମାରୁଥିଲା ସେତେବେଳେ।

- "ସହପାଠୀମାନଙ୍କ ସହ ଏପରି ଅଭଦ୍ରୋଚିତ ବ୍ୟବହାର ଏବଂ କୁକାର୍ଯ୍ୟ କରିବା କେଉଁ ଭଦ୍ରାମିରେ ଯାଏ? କଲେଜରୁ ତଡା ଖାଇବାକୁ ଯଦି ଇଚ୍ଛା ଅଛି, ତେବେ ମୋର କିଛି କହିବାର ନାହିଁ। ଯଦି ପାଠ ପଢ଼ିବାକୁ ଇଚ୍ଛା ନାହିଁ, ନ ପଢ଼। ହେଲେ ଏପରି ଘୃଣ୍ୟ, ନୀଚ କାମ କରି କାଇଁକି ବାପା-ମା'ଙ୍କ ନାଁ ତଳେ ପକାଉଛୁ?

ସେଦିନ ସଂଧ୍ୟାବେଳେ ଶୁଭକାନ୍ତ ସଂଜୟକୁ ଡାକି ପଚାରୁଥିବା ବେଳେ ରାଜଲକ୍ଷ୍ମୀ ଧାଇଁ ଆସି ପଚାରିଲେ- "କଣ କରିଛି କି ସେ? କାଇଁକି ତାକୁ ଧମକାଉଛ? କି ଭୁଲ୍ କରିଛି ସେ?

: "ତୁମ ହୀରାମୁଣ୍ଡା ପୁଅ କେବେ ଭଲ କାମ କଲାଣି? ଭୁଲ୍ କାମ୍ କରିବ କ'ଣ? ସେ ନିଜେ ଗୋଟ ଭୁଲ୍। ସରି, ସେ କାଇଁକି ଭୁଲ୍ ହେବ? ମୁଁ ନିଜେ ହିଁ ଭୁଲ୍,। ତା' ପରି ଛୁଆଟେ ଜନ୍ମ ଦେଇଥିବାରୁ।" - ପ୍ରଚଣ୍ଡ ବିରକ୍ତିର ସହ କହିଲେ ଶୁଭକାନ୍ତ।

(କ୍ରମଶଃ)

## ନିଜସ୍ୱ କବିତା



### ଜୀବନ

**ଦେବସ୍ମିତା ବିଶ୍ୱାଳ**



ଜୀବନର ମାନେ ନୁହଁ
ଲୁଚକାଳି ଖେଳ
ନୁହେଁ ତ ଜୀବନ ଏକ
ଶୀତୁଆ ସକାଳ
ନୁହେଁ ତ ଜୀବନ ଖାଲି
ବସନ୍ତରେ କୋକିଳର ତାଳ
ଲୁଚି ରହିଥାଏ ଏଠି
ଗ୍ରୀଷ୍ମର ଗରମ ପବନ
ଜୀବନ ବି ନୁହେଁ ଖାଲି
ଶରତର କାକର ଭିଜା ଘାସ
ଜୀବନ ମରୀଚିକାରେ
କେହି କେବେ ମେଣ୍ଟେଇନି ଶୋଷ
ଜୀବନର ତରୁଡାଳେ
ଦୁଇଟି ଚଢ଼େଇ
ଆସିଥାନ୍ତି ସୁଖ ଦୁଃଖ ନା' ନେଇ
ଦୁଃଖରେ ସୁଖରେ ଆଲୋକ
ଦେଖିଥାଏ ଯିଏ
ଜୀବନରେ ସେହି ଏକା
ସୁଖୀ ରହିଥାଏ।
ଜୀବନ ଶିଖାଏ ଏଠି
ମନରେ ରଖିବାକୁ ଦମ୍ଭ
କାରଣର ସମାପ୍ତର ମାନେ
ଏଠି ଆଉ ଏକ ଆରମ୍ଭ।

ସାଲେପୁର, କଟକ
ଦୂରଭାଷ : ୭୦୦୮୧୮୧୯୯୭

### ଦିଶା ଓଡ଼ିଶା

**ରକ୍ଷକ ନାୟକ**



ଯାହାକୁ କୁହନ୍ତି ଝଡ଼ ବେଗରେ
ସେ ପଶିଆସିଲା ମୋ ଡ୍ରଇଁରୁମ୍‌କୁ
ଅବୋଧ ଚିତ୍କାର, ବିଳାପ, କାନ୍ଦ
ଆଖିରୁ ଲୁହ ଧାର ଧାର
ସେ କହିଲା; ଓଡ଼ିଶା ଆଉ ନାହିଁ
କିଏ ନେଇଯାଇଛି।
ସେ ମୋର ହାଇସ୍କୁଲ ସହପାଠୀ
ପ୍ରକାଶ ପରିଡ଼ା, ଇତିହାସରେ
ପି.ଜି. କରିଥିଲା, ତା'ପରେ
କ'ଣ କଲା କୁଆଡ଼େ ଗଲା
ମତେ ଜଣା ନଥିଲା।
ଖବରକାଗଜରେ ପ୍ରାୟ ନାଁ ବାହାରୁଥିଲା
ଏ ସେ କି ଆଉ କିଏ
ମୋର ଜାଣିବାର ଇଚ୍ଛା ନ'ଥିଲା।
ମୁଁ କହିଲି, ମୁଁ ତ ଓଡ଼ିଶାରେ ଅଛି
କେମିତି କିଏ ନେଇଯିବ ଓଡ଼ିଶାକୁ
ସେ କହିଲା; ତୁ ଭୂଗୋଳରେ ଅଛୁ
ଭାବ କଥା କେବେ ଚିନ୍ତା କରିଛୁ?
ତୋ' ଭୂଗୋଳକୁ ଧର୍ଷଣ କରିବାକୁ
କେତେ ଆୟୋଜନ, ତୋ' ମାଟି ତଳେ
ରଖାଯାଉଛି କେବଳ ଶୂନ୍ୟସ୍ଥାନ
ତୁ କ'ଣ କିଛି ଦେଖୁନୁ?
ତୋ' ମା'ର ବସ୍ତ୍ର ଅଳଙ୍କାର ସବୁ
ଏବେ ବିକ୍ରୀ ହେଉଛି ବିଶ୍ୱ ବଜାରରେ
ତୁ ଶୋଇଛୁ ନିଦରେ।
ଏତେ କଥା ଘଟିଲାଣି,
କାହିଁ ମତେ ତ ଜଣାନାହିଁ
ମୁଁ ଯେଉଁ ମାଟିକୁ ନେଇ ଗର୍ବ କରେ
ସେ କ'ଣ ଏବେ ଷ୍ଟକ୍ ମାର୍କେଟରେ!
ପ୍ରକାଶ ପରିଡ଼ା!
ଥୟ ଧର, ଥୟ ଧର
ବହୁଛି ଖଣ୍ଡାୟତ ରକ୍ତ
ମୋର ଶିରା ଧମନୀରେ।
ଆମେ କେବେ ରଜାକୁ ଅପେକ୍ଷା କରିଛେ!
ଆମେ ଲଢ଼ିବା ଆମ ଯୁଦ୍ଧ
ରଜା ପ୍ରଜା କିଛି ନାହିଁ, ଧର୍ମ ଯୁଦ୍ଧ
ଯୁଦ୍ଧ ଓଡ଼ିଶା ସପକ୍ଷରେ।

*ରାଜଭବନ, ଭୁବନେଶ୍ୱର*
*ମୋ.୯୪୩୭୧୭୧୪୪୦*

### ରେବତୀର ବିଳାପ

**ଅନସୂୟା ମହାପାତ୍ର**



କାଲି
ରେବତୀ ମୁଁ
କେଉଁ ଏକ ଅତୀତ ପୃଷ୍ଠାରେ
ପରିଚୟ କ୍ଷୁଦ୍ର ମୋର
ଗୁଞ୍ଜରିତ କର୍ଣ୍ଣଗୁହରରେ
ତିରିଲାଟିଏ ମୁଁ
ପିଠାପଣା ଅବା ଝୋଟି ଦେବାର
ଜେଜିମାର ଏକ ଛୋଟ ଦୁନିଆରେ ବନ୍ଦୀ
ବ୍ୟାସଙ୍କର ସର୍ଜନାରେ ପରାହତ
ମୁଁ ଏକ ସୁଷୁପ୍ତ କାହାଣୀ
ବାରଣ ଥିଲା ମୋ ପାଇଁ
ଜାଣିବାକୁ ଅଜଣା ଦୁନିଆ
କାଳର ସେ କଳା ଛାୟା
ପୋଛିନେଲା ପିତା ମାତା
ପ୍ରିୟଜନ ବାସୁଭାଇଟିକୁ
ସ୍ୱପ୍ନାତୁର ମୋ ଜୀବନ
ପ୍ରଜାପତି ଡେଣା ନେଇ ଉଡୁଥାଏ
ଆକଟର ଓଢଣୀ ଟେ ଟାଣି
ମୋ ଜେଜୀମା ଦାଣ୍ଡ ପିଣ୍ଡାଟାରେ
ଲୋ ରେବି ଲୋ ନିଆଁ ଲୋ ଚୁଲୀ ଡାକ
ତୋଳୁଅଛି ନିଜ ଅନ୍ତିମ ସ୍ୱରର
ଅସହାୟ ଏକ ଅସ୍ତରାଗଟିଏ ।
ଆଜି
ରେବତୀ ମୁଁ
ବର୍ତ୍ତମାନର ଉଜ୍ଜ୍ୱଳ ପୃଷ୍ଠାରେ
ପରିପୁଷ୍ଟ ମୁଁ ସନ୍ତୁଷ୍ଟ
ସମୟର ଘୂର୍ଣ୍ଣନ ଭଉରୀରେ
ମୁଁ ସଶକ୍ତିକରଣର ଧ୍ୱଜାଧାରୀ
ଜାଣିଜାଣି ଜିଣିଛି ଦୁନିଆ
ମୁହିଁ ମୋର ବାହୁବଳେ
ଲିଭାଇ ସେ ଲକ୍ଷ୍ମଣର ରେଖା
ଡେଇଁଛି ମୁଁ ସାତଦରିଆ ତେର ନଈ
ଏ ମାଟିରୁ ଚନ୍ଦ୍ରଯାନ ଯାଏଁ ଅଗମ୍ୟକୁ ଗତି କରି
ଲିଭିଛି ମୋ ଜେଜେମାର ସ୍ୱର
ସେବା ଡାଳେ ଅଗଣାରୁ ମହାକାଶ ଯାଏ
ଶାସନ ଅବା ଶୃଙ୍ଖଳାର ରଜ୍ଜୁଧରି
ହୃଦୟର ଦୁର୍ଲଂଘ୍ୟ ଆଦେଶରେ
ସ୍ୱୟଂସିଦ୍ଧା ମୁଁ ପାରଗ ପଣରେ
ଆକାଂକ୍ଷା ମୋ ଉନ୍ମୀଳିତ ବିକଶିତ
ନାହିଁମାତ୍ର ସନ୍ଦେହଟି ତିଳେ

*ଶିକ୍ଷୟିତ୍ରୀ, ଦୂରଭାଷା -୮୭୬୩୩୯୭୧୯୯*

## ଯୌଥ ପରିବାର

**ସୁନନ୍ଦା ମହାନ୍ତି**



ତିନି ପୁଅ ତିନି ବୋହୁ ଓ ତିନି ନାତିଙ୍କୁ ନେଇ ପଟ୍ଟନାୟକ ଦମ୍ପତ୍ତିଙ୍କ ସଂସାର। ତିନି ବୋହୁ ଭିତରେ ତାଳ ମେଳର ଅଭାବ ପିଲାଙ୍କ ଉପରେ ପ୍ରଭାବ ପକାଇବା ଦ୍ୱାରା ଓଁ, ନମ ଓ ଶିବା ତିନିହେଁ ବିପଥଗାମୀ ହୋଇଯାଇଥାନ୍ତି। ଖାନଦାନୀ ପରିବାରର ମୁଖ୍ୟ ସୁବ୍ରତ ବାବୁଙ୍କୁ କଷ୍ଟ ହୁଏ। ପଟ୍ଟନାୟକ ବଂଶର ପିଲା ହୋଇ ଜ୍ଞାନ ବୁଦ୍ଧି ବିଦ୍ୟାରେ ପଛୁଆ ରହୁଥିବା ତିନି ନାତିଙ୍କୁ ସେ ବହୁତ ଗପ କୁହନ୍ତି। ସେଥିରେ ତାଙ୍କୁ ତାଙ୍କ ସହଧର୍ମିଣୀ ଅଳକା, ପିଲାମାନଙ୍କ ଜେଜେମା ମଧ୍ୟ ସାହାଯ୍ୟ କରନ୍ତି କିନ୍ତୁ ବାପା ମାନଙ୍କ ଉଦାସୀନତା ଓ ମାଆ ମାନଙ୍କର ଦୂରଦୃଷ୍ଟିହୀନତା ଯୋଗୁଁ ପିଲା ତିନିଜଣଙ୍କ ଭିତରେ କିଛି ପ୍ରତିକ୍ରିୟା ନଥିଲା। ଜେଜେମା ଜେଜେ ହିସାବରେ ଆକଟ କରି କିଛି କହିହେଉନଥିଲା କି ଗାଳି ଦେଇ ହେଉନଥିଲା। ଅଳକା ଓ ସୁବ୍ରତ ଚିନ୍ତାରେ ରହୁଥିଲେ। ପ୍ରଭୁ ଗଣେଷଙ୍କୁ ଡାକୁଥିଲେ। ପ୍ରଭୁ ବିଘ୍ନ ବିନାଶନ ବୁଦ୍ଧିଦାତା ଜ୍ଞାନ କୌଶଳ ପ୍ରଦ୍ୟୋକ୍ତା ପ୍ରଭୁ ବାଟ ବାତାଇ ଦିଅ ପ୍ରଭୁ ଗଜାନନ। ବାମ ଡାହାଣ ଦୁଇ ପଡିଶା ଘରେ ମଧ୍ୟ ନାତି ମାନଙ୍କ ସମସାମୟିକ ବୟସର ପିଲା ଦୁଇଟି ଥାଆନ୍ତି। ଗୋଟିକ ନାମ ସାଇ ଓ ଅନ୍ୟଟି ନାମ ବାବା। ସାଇର ବାପାଙ୍କର ଠେଲା ଚାର୍ଟ ଦୋକାନ। କେବେ କେବେ ନିଜ ଘର ଦାଣ୍ଡଦୁଆରେ ବିକ୍ରୀ କରନ୍ତି ତ କେବେ ବୁଲି ବୁଲି ବିକ୍ରୀ କରନ୍ତି। କିନ୍ତୁ ସେମିତି ଭଲ ବିକ୍ରୀ ହେଉନଥିବାରୁ ମନଦୁଃଖ କରନ୍ତି। ଏତେ ମନଦୁଃଖ ଓ ଅଭାବ ଭିତରେ ସାଇ ଖୁବ ଭଲ ପଢୁଥିବାରୁ ପିତା ମାତା ଏତେ ଦୁଃଖ ଭିତରେ ଶାନ୍ତିରେ ଥାଆନ୍ତି। ଦିନେ ତିନି ନାତିଙ୍କୁ ନେଇ ଗୁପଚୁପ ଓ ଚାର୍ଟ କିଣିଲା ବେଳେ ଜେଜେମାଆଙ୍କ ଆଗରେ ସାଇର ପିତା ମାତା ତାଙ୍କ ଦୁଃଖ କହିବା ସଙ୍ଗେ ସଙ୍ଗେ ତାଙ୍କ ପୁଅ ସାଇକୁ ସ୍କୁଲରେ ସମସ୍ତେ ଭଲପାଆନ୍ତି। ସେ ଗୀତ, ଡ୍ରଇଂ, ରଚନା ଲେଖା, ବକ୍ତୃତା ସବୁଥିରେ ଫାଷ୍ଟ ହେଉଥିବାରୁ ତାଙ୍କର ଏତେ ଦୁଃଖ ଭିତରେ ସାଇ ହିଁ ସୁଖ ଆଣିଦିଏ। ଏସବୁ କଥା ଶୁଣି ଓଁମ, ନମ ଓ ଶିବା, ତିନିଜଣ ଯାକ ସେଦିନ କିଛି ଭାବିଚିନ୍ତି ହେବା ଦେଖି ଜେଜେ ଗାନ୍ଧୀ, ଗୋପବନ୍ଧୁ, ଚାଚା ଜବାହାର ଲାଲ ନେହେରୁ, ଶାସ୍ତ୍ରୀ ଓ କେତେ କେତେ ଜନନାୟକ ମାନଙ୍କ ଜୀବନ କାହାଣୀ ଶୁଣେଇବାକୁ ଲାଗିଲେ। ଜେଜେମା ମଧ୍ୟ କଇଁଚ ଠେକୁଆ ଗପ ମାଙ୍କଡ଼ କୁମ୍ଭୀର ଗପ କହି ବୁଦ୍ଧି ଓ ବିଦ୍ୟା ମଣିଷ ପାଖରେ ଥିଲେ ସେ ସଫଳତା ପାଇ ପୁରସ୍କୃତ ହୁଏ ଓ ଉପହାର ବାକ୍ସ ପାଏ। ତିନିହେଁ ପ୍ରଶ୍ନ କରନ୍ତି ଆମେ ଭଲ ବୁଦ୍ଧି ବିଦ୍ୟା ପାଇ ଭଲକାମ କଲେ ଆମକୁ ମଧ୍ୟ ପୁରସ୍କାର ଓ ଉପହାର ବକ୍ସ ମିଳିବ ଜେଜେମା ହଁ ନିଶ୍ଚୟ ତେବେ ଆମକୁ କଣ କରିବାକୁ ହେବ ପଚାରୁଥିଲେ ପିଲା ତିନିହେଁ ତ ଜେଜେମା କହିଲେ ଗଣେଷ ପୂଜା ଦିନ ସ୍ନାନ ସାରି ନୂଆ ପୋଷାକ ପିନ୍ଧି ଗଣେଷ ପୂଜା କଲାବେଳେ ପ୍ରଭୁଙ୍କୁ ଧ୍ୟାନ କରିବ। ଶୁଦ୍ଧ ପୁତ ଚିତ୍ତରେ ପ୍ରଭୁଙ୍କୁ ବିଦ୍ୟା ବୁଦ୍ଧି ମାଗିଲେ ସେ ନିଶ୍ଚୟ ଦେବେ। ତାହା ପୁଣି କେମିତି ଜେଜେମାଆ? ଏଥର ଜେଜେ ଓ ଜେଜେମା ଏପଟ ପଡୋଶୀଙ୍କ ପୁଅ ବାବା କଥା କହୁଥିଲେ। ବାବା ଟିକେ ବଡ଼ ଥିଲା, ତେଣୁ ଜେଜେମା କହୁଥିଲେ ପ୍ରଥମେ ପ୍ରଥମେ ବାବା ଭାଇର ମଧ୍ୟ ପାଠ ମନେ ରହୁନଥିଲା କିନ୍ତୁ ଗଣେଷ ଠାକୁରଙ୍କୁ ଭକ୍ତିରେ, ଶ୍ରଦ୍ଧାରେ, ଅନ୍ତରସହିତ ଧର୍ଯ୍ୟ ଧରି ଧ୍ୟାନ କରିବା ଫଳରେ, ସେ ତାଙ୍କ କ୍ଲାସ ସପ୍ତମରେ ବୃତ୍ତି ପାଇ ଅଷ୍ଟମ ଶ୍ରେଣୀରୁ ନବମକୁ ଗଲେଣି। ପାଠ ଶାଠ ଭଲ ବୋଲି ସମସ୍ତେ ତାକୁ ଭଲ ପାଆନ୍ତି। ଶିଶୁ ଦିବସ ଦିନ ତା ହସ୍ତାକ୍ଷର, ଲିଖନ ପଠନ ଓ ଆବୃତ୍ତି ତଥା ବକ୍ତୃତାରେ ଫାଷ୍ଟ ହୋଇଥିବାରୁ ସାର ଗୁରୁମା ମାନଙ୍କ ସହ କେତେ ଛୋଟ ଭାଇ ଭଉଣୀମାନେ ବାବା ଭାଇଙ୍କୁ ଉପହାର ବକ୍ସ ଦେଇଥିଲେ। ଖାଲି ସେତିକି ନୁହେଁ ଜିଲ୍ଲା ଓ ରାଜ୍ୟସ୍ତରୀୟ ଡ୍ରଇଂ ଓ ବକ୍ତୃତାରେ ଫାଷ୍ଟ ହୋଇ ସେ କେତେ ଉପହାର ବକ୍ସ ପାଇଛି। ତା ପରଠୁ ସାଇ ମଧ୍ୟ ବାବା ଭାଇ ପରି ଗଣେଷ ଠାକୁରଙ୍କୁ ଅନ୍ତର ସହିତ, ଭକ୍ତିରେ,ନିଷ୍ଠାରେ ଧ୍ୟାନ କରିବା ଫଳରେ ଏବେ ତା ବାପାଙ୍କର ଖୁବ ବିକ୍ରୀ ହେଉଛି ଚାର୍ଟ ଓ ଗୁପଚୁପ। ଭକ୍ତିର ପ୍ରାର୍ଥନାରେ ଗଣେଷ ଠାକୁର ପ୍ରୀତ ହେଲେ ବିଦ୍ୟା ବୁଦ୍ଧି ଦେଇ ସମସ୍ତଙ୍କ ପାଇଁ ପ୍ରଶଂସା ଆଣି ଦେଇଥାନ୍ତି। ଗଣେଷ ଠାକୁର ପ୍ରସନ୍ନ ହେଲେ ବୁଦ୍ଧି ଓ ସିଦ୍ଧି ସାଙ୍ଗକୁ ମାଆ ସରସ୍ୱତୀ ବିଦ୍ୟା ଓ ମାଆ ମହାଲକ୍ଷ୍ମୀ ଧନ ସ୍ୱରୂପ ଉପହାର ଦେଇଥାନ୍ତି ଯାହା ମଣିଷର ନିହାତି ଆବଶ୍ୟକ। ଏଥର ତିନି ନାତି କହୁଥିଲେ ଆମେ ମଧ୍ୟ ଗଣେଷ ଠାକୁରଙ୍କୁ ପୂଜା କରିବୁ ଜେଜେ। ଜେଜେମା ତୁମେ ଗଣେଷ ଚତୁର୍ଥୀ ଦିନ ପୂଜା ଆୟୋଜନ କର। ଆମେ ତିନି ଭାଇ ଫୁଲ ତୋଳି ଆଣିବୁ। ଜେଜେ ଓ ଜେଜେମା ହସୁଥିଲେ ଖୁସିରେ।

ଗଣେଷ ପୂଜା ଦିନ ଓ଼ମ, ନମ ଓ ଶିବା ସକାଳୁ ଉଠି ଗାଧେଇ ପାଧେଇ ଫୁଲ, ଚନ୍ଦନ ସିନ୍ଦୁର, କସ୍ତୁରୀ, କର୍ପୁର, ଦୀପ ଧୂପ, ଭୋଗ ସଜାଡି, ନବ ବସ୍ତ୍ର ପରିଧାନ କରିବା ସହ ଜେଜେ ଓ ଜେଜେମା ଆୟୋଜନ କରିଥିବା ପୂଜାରେ ଧ୍ୟାନରେ ବସିଲେ। କାରଣ ସେମାନେ ଜାଣିଥିଲେ ଭଲ ପାଠ ପଢୁନଥିବାରୁ ତାଙ୍କୁ କେହି ଭଲ ପାଉନଥିଲେ। ଏମିତିକି ଶାଠ ଅର୍ଥାତ ଖେଳକୁଦ, ଯୋଗ, ବାୟାମରେ ମଧ୍ୟ ସେମାନେ ପଛୁଆ ଥିଲେ ତା ଛଡା କୌଣସି କଳାତ୍ମକ ଯଥା ଗୀତ, ନାଚ, ଡ୍ରଇଂ, ବକ୍ତୃତା ଚିତ୍ରାଙ୍କନ ରଚନା, ପଠନ କି ଲେଖନ ଆଦିରେ ସେମାନଙ୍କର କିଛି ଭୂମିକା ନଥିଲା। ସାଇ ଓ ବାବାଭାଇ ପଡିଶା ଘର ଅଭାବି ପରିବାର ପିଲାମାନଙ୍କୁ ସବୁ ସାର, ଗୁରୁମା, ଉପର ଶ୍ରେଣୀ ଓ ତଳ ଶ୍ରେଣୀ ତଥା ନିଜ ନିଜ ଶ୍ରେଣୀର ପିଲା ଭଲପାଇ, ସୁନ୍ଦର ସୁନ୍ଦର ଉପହାର ଦେଲା ବେଳେ ସେ ତିନିହେଁଙ୍କୁ କେହି ବାସି ମୁହଁରେ ପଚାରୁ ନଥିଲେ। ଏବେ ଏବେ ସେମାନେ ବୁଝିଲେଣି ବିନା ଐଶ୍ୱର୍ଗିକ କରୁଣା ବ୍ୟତିରେକେ ଏସବୁ ସମ୍ଭବ ନୁହେଁ ତେଣୁ ନୟନ ମୁଦ୍ରିତ ଠାଣିରେ ସେମାନେ ଧ୍ୟାନରେ ବସିବା ଦେଖି ତାଙ୍କ ପିତା ମାତା ମାନେ ମଧ୍ୟ ଗଣେଷ ପୂଜାରେ ସାମିଲ ହୋଇ ଜାଣିଲେ ବସି ଖାଇଲେ ନଈ ବାଲି ନିଅଣ୍ଟ। ତେଣୁ ପିଲାମାନେ ଉପଯୁକ୍ତ ବିଦ୍ୟା ବୁଦ୍ଧି ପାଇ ମଣିଷ ନହେଲେ ପିତା ସୁବ୍ରତ ପଟ୍ଟନାୟକଙ୍କ ନାମ ମାଟିରେ ମିଶିବା ସହ ମାତା ଅଳକାଙ୍କର ଉପଯୁକ୍ତ ସହଧର୍ମିଣୀ ଓ ଉପଯୁକ୍ତ ମାତା ହେବା ଦାମ୍ଭିକତା ରହିବନାହିଁ। ତେଣୁ ସମସ୍ତେ ମିଶି ଗଣେଷ ମହାପ୍ରଭୁଙ୍କ ଯଜ୍ଞ, ହୋମ, ବନ୍ଦାଣ, ଜଣାଣ, ପୁଷ୍ପାଞ୍ଜଳି ସହ ଆଳତୀ ଓ ପ୍ରାର୍ଥନା କରିବାକୁ ଲାଗିଲେ ଆମକୁ ସଦବୁଦ୍ଧି ଦେବା ସହ ଆମ ପିଲାମାନଙ୍କୁ ବୁଦ୍ଧି ବିଦ୍ୟା ପ୍ରଦାନ କର ପ୍ରଭୁ।

ଏଥର ନନା ସମସ୍ତଙ୍କୁ ପ୍ରଣାମ କରିବାକୁ କହି ହୋମ ନଡ଼ିଆ କୁ ସମସ୍ତଙ୍କ ଭିତରେ ସୁଷମ ବଣ୍ଟନ କରିସାରିବା ପରେ ସାଇ ଓ ବାବା ଭାଇ ସଙ୍ଗେ ମିଶି ଓ଼ମ, ନମ ଶିବା ସ୍କୁଲକୁ ଯାଇ ସବୁ ସାର ଗୁରୁମା ମାନଙ୍କୁ ପ୍ରଣାମ କରିବା ସହ ଉପର କ୍ଲାସର ଭାଇ ଭଉଣୀ ମାନଙ୍କୁ ମୁଣ୍ଡ ଲଗାଇ ପ୍ରଣାମ କରିବା ସହ ସମସ୍ତଙ୍କୁ ଘରୁ ଆଣିଥିବା ଗଣେଷ ପ୍ରସାଦ ସୁଷମ ବଣ୍ଟନ କରିବା ଦେଖି ଗୁରୁ ଓ ଗୁରୁମା ମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ହେଁ ତିନି ଭାଇଙ୍କର କିଛି କିଛି ପରିବର୍ତ୍ତନ ଲକ୍ଷକରି ପ୍ରଣାମର ପ୍ରଣାମୀରେ ଆଶୀର୍ବାଦ ଦେଇ ଭଲ ମଣିଷ ହେବାକୁ କହିଥିଲେ। ତା ପରଠୁ ତିନି ଭାଇ ଯିଏ ଯାହା କ୍ଲାସରେ ମନଯୋଗ ସହ ପାଠ ବୁଝି ଶୁଝି ନିଶ୍ଚିନ୍ତ ଭାବେ ଘରେ ପାଠ ପଢି ମନେ ରଖିବା ସହ ଘରକୁ ଦିଆଯାଇଥିବା ପାଠ କରି ଆଣି ଆସୁଥିଲେ ସ୍କୁଲକୁ ତ ସେମାନେ ଏବେ ଯିଏ ଯାହା କ୍ଲାସରେ ଫାଷ୍ଟ ହେବା ଦେଖି ଜେଜେ ଜେଜେମା ଓ ବାପା ମାଆ ମାନେ ଆନନ୍ଦିତ ହେବା ସହ ପ୍ରତ୍ୟୋହ ଗଣେଷ ଠାକୁରଙ୍କୁ ପୂଜା କରୁଥିଲେ। ବିଘ୍ନ କଟି ଯାଇଥିବାରୁ ଜେଜେ ଡାକୁଥିଲେ ହେ ବିଘ୍ନେଶ୍ୱର। ଖୁସି ଦେଇଥିବାରୁ ସ୍ନେହ ଭକ୍ତି ଶ୍ରଦ୍ଧା ଓ ନିଷ୍ଠାରେ ଜେଜେମା ଡାକୁଥିଲେ ହେ ଗଜାନନ ଗଣନାଥ ଜୟ ହୋ ପ୍ରଭୁ।

ଖାଲି ପିଲାମାନଙ୍କର ନୁହେଁ ପୁଅ ବୋହୁମାନଙ୍କ ଭିତରେ ଅନେକ ପରିବର୍ତ୍ତନ ଲକ୍ଷ କରୁଥିଲେ ସୁବୋଧ ବାବୁ ଓ ଅଳକା ଦେବୀ। ବଡ଼ପୁଅ ତା ବ୍ୟବସାୟରେ ଉର୍ନ୍ନତି କରିବା ସହ ମଝିଆଁ ପୁଅ ରାଜନୀତିରୁ ଓହରି ଆସି ଚାଷବାସ ବୁଝାସୁଝା କରୁଥିଲେ। ଚାଷ ଅଛି ଯାହାର କି ଆନନ୍ଦ ତାହାର ନ୍ୟାୟରେ ଶିକ୍ଷିତ ମଝିଆଁ ପୁଅ, କେମିତି ଭଳି ଭଳି ଶଶ୍ୟ, ଅଧିକ ଅମଳ ହେବ ସେଇ ଚିନ୍ତାରେ ସମୟ କାଟୁଥିଲେ। ସାନପୁଅ ଶିକ୍ଷକତା ଭିତରେ ଘରର ପିଲାମାନଙ୍କ ପାଠ ଶାଠରେ ମନ ଦେଇ ସାହିତ୍ୟ ଗଣିତ ଓ ବିଜ୍ଞାନରେ ନିଜର ତଥା ତିନି ପିଲାଙ୍କର ଜ୍ଞାନ ବୁଦ୍ଧି ବଢ଼ାଇ ଚାଲିଥିଲେ। ତିନି ବୋହୁ ଭିତରେ ଥିବା ଅସମାଞ୍ଜସ୍ୟରେ ମଧ୍ୟ ଧୀରେ ଧୀରେ ସୁଧାର ଆସିବା ଦେଖିବାକୁ ମିଳୁଥିଲା। ତିନି ଯାଆଙ୍କ ଭିତରେ ମନାନ୍ତର ମତାନ୍ତର ନଥିଲା। ସବା ସାନ ବୋହୁ ଚାକିରିଆ ଥିବାରୁ ଅନ୍ୟ ଦୁଇ ବୋହୁ ତା ଉପରେ ଆଗ ଭଳି ଆଉ ଅଧିକା କାମ ଲଦି ଦେଉନଥିଲେ ବରଂ ନିଜ ନିଜ ଭିତରେ କାମ ବାଣ୍ଟିନେଇ ଅବସର ସମୟରେ ସିଲେଇ, ବୁଣାବୁଣି, ଚିତାଝୋଟି ସହ କିଛି କିଛି ଉପାଦେୟ ପୁସ୍ତକ ପଠନ କରୁଥିଲେ। ଶାଶୁ ଶଶୁରଙ୍କ ସ୍ୱୋ ହିଁ ପରମ ଧର୍ମ ବୋଲି ମାନିନେଇ, ସେମାନଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ତଥା ପାନୀୟ ପ୍ରତି ଧ୍ୟାନ ଦେବା ସହ ଭାଗବତ, ଗୀତା ପଠନ କରୁଥିଲେ। ଆବଶ୍ୟକ ଅନୁଯାୟୀ ଯୋଗ ଓ ବାୟାମ କରିବା ସହ ଗୋ ସ୍ୱୋ ପରମ ତପ ଓ ଧର୍ମ ବିଚାରି ଗାଈ ପାଳନ କରିବା ସହ ଘରେ ପୋଷା ଯାଇଥିବା ବିଲେଇ କୁକୁର ଶୁଆଙ୍କ ଧ୍ୟାନ ଧାରଣା ରଖି ଯୌଥ ପାରିବାରର ଏକ ଦୃଷ୍ଟାନ୍ତ ଆଣିଦେଇଥିଲେ। ଏସବୁ ଗଣେଷ ପ୍ରଭୁଙ୍କ ଆଶୀର୍ବାଦରୁ ସମ୍ଭବ ବିଚାରି ସୁବ୍ରତ ବାବୁ ଓ ଅଳକା ଦେବୀ କହୁଥିଲେ ବୈକୁଣ୍ଠ ସମାନ ଆହା ଅଟେ ସେହି ଘର... ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର। ମାଆ ଅଳକା ଓ ବାପା ସୁବ୍ରତ ସମସ୍ତଙ୍କୁ ଖୁସିରେ ଗୋଟିଏ ଗୋଟିଏ ଉପହାର ବକ୍ସ ଦେଇଥିଲେ।

*ସାକ୍ଷୀଗୋପାଳ, ପୁରୀ*
*ଦୂରଭାଷ : ୯୦୪୦୯୭୭୩୨୭*



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପ ରି କ୍ର ମା
ଭୁବନେଶ୍ୱର, ୨୫ ସେପ୍ଟେମ୍ବର - ୧ ଅକ୍ଟୋବର, ୨୦୨୩







# ୭୩ ବର୍ଷ ଧରି କୋଣାର୍କ ପାଲାମଣ୍ଡପରେ ବାଦିପାଲା

**କୋଣାର୍କ :** କୋଣାର୍କର ବ୍ୟବସାୟୀମାନଙ୍କୁ ନେଇ ୧୯୫୦ ମସିହାରେ ଗଠିତ ହୋଇଥିଲା କୋଣାର୍କ ଟାଉନ ଗଣେଶ କମିଟି । ଏହି କମିଟି ଆନୁକୂଲ୍ୟରେ ଥାନାଛକ ସ୍ଥିତ ନିଜସ୍ୱ ସ୍ଥାୟୀ ପୂଜା ମଣ୍ଡପରେ ଅଗ୍ର ପୂଜ୍ୟ ବିଘ୍ନ ବିନାଷକ ଶ୍ରୀ ଶ୍ରୀ ଗଣନାଥଙ୍କ ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥିରେ ପୂଜା ଅର୍ଚ୍ଚନା ହୋଇଆସୁଅଛି । ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଏହି ପୂଜାମଣ୍ଡପ ସମ୍ମୁଖରେ ଥିବା ସ୍ଥାୟୀ ପାଲା ମଣ୍ଡପରେ ଗଣେଶ ଚତୁର୍ଥି ଦିନଠାରୁ ଆରମ୍ଭ ହୋଇଛି ସପ୍ତଦିବସୀୟ ବାଦି ପାଲା । କୋଣାର୍କର ଏହି ଟାଉନ ଗଣେଶ କମିଟି ଆନୁକୂଲ୍ୟରେ ଦୀର୍ଘ ୭୩ ବର୍ଷ ଧରି ନିରବଛନ୍ନ ଭାବରେ ଗଣେଶ ପୂଜା ଓ ଦୁଇ ଦଳର ପାଲା କଳାକାରଙ୍କ ମଧ୍ୟରେ ସପ୍ତ ଦିବସୀୟ ବାଦିପାଲା ଉସହ ଓ ଉଦ୍ଦିପନାର ସହ କମିଟିର ସଦସ୍ୟ ମାନେ ପାଳନ କରିଆସୁଛନ୍ତି । ଆଧୁନିକ ଯୁଗରେ ପାଲା ପ୍ରତି ଲୋକଙ୍କର ରୁଚି କମିଥିଲେ ମଧ୍ୟ କୋଣାର୍କ ଗଣେଶ କମିଟି ଅଦ୍ୟାବଧି ଏହି ପ୍ରାଚୀନ ପାଲାସଂସ୍କୃତିକୁ ବାଜାୟୀ ରଖିଛି । ଏହି ପାଲା ମଣ୍ଡପରେ ଓଡ଼ିଶାର ୧୪୬ଜଣ ଲବ୍ଧପ୍ରତିଷ୍ଠିତ ପାଲା ଗାୟକ ଓ ତାଙ୍କ ସାଥୀମାନେ ବାଦପାଲ ପରିବେଷଣ କରି ସାରିଛନ୍ତି । କୋଣାର୍କର ସର୍ବପୁରାତନ ବଜାର ଥାନାଛକଠାରେ ଏକ ସୁଶୋଭିତ ରଙ୍ଗ ମଞ୍ଚରେ ଆୟୋଜିତ ହେଉଛି



ବାଦିପାଲା । ଓଡ଼ିଶାର ଲୋକ କଳା ଓ ସଂସ୍କୃତିକୁ ବଂଚାଇ ରଖି କୋଣାର୍କର ଏହି ସର୍ବ ପୁରାତନ ଅନୁଷ୍ଠାନର ପାଲା ମଣ୍ଡପରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ପାଲା ଦଳଙ୍କ ପାଲା ପରିବେଷଣ ଦେଖିବାକୁ ମିଳିଥାଏ । କମିଟି ପକ୍ଷରୁ ପୂଜା ପାଉଥିବା ଗଣେଶ ମଣ୍ଡପରେ ଆକର୍ଷଣୀୟ ମେଢ଼ ସାଙ୍ଗକୁ ପାଲା ମଣ୍ଡପଟିକୁ ବର୍ଷାଦାଉରୁ ରକ୍ଷାକରିବା ପାଇଁ ସୁବନ୍ଦୋବସ୍ତ କରାଯାଇ ସୁସଜିତ ଆଲୋକରେ ଆଲୋକିତ କରାଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆରମ୍ଭ ହୋଇଛି ବାଦ ପାଲା ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖିବା ସହ ଜନମାନସରେ ସଚେତନତା ସୃଷ୍ଟି କରୁଥିବା ଦୁଇ ଦଳର କଳାକାରମାନଙ୍କ ବାଦିପାଲାକୁ ଉପଭୋଗ କରିବା ପାଇଁ କୋଣାର୍କ ଏନଏସି ସମେତ ଗୋପ, କାକଟପୁର, ଅସ୍ତରଙ୍ଗ ଓ ନିମାପଡ଼ା ଅଂଚଳରୁ ହଜାର ହଜାର ପାଲାପ୍ରେମୀ ଦର୍ଶକମାନେ ଏଠାକୁ ଆସିଥାନ୍ତି । ଚଳିତ ମାସ ୧୯ ତାରିଖ ଗଣେଶ ପୂଜା ଅବସରରେ ଯାଜପୁର ଜିଲ୍ଲାର ଗାୟକ ରସ ସାଗର ମୁରଲି ମୋହନ ସାହୁ ସାଥି କଳାକାର ବାୟକ ଆନନ୍ଦ ଚନ୍ଦ୍ର ସାହୁ, ଶ୍ରୀପାଳି ନରହରି ଦଳେଇ, ପଳିଆ ଧନେଶ୍ୱର ଦଳେଇ, ପଳିଆ ନରହରି ତରାଇ, ପଳିଆ ଶେଷଦେବ ବାରିକ ଏବଂ କଟକ ଜିଲ୍ଲା ଅନ୍ତର୍ଗତ ଏକଡାଳ ନରସିଂହପୁରର ଗାୟକ ଜ୍ଞାନ ଜ୍ୟୋତି ଶରତ କୁମାର ଦଳେଇ ଓ ସାଥି କଳାକାର ବାୟକ ଶ୍ରୀକାନ୍ତ ଧଳ, ଶ୍ରୀପାଳି ଫକିରମୋହନ ସେନାପତି, ସଙ୍ଗୀତରେ ଅଲେଖଚରଣ ବେହେରା, ବିପିନ ବିହାରୀ ମଲ୍ଲିକ ଓ ବିଦ୍ୟାଧର ଦାସ ପ୍ରମୁଖ ରାମାୟଣ, ମହାଭାରତ, ଭାଗବତ, ଶିବ ପୁରାଣ, ବାୟୁ ପୁରାଣ, ବିଷ୍ଣୁ ପୁରାଣ, ପଦ୍ମ ପୁରାଣ, ସ୍କନ୍ଧ ପୁରାଣ, ଚମ୍ପୂ, ଛାନ୍ଦ ସମେତ ବିଭିନ୍ନ ଗ୍ରନ୍ଥମାନଙ୍କରୁ ସାହିତ୍ୟ ଅଳଙ୍କାର ଓ ବର୍ତ୍ତମାନ ସାମଜିକ ସ୍ଥିତିକୁ ନେଇ ବାଦିପାଲା ପରିବେଷଣ ଯାରିରହିଛି । ଉତ୍କଳୀୟ କଳା, ସାହିତ୍ୟ, ସଂସ୍କୃତି ଓ ଆଧାତ୍ମିକ ଭାବାବେଗର ପ୍ରଚାର ପ୍ରସାର ଦିଗରେ କୋଣାର୍କ ଗଣେଶ କମିଟି ଆନୁକଳଲ୍ୟରେ ଆୟୋଜିତ ବାଦିପାଲା ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରି ଆସୁଥିବା ବେଳେ ଏହି ପାଲା ମଣ୍ଡପରେ ଓଡିଶାର ଲବ୍ଧ ପ୍ରତିଷ୍ଠିତ ପାଲା ଗାୟକ ଓ ସେମାନଙ୍କ ସାଥିମାନଙ୍କ ଦ୍ୱାରା ଉଚ୍ଚୋକୋଟିର ପାଲା ପରିବେଷଣ ଦେଖିବାକୁ ମିଳିଥାଏ । କୋଣାର୍କ ଗଣେଶ କମିଟିର ସଭାପତି ନରେନ୍ଦ୍ର ପାତ୍ର, ଉପଦେଷ୍ଟା ରାଜୁ ମହାପାତ୍ର, ନକୁଳ ବେହେରା, କମିଟିର ସଦସ୍ୟ ବିନାୟକ ଶତପଥୀ, ଅଜିତ କୁମାର ମଲ୍ଲିକ, ପର୍ଶୁରାମ ବାରିକ, ନେତ୍ରାନନ୍ଦ ବେହେରା ଲକ୍ଷ୍ମୀଧର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଆସନ୍ତା ୨୫ ତାରିଖ ସୋମବାର ପାଲା ପରିବେଷଣ ପରେ ଚଳିତର୍ଷର ବାଦିପାଲା ଉଦଯାପିତ ହୋବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫୋକସ୍‌ରେ ...

ଓଡ଼ିଶାର ୫୦ ହଜାର ଗାଁରେ ମଧ୍ୟ ସାଧାରଣ ସଭା କରି ମୋଦିଜୀଙ୍କର ଏହି ଐତିହାସିକ ବାର୍ତ୍ତା ସହ ଅନ୍ୟାନ୍ୟ ଲୋକାଭିମୁଖୀ ଯୋଜନାର ବାର୍ତ୍ତାକୁ ପହଁଚାଇବାକୁ ଦଳ ପକ୍ଷରୁ ପଦକ୍ଷେପ ନିଆଯିବ । ବିଜେପି ହେଉଛି ଭାରତର ପ୍ରଥମ ରାଜନୈତିକ ଦଳ ଯିଏ ୧୯୯୪ ମସିହାରେ ଗୁଜୁରାଟର ଭଡ଼ୋଦରାରେ ଅନୁଷ୍ଠିତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ସଂସଦ ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସପକ୍ଷରେ ଏକ ଆନୁଷ୍ଠାନିକ ସଂକଳ୍ପ ଗୃହୀତ କରିଥିଲା ଏବଂ ଏଥିପାଇଁ ଆବଶ୍ୟକ ସମ୍ବିଧାନ ସଂଶୋଧନ ଦାବି କରିଥିଲା । ବିଜେପି ସରକାର ଆସିବା ପୂର୍ବରୁ ୧୯୯୬ ମସିହାରେ ଏଚ.ଡି. ଦେବଗୌଡ଼ା ସରକାର ସମୟରେ ମହିଳାଙ୍କୁ ସଂରକ୍ଷଣ ଦେବା ପାଇଁ ୮୧ତମ ସମ୍ବିଧାନ ସଂଶୋଧନ ବିଲ୍ ଅଣାଯାଇଥିଲା । ଏହାକୁ ଗୃହରେ ବିଜେପି ସମର୍ଥନ ଦେଇଥିବାବେଳେ ଅନ୍ୟ ଦଳଙ୍କ ଅସହଯୋଗରୁ ଏହି ବିଲ୍ ଗୃହୀତ ହୋଇପାରିନଥିଲା । ଏହା ପରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ୧୯୯୮ ଓ ୧୯୯୯ରେ ଦୁଇ ଥର କ୍ରମାଗତ ୮୪ତମ ଓ ୮୫ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିଥିଲେ । କିନ୍ତୁ ସମର୍ଥନ ନମିଳିବାରୁ ତାହା ଗୃହୀତ ହୋଇପାରିନଥିଲା । ୟୁପିଏ ଶାସନବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ସରକାର ଏହି ବିଲ୍ ଗୃହରେ ଅଣାଯାଇଥିବା ସତ୍ତ୍ୱେ ମଧ୍ୟ ଆନ୍ତରିକ ଇଚ୍ଛାଶକ୍ତି ନଥିବା କାରଣରୁ ଲୋକସଭାରେ ପାରିତ ହୋଇପାରିନଥିଲା । ମୋଦି ସରକାର ଏବେ ମହିଳା ସଂରକ୍ଷଣ ବିଲ୍ ଆଣିବା ପରେ ପୂର୍ବରୁ ଯେଉଁମାନେ ମହିଳା ସଂରକ୍ଷଣ ବିଲକୁ ପ୍ରତିବାଦ କରି ବିରୋଧ କରୁଥିଲେ ସେମାନେ ଆଉ ବିରୋଧ ପାଇଁ ସାହାସ କରିପାରିଲେ ନାହିଁ । ଲୋକସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସିଟ୍ ସଂରକ୍ଷିତ ହେବା ଫଳରେ ଆଗାମୀ ଦିନରେ ଓଡ଼ିଶା ଓ ସମଗ୍ର ଦେଶରେ ବିଧାୟକ ଓ ସାଂସଦ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ବୃଦ୍ଧି ପାଇବ । ଲୋକସଭାରେ ଏବେ ୮୧ ଜଣ ମହିଳା ସାଂସଦ ଥିବାବେଳେ ଏହି ସଂଖ୍ୟା ବଢି ୧୮୨ ହେବ । ଓଡ଼ିଶାରେ ୧୪୭ ସଂଖ୍ୟା ବିଶିଷ୍ଟ ବିଧାନସଭାରେ ୧୮ ଜଣ ମହିଳା ବିଧାୟିକା ଥିବାବେଳେ ଏହି ସଂଖ୍ୟା ବଢି ୪୯ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେ ରାଜ୍ୟ କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚା ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତାମାନଙ୍କୁ ଏହି ମହିଳା ସଂରକ୍ଷଣ ବାର୍ତ୍ତା ଘରେଘରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ, ମହିଳା ସଂରକ୍ଷଣ ବିଲ୍ ଆଗତ ହେବା ଦିନରୁ ବିଜେଡି ଏହାର ଶ୍ରେୟ ନେବାକୁ ଆଗକୁ ଆସିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସ ଯୋଗୁ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବାକୁ ବାଧ୍ୟ ହେଲେ ବୋଲି ଦାବି କରିବା ସହ ୨୦୧୮ ମସିହାରେ ବିଜେଡି ହିଁ ଜାତୀୟସ୍ତରରେ ଏନେଇ ଅଭିଯାନ କରିଥିଲା । କିନ୍ତୁ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବା ନିଷ୍ପତ୍ତି ବିଜେପି ୧୯୯୪ ମସିହାରେ ନିଜ ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ନେଇଥିବା ଓ ବାଜପେୟୀ ସରକାରରେ ୨ଥର ଏହି ବିଲକୁ ଗୃହୀତ ପାଇଁ ଉଦ୍ୟମ ହୋଇଥିବା କଥା କହି ବିଜେଡିକୁ କଡ଼ା ଜବାବ ଦେଇଛନ୍ତି । ସୂଚନାଥାଉ କି, ରାଜ୍ୟରେ ମହିଳା ଏସଏଚଜି ଗ୍ରୁପ୍ ମାଧ୍ୟମରେ ମହିଳାଙ୍କୁ ନିଜର ଭୋଟ୍ ବ୍ୟାଙ୍କ ଭାବେ ଉପଯୋଗ କରୁଥିବା ବିଜେଡି ପାଇଁ ବିଜେପିର ଏଭଳି ସଚେତନତା କାର୍ଯ୍ୟକ୍ରମ ଏବେ ଚିନ୍ତାର କାରଣ ହୋଇଛି । ବିଜେଡିର ଏହି ଭୋଟବ୍ୟାଙ୍କରେ ଛିଦ୍ର କରିବାରେ ବିଜେପିର ଗାଁ ଗାଁରେ ସାଧାରଣ ସଭା ଓ ସଂକୀର୍ତ୍ତନ କେତେ ଫଳପ୍ରଦ ହେଉଛି ତାହା ଉପରେ ସମସ୍ତଙ୍କ ନଜର । ଆଗକୁ ଆସୁଛି ସାଧାରଣ ନିର୍ବାଚନ । ତେବେ ଏହି ମହିଳା ସଂରକ୍ଷର ବିଲ୍‌କୁ ନେଇ କେଉଁଦଳ କେତେ ଫାଇଦାରେ ରହିବ ତାହା ସମୟ କହିବ ।

### ଘାରିଲା ...

୨୦୧୩ ଅକ୍ଟୋବରରେ ସଙ୍ଗଠିତ ଫାଇଲିନ ବାତ୍ୟାରେ ପବନର ବେଗ ଥିଲା ଘଣ୍ଟା ପ୍ରତି ୨୨୦ କିମି । ରାଜ୍ୟର ୧୮,୩୭୪ ଗ୍ରାମ ଏହି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା । ୧୩.୨୪ ନିୟୁତ ଲୋକ ଏହି ବାତ୍ୟାରେ ପ୍ରଭାବିତ ହୋଇଥିଲେ । ସେହିପରି ୨୦୧୪ଅକ୍ଟୋବରରେ ସଙ୍ଗଠିତ ହୁଡହୁଡ ବାତ୍ୟାରେ ପବନର ବେଗ ଥିଲା ୧୦୦ କିମି ପ୍ରତି ଘଣ୍ଟା । ଏହି ବାତ୍ୟାରେ ୯,୬୫୭ ଗ୍ରାମର ୩.୩୪ ନିୟୁତ ଗ୍ରାମବାସୀ ପ୍ରଭାବିତ ହୋଇଥିଲେ । ୨୦୧୮ରେ ଅକ୍ଟୋବରରେ ଆସିଲା ବାତ୍ୟା ତିତଲି । ଘଣ୍ଟାପ୍ରତି ୧୩୦ କିମି ବେଗରେ ପବନ ବହିବାରୁ ଏହି ବାତ୍ୟାରେ ୮ହଜାର ୬୭୧ ଗ୍ରାମ ପ୍ରଭାବିତ ହୋଇଥିଲା । ୬.୦୩ ନିୟୁତ ବ୍ୟକ୍ତି ଏହି ବାତ୍ୟାରେ ପ୍ରଭାବିତ ହୋଇଥିଲେ । ସେପଟେ ଗତ ୩ ବର୍ଷ ହେବ ଅକ୍ଟୋବର ମାସରେ କୌଣସି ବଡ ପାଣିପାଗ ଜନିତ ସ୍ଥିତି ସୃଷ୍ଟି ହୋଇ ନାହିଁ । ହେଲେ ଚଳିତବର୍ଷ ଏହି ଧାରା ଭାଙ୍ଗିବା ସହ ଏକ ବଡ ପାଣିପାଗ ଜନିତ ସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ଦେଖାଦେଇଛି । ସାଧାରଣତଃ ଦେଖିବାକୁ ଗଲେ ଅକ୍ଟୋବର ମାସରେ ଅସୁଥିବା ବାତ୍ୟା ଗୁଡିକ ଅଧିକ ଶକ୍ତିଶାଳୀ ହୋଇଥାଏ । ବାତ୍ୟାର ସଠିକ ଚିତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ମିଳିନାହିଁ । ଅନ୍ୟପଟେ ଅକ୍ଟୋବର ପ୍ରଥମ ସପ୍ତାହରେ ବାତ୍ୟା ହେବ ବୋଲି ଚର୍ଚ୍ଚା ହେଉଥିଲା । ଏହି ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର । ଓଡ଼ିଶାରେ ବାତ୍ୟା ହେବାର କୌଣସି ସୂଚନା ନାହିଁ ବୋଲି ସେ କହିଛନ୍ତି । ଆଇଏମଡି ଡିଜି ଆହୁରି କହିଛନ୍ତି, ବଙ୍ଗୋପସାଗରରେ ଅକ୍ଟୋବର ମାସର ପ୍ରଥମ ସପ୍ତାହରେ ଲଘୁଚାପ ସୃଷ୍ଟି ହୋଇପାରେ । ଏହି ଲଘୁଚାପଟି ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିବ । କ୍ରମେ ଲଘୁଚାପଟି ଘନୀଭୂତ ହୋଇ ଅବପାତର ରୂପ ନେଇପାରେ । ଏହା କେଉଁ ଉପକୂଳକୁ ଯିବ, କେବେ ଉପକୂଳରେ ପହଞ୍ଚିବ, ଏହାର ପ୍ରଭାବ କ'ଣ ରହିବ ତାର ପୂର୍ବାନୁମାନ କରାଯାଇନାହିଁ । ଏହାର ପ୍ରକୃତ ରୂପରେଖ କ'ଣ ହେବ ଲଘୁଚାପ ସୃଷ୍ଟି ହେବା ପରେ ସ୍ପଷ୍ଟ ହେବ ।

### ପ୍ରଭାତ ...

ଚିଟଫଣ୍ଡ ମାମଲାରେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିବା ସହ ତାଙ୍କ ନାଁ ଚାର୍ଜସିଟରୁ ବାଦ୍ ଦେବା ଓ ଏଫଆଇଆର ଖାରଜ କରିବା ପାଇଁ ଶ୍ରୀ ବିଶ୍ୱାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଗତ ଏପ୍ରିଲ ମାସରେ ସିବିଆଇ କୋର୍ଟକୁ ୨ମାସ ମଧ୍ୟରେ ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ଚାର୍ଜ ଫ୍ରେମ୍ କରିବା ସହ ବର୍ଷକ ମଧ୍ୟରେ ମାମଲାର ଶୁଣାଣି ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସିସୋର ଚିଟଫଣ୍ଡ ମାମଲାରେ ଶ୍ରୀ ବିଶ୍ୱାଳଙ୍କୁ ସିବିଆଇ ଗତ ୨୦୧୭ ସେପ୍ଟେମ୍ବର ୧୯ତାରିଖରେ ଗିରଫ କରିଥିଲା । ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ମନି ଲଣ୍ଡ୍ରିଂ ଆକ୍ଟରେ ମାମଲା ରୁଜୁ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗତ ୨୦୨୨ ଜୁଲାଇ ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କର ପ୍ରାୟ ୩କୋଟି ୯୨ଲକ୍ଷ ଟଙ୍କାର ସମ୍ପତ୍ତି ବ୍ୟାଜ୍ୟାପ୍ତି କରିଥିଲେ । ଏଥିରେ କଟକସ୍ଥିତ କ୍ଷେଟବ୍ୟାଙ୍କ ଅଫ ଇଣ୍ଡିଆରେ ଥିବା ୨୫ଲକ୍ଷ ଟଙ୍କା ସାମିଲ ଅଛି । ଶ୍ରୀ ବିଶ୍ୱାଳ ଏବେ ଜାମିନରେ ଅଛନ୍ତି । ସୂଚନାଯୋଗ୍ୟ, ସିସୋର ଚିଟଫଣ୍ଡ କମ୍ପାନୀ ବିଭିନ୍ନ ସ୍କିମ ମାଧ୍ୟମରେ ଅଧିକ ଲାଭ ଦେବାର ପ୍ରଲୋଭନ ଦେଖାଇ ଲୋକଙ୍କଠୁ ପ୍ରାୟ ଏକ ହଜାର କୋଟି ଟଙ୍କା ସଂଗ୍ରହ କରିଥିଲା ।

### '୨୦୨୪ରେ ...

କାରଣ ଓଡ଼ିଶାରେ ନବୀନଙ୍କ ବିକଳ୍ପ କେହି ନାହାନ୍ତି କିମ୍ବା ବିରୋଧୀ ବି ନାହାନ୍ତି । ନବୀନ ପଟ୍ଟନାୟକଙ୍କ ବିପକ୍ଷରେ ଲଢେଇ କରିବାକୁ କେହି ବିରୋଧୀ ଦଳ ନାହାନ୍ତି । ଓଡ଼ିଶାର ରାଜନୀତିରେ ନବୀନ ଥିଲା ପର୍ଯ୍ୟନ୍ତ କେହି ତାଙ୍କୁ ସାମ୍ନା କରିପାରିବେ ନାହିଁ । ନବୀନ ଜଣେ ଲମ୍ବା ନେତା ହେଲେ ବି ଛୋଟ ଗାଡ଼ି ଚଢନ୍ତି । ସେ ଖୁବ କମ କଥା କହିଥାନ୍ତି । ତାଙ୍କ କାମ ହିଁ କଥା କହେ । ତାଙ୍କ କାମ ହିଁ ଝଡ ସୃଷ୍ଟି କରେ । ୨୦୨୪ ରେ ଓଡ଼ିଶାରେ କୌଣସି ବଡ଼ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି । ସେପଟେ ବିରୋଧୀଙ୍କ ଚିରାଚରିତ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ପ୍ରଭୁ ଚାଓ୍ୱଲା କହିଛନ୍ତି ନେତାଙ୍କ ବିନା ଅନୁମତିରେ କୌଣସି କାର୍ଯ୍ୟ ହୁଏ ନାହିଁ । ବିରୋଧୀ ଅସହିଷ୍ଣୁ ହୋଇ ବିଭିନ୍ନ ରାଜନୈତିକ ଅଭିଯୋଗ କରୁଛନ୍ତି । ଯେପରି ସମ୍ବାଦପତ୍ରରେ ସମ୍ପାଦକଙ୍କ ବିନା ଅନୁମତିରେ କୌଣସି ଖବର ଛପେ ନାହିଁ, ସେହିଭଳି ଶାସନରେ ଶାସନ ମୁଖ୍ୟଙ୍କ ବିନା ଅନୁମତିରେ କୌଣସି କାର୍ଯ୍ୟ ହୁଏ ନାହିଁ ବୋଲି ସେ କହିଛନ୍ତି ।

### କାମ ଦେଉନି ...

ବର୍ଜ୍ୟ ପୃଥକୀକରଣ ଏବଂ ଡେଙ୍ଗୁ ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ସମସ୍ତ ଜୋନାଲ ଡେପୁଟି କମିଶନର, ଓ୍ୱାର୍ଡ ଅଫିସର ଓ ଏସ୍ଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଦୈନିକ କେଉଁ ସ୍ଥାନରେ ମଶା ଧୂଆଁ ଦିଆଯାଉଛି ଓ ମଶା ତେଲ ସିଞ୍ଚନ କରାଯାଉଛି, ବ୍ରୁଶ୍ କଟିଂ, ବର୍ଜ୍ୟ ଉଠାଇବା ଠିକ ଭାବେ ହେଉଛି କି ନାହିଁ ଓ୍ୱାର୍ଡ ଅଫିସରମାନେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବେ । ଏଣିକି ସହରର ପ୍ରତ୍ୟେକ ଓ୍ୱାର୍ଡରେ ଥିବା ଗଛ, ଖୁଣ୍ଟ ବା ପୋଲ୍ ତଳେ ଅଳିଆ କିମ୍ବା ବୁଦା ରହିବ ନାହିଁ । ଏହାର ନିରୀକ୍ଷଣ ପାଇଁ ଓ୍ୱାର୍ଡ ଅଫିସର ଓ ଏସ୍ଆଇମାନେ ସକାଳ ସନ୍ଧ୍ୟାରେ କ୍ଷେତ୍ର ପରିଦର୍ଶନ କରି ସମ୍ପୃକ୍ତ ସ୍ଥାନର ପୂର୍ବ ଏବଂ ପର ଅବସ୍ଥାର ଫଟୋଚିତ୍ର ସଫା ଭୁବନେଶ୍ୱର ଆପ୍‌ରେ ଅପଲୋଡ୍ କରିବେ । ସେହିପରି ପ୍ରତ୍ୟେକ କର୍ମଚାରୀ ନିଜ ଓ୍ୱାର୍ଡକୁ ଡେଙ୍ଗୁ ଫ୍ରି ଓ୍ୱାର୍ଡ କରିବାକୁ ଉଦ୍ୟମ କରିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ । ହେଲେ ବର୍ତ୍ତମାନ ଡେଙ୍ଗୁ ସ୍ଥିତିକୁ ଦେଖିଲେ ଜଣାପଡୁଛି ଘୋଷଣା ଓ ପ୍ରଚାର ତା' ବାଟରେ ଥିଲା ବେଳେ ଡେଙ୍ଗୁ ମଶା ନିଜର କାୟା ବିସ୍ତାର କରି ଚାଲିଛନ୍ତି ।

### ପାଣ୍ଡିଆନରାଜ୍ ...

ବୋଲି ସେ ପ୍ରଶ୍ନ କରିଥିଲେ । ଯଦି ସୌମ୍ୟବାବୁ ଏତେ ଅନିୟମିତତା କରୁଥିଲେ ତାଙ୍କୁ ନିଜ ଦଳରେ କେମିତି ସାମିଲ କରିଥିଲ ? ସେହିପରି ରେମୁଣା ବିଧାୟକଙ୍କ ଦୁର୍ନୀତି କଥା ସରକାରଙ୍କୁ ୪ ବର୍ଷ ପୂର୍ବରୁ ଜଣାଥିଲେ ମଧ୍ୟ କାହିଁକି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି । କଂଗ୍ରେସ ଇସ୍ତାହାର କମିଟି ଅଧ୍ୟକ୍ଷ ପଞ୍ଚାନନ କାନୁନଗ୍ପୋ କହିଥିଲେ ଯେ, ବିଜେଡିକୁ ମରଣକାଳେ ବିପରୀତ ବୁଦ୍ଧି ଦିଶିଛି । ବିଜେଡି ଏବେ ଯେଉଁ ଢଙ୍ଗରେ କାର୍ଯ୍ୟ କରୁଛି ତାହା ସ୍ପଷ୍ଟ କରୁଛି ଯେ, ବିଜେଡିର ଶେଷ ସମୟ ଆସିଗଲାଣି । ସମ୍ପାଦକୀୟରେ ପ୍ରଶ୍ନ କରିବା କ'ଣ ଜନ ବିରୋଧୀ ତାହା ସେ ଜାଣିପାରୁନାହାନ୍ତି ବୋଲି କହିଛନ୍ତି । ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ୍ୱର ବେହେରା ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ ଯେ, ରାଜ୍ୟରେ ଏବେ ଏକ ଅରାଜକତା ସୃଷ୍ଟି ହୋଇଛି । ସତ କହିଲେ ସରକାର ନାଲି ଆଖି ଦେଖାଉଛନ୍ତି । କଂଗ୍ରେସ ରାଜ୍ୟ ଶାସନକୁ ଫେରିଲେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ହେବ ବୋଲି ସେ କହିଥିଲେ ।

### ମୟୂରଭଞ୍ଜ ...

ଭିଜିଲାନ୍ସ ହାତରୁ ଧରାପଡି ଚାକିରିରୁ ନିଲମ୍ବିତ ହୋଇଥିବାବେଳେ ଏହି ମାମଲାରେ ତାଙ୍କୁ ୨ ବର୍ଷ ସଶ୍ରମକାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଦେବାକୁ କର୍ଟ ନିର୍ଦ୍ଦେଶ ଦେଇଥିଲେ । ଚଳିତ ଜୁନ ୧୭ ତାରିଖ ରେ ବଡସାହି ବ୍ଲକ ଶିକ୍ଷା କାର୍ଯ୍ୟାଳୟର କିରାଣୀ ବିକ୍ରମ ବେହେରା ପେନସନ ପେପର କରାଇଦେବା ନାମରେ ୧୫ ହଜାର ଲାଞ୍ଚ ନେବାବେଳେ ଗିରଫ ହେବା, ଗତ ଜୁନ ୨୯ ତାରିଖ ରେ ବାଦାମପାହାଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କିରାଣୀ ୨୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡିବା ସହ ଗତ ଅକ୍ଟୋବର ୧୦ ତାରିଖ ଦିନ ବିଶୋଇ ଜଳବିଭାଜିକା ଓଭରସିୟର କିଶୋର କୁମାର ବେହେରା ଫାର୍ମପୋଣ୍ଡ ମାଷ୍ଟରରୋଲ କରିଦେବା ନାମରେ ୨୨ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଥିଲେ । ବାରିପଦା ଉପଜିଲାପାଳ କାର୍ଯ୍ୟାଳୟର ବରିଷ୍ଠ ରାଜ୍ୟସ୍ୱ ସହାୟକ ରାମଚନ୍ଦ୍ର ଜେନାଙ୍କ ଉପରେ ଆୟବହିର୍ଭୂତ ସମ୍ପତି ଠୁଳ ମାମଲାରେ ଭିଜିଲାନ୍ସ ଚଢାଉ ହେଇଥିଲାବେଳେ ୩ କୋଟିରୁ ଉର୍ଦ୍ଧ ମୂଲ୍ୟର ସମ୍ପତି ଠାବ ହୋଇଛି । ଏବେ ନିକଟରେ ବାରିପଦା ଅବାଟାକୋ ସହକାରୀ ଯନ୍ତ୍ରୀ ବାଣେଶ୍ୱର ନାୟକଙ୍କ ଉପରେ ଆୟବହିର୍ଭୂତ ସମ୍ପତି ଠୁଳ ମାମଲାରେ ରେଡ ହୋଇ ୧ କୋଟି ୬୫ ଲକ୍ଷରୁ ଅଧିକ ସମ୍ପତି ଠାବ ହେବା ଭଳି ବହୁ ଉଦାହରଣ ଜିଲ୍ଲାରେ ରହିଛି । ଭିଜିଲାନ୍ସ ପକ୍ଷରୁ ବାରମ୍ବାର ଚଢାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ ମଧ୍ୟ ଜିଲ୍ଲାରେ ଦୁର୍ନୀତି କମିବାରେ ନା ଧରୁନି । ଫଳରେ ଅନେକ ସ୍ଥଳରେ ସରକାର କୋଟିକୋଟି ଟଙ୍କାର ରାଜ୍ୟସ୍ୱ ହରାଉଥିବାବେଳେ ସାଧାରଣ ଲୋକେ ନିଜର କାମ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ସ୍ଥଳରେ ଉପରିସ୍ଥ ଅଧିକାରୀମାନେ ଲାଞ୍ଚ ଟଙ୍କା ନେଇ କାର୍ଯ୍ୟ କରୁଥିବାରୁ ତଳିଆ କର୍ମଚାରୀ ମାନେ ସେହି ଢାଞ୍ଚାରେ ପଡି ଟଙ୍କା ଆଦାୟ କରିବାକୁ ପଛାଉ ନାହାନ୍ତି । ତେବେ କ୍ରମବର୍ଦ୍ଧିଷ୍ଣୁ ଦୁର୍ନୀତି ଜିଲ୍ଲାର ବିକାଶରେ ବାଧକ ସାଜିଥିବା ବେଳେ ଜିଲ୍ଲାର ମୁଖ୍ୟ ଭାବେ ଜିଲ୍ଲାପାଳ ଏବଂ ଏସ୍‌ପି ନିଜ ଅଧୀନରେ ଥିବା ବିଭାଗୀୟ କାର୍ଯ୍ୟାଳୟ ଗୁଡିକରୁ ଦୁର୍ନୀତି ହଟାଇବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

### ପ୍ରତି ୨ ମାସରେ ...

ପ୍ରତ୍ୟେକ ପିତାମାତା ନିଜ ପିଲାର ଭାଷାଗତ ଓ ଗାଣିତିକ ଦକ୍ଷତା ବୃଦ୍ଧି କରିବା ଦିଗରେ କିଭଳି ସକ୍ଷମ ହୋଇପାରିବେ ତା'ର ଉପାୟ ସରକାର ଜଣାଇବେ । ମା'ମାନଙ୍କ ସହ ବୈଠକବେଳେ କ'ଣ ସବୁ ଆଲୋଚନା ହେବ, ମା'ମାନଙ୍କୁ କେଉଁସବୁ ପ୍ରସଙ୍ଗରେ ପ୍ରଶିକ୍ଷିତ କରାଯିବ ତା'ର ଏକ ବିସ୍ତୃତ ତାଲିକା ସରକାରଙ୍କ ପକ୍ଷରୁ ଦିଆଯାଇଛି । ମା'ମାନଙ୍କର ଉପସ୍ଥିତ ସୁନିଶ୍ଚିତ କରିବା ପାଇଁ ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ଦ୍ୱାରା, ପିଲାମାନଙ୍କ ଦ୍ୱାରା ମା'ମାନଙ୍କୁ ପ୍ରଧାନଶିକ୍ଷକ ସୂଚନା ଦେବେ । ଏପରିକି ହ୍ୱାଟସଅପ୍ ଗ୍ରୁପ୍ ଗଠନ କରି ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବାକୁ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ସନ୍ଦେଶ ମଧ୍ୟ ପ୍ରଦାନ କରାଯାଇଛି । ନିର୍ଦ୍ଧାରିତ ତାରିଖର ଶେଷ ଦୁଇ ପିରିୟଡ଼ରେ ମା'ମାନଙ୍କ ବୈଠକ କରି ଏସବୁ ପ୍ରସଙ୍ଗରେ ପ୍ରଶିକ୍ଷିତ କରାଯିବ । ପିଲାମାନଙ୍କୁ ଓ ସ୍କୁଲକୁ ଦିଆଯାଇଥିବା ପୁସ୍ତିକା, ଶିକ୍ଷଣ ସାମଗ୍ରୀଗୁଡ଼ିକୁ ଦେଖାଇବା ସହ ଏହା ପିଲାମାନଙ୍କର କିଭଳି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲରେ ସହାୟକ ହେବ ତାହା ଶିକ୍ଷକମାନେ ମା'ମାନଙ୍କୁ ଜଣାଇବେ । ପିଲାମାନଙ୍କ ସହିତ ସେମାନଙ୍କର ଅଭିଜ୍ଞତା ବିଷୟରେ ଗୋଟିଏ ଅବା ଦୁଇ ମିନିଟ୍ କହିବାକୁ ମା'ମାନେ ସେହି ବୈଠକରେ ଚେଷ୍ଟା କରିବେ । ମା'ମାନେ ରାନ୍ଧିବାବେଳେ ଯେଉଁ ସବୁ ସାମଗ୍ରୀର ଉପଯୋଗ କରୁଛନ୍ତି ତା'ର ନାଁ, ଏହାର ବ୍ୟବହାର ଓ ସେହି ପଦାର୍ଥ ଅବା ଜିନିଷ ସମ୍ପର୍କରେ ନିଜ ପିଲାଙ୍କୁ ଅବଗତ କରିବେ । ଝୋଟି ଆଙ୍କିବା, ଚିତ୍ର କରିବା, ପରିବାର ସଦସ୍ୟଙ୍କ ସମ୍ପର୍କରେ ଜଣାଇବା ସହ ଅନେକ ଦିଗ ସମ୍ପର୍କରେ ପିଲାମାନଙ୍କୁ କିଭଳି ଅବଗତ କରାଇବେ ତାହା ସ୍କୁଲଗୁଡ଼ିକରେ ସେମାନଙ୍କୁ ଏହି ବୈଠକ ମାଧ୍ୟମରେ ଅବଗତ କରାଯିବ । ଚଳିତମାସ ୯ତାରିଖରେ ପ୍ରଥମ ବୈଠକ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ପ୍ରାଥମିକ ସ୍କୁଲ ଶିକ୍ଷକମାନଙ୍କ ଆନ୍ଦୋଳନ ଯୋଗୁ ତାହା ସମ୍ଭବପର ହୋଇପାରିନଥିଲା । ଆସନ୍ତା ଅକ୍ଟୋବର ମାସରେ ରାଜ୍ୟବ୍ୟାପୀ ସମସ୍ତ ପ୍ରାଥମିକ ସ୍କୁଲରେ ମା'ମାନଙ୍କ ବୈଠକ ଅନୁଷ୍ଠିତ ହେବ । ଏହାର ଭିଡ଼ିଓ ଓ ଫଟୋ ଉତ୍ତୋଳନ କରି ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ପଠାଇବାକୁ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ମା'ମାନଙ୍କ ଏହି ବୈଠକ ଅକ୍ଟୋବର, ଜାନୁୟାରୀ ଓ ମାର୍ଚ୍ଚ ମାସରେ ହେବ ।

### ସରଳ ଭାଷାରେ ...

ଏହା ସହ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରଯାନ-୩କୁ ସଫଳତାର ସହ ଅବତରଣ କରାଇଛି । ଆତ୍ମବିଶ୍ୱାସରେ ଭରପୁର ଆଜିର ଭାରତ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରୁଛି । ଏକ ବିକଶିତ ରାଷ୍ଟ୍ରର ଲକ୍ଷ୍ୟ ହାସଲ କରିବା ପାଇଁ ଭାରତରେ ଆଇନ ବ୍ୟବସ୍ଥା ପାଇଁ ଦୃଢ଼, ସ୍ୱାଧୀନ ଏବଂ ନିରପେକ୍ଷ ଭିତ୍ତିଭୂମିର ଆବଶ୍ୟକତା ରହିଛି । ଆନ୍ତର୍ଜାତୀୟ ଆଇନଜୀବୀ ସମ୍ମିଳନୀ ୨୦୨୩ ଅତ୍ୟନ୍ତ ସଫଳ ହେବ ଏବଂ ପ୍ରତ୍ୟେକ ଦେଶ ଅନ୍ୟ ଦେଶର ସର୍ବୋତ୍ତମ ଅଭ୍ୟାସରୁ ଶିଖିବାର ସୁଯୋଗ ପାଇବେ ବୋଲି ପ୍ରଧାନମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ । ଆଜିର ଦୁନିଆର ଗଭୀର ସମ୍ପର୍କ ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ ଆଜି ଦୁନିଆରେ ଅନେକ ଶକ୍ତି ଅଛି ଯେଉଁମାନେ ସୀମା ଏବଂ ଅଧିକାର ବିଷୟରେ ଚିନ୍ତା କରନ୍ତି ନାହିଁ । ଯେତେବେଳେ ବିପଦ ବିଶ୍ୱବ୍ୟାପୀ ହୁଏ, ସେତେବେଳେ ଏହାର ମୁକାବିଲା କରିବାର ଉପାୟ ମଧ୍ୟ ବିଶ୍ୱସ୍ତରୀୟ ହେବା ଉଚିତ" ବୋଲି ସେ କହିଥିଲେ । ଭାରତର ପ୍ରଧାନ ବିଚାରପତି ଡକ୍ଟର ଡି.ୱାଇ. ଚନ୍ଦ୍ରଚୂଡ଼, କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ଭାରତର ସଲିସିଟର ଜେନେରାଲ ଆର ଭେଙ୍କଟରମଣି, ବାର୍ କାଉନସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ତୁଷାର ମେହେଟ୍ଟା, ମନନ କୁମାର ମିଶ୍ର ଏବଂ ବ୍ରିଟେନର ଲର୍ଡ ଚାନ୍ସେଲର ଆଲେକ୍ସ ଚକ୍ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

# ମେରୀ ମାଟି ମେରା ଦେଶ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଜାରି

**ଭୁବନେଶ୍ୱର,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଦେଶବ୍ୟାପୀ ଆରମ୍ଭ ହୋଇଥିବା ମେରୀ ମାଟି ମେରା ଦେଶ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ବର୍ତ୍ତମାନ ଜାରି ରହିଛି । ଦେଶବାସୀଙ୍କ ମନରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ଏବଂ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ବୀରମାନଙ୍କୁ ସମ୍ମାନ ଜଣାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ ବୀରମାନଙ୍କୁ ପ୍ରଣାମ ସହ ସେମାନଙ୍କ ଜନ୍ମସ୍ଥାନରୁ କଳସରେ ମାଟି ସଂଗ୍ରହ କରାଯାଇ ଅମୃତ କଳସ ଯାତ୍ରାମାନ ଆୟୋଜନ କରାଯାଉଛି । ଆଜି ଏହି କ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ମାଟି ସଂଗ୍ରହ ଓ ଅମୃତ କଳସ ଯାତ୍ରା ଆୟୋଜିତ ହୋଇଯାଇଛି । ଆଜି ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଗ୍ରାମରେ ଅମୃତ କଳସ ଯାତ୍ରା ଓ ବୀରଙ୍କୁ ବନ୍ଦନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ବୀରଙ୍କ ଜନ୍ମମାଟିରୁ ଅମୃତ କଳସରେ ମାଟି ସଂଗ୍ରହ କରାଯାଇଥିଲା । କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକରେ ମେରୀ ମାଟି ମେରା ଦେଶ କାର୍ଯ୍ୟକ୍ରମ ଅଧୀନରେ ଅମୃତ କଳସ ଯାତ୍ରା ଆୟୋଜିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଓ ଠାକୁରମୁଣ୍ଡା ବ୍ଲକରେ ଅମୃତ କଳସରେ ମାଟି ସଂଗ୍ରହ କରାଯାଇଛି । ବୀରଙ୍କୁ ବନ୍ଦନ ଓ ଅମୃତ କଳସ ଯାତ୍ରାରେ ସାଧାରରଣ ଲୋକ ଉତ୍ସାହର ସହ ଭାଗ ନେଇଥିବା ଦେଖିବାକୁ ମିଳିଥିଲା । ସେହିପରି ବରଗଡ଼ ଜିଲ୍ଲାର ବିଭିନ୍ନ ଗ୍ରାମରେ ମଧ୍ୟ ଅମୃତ କଳସ ଯାତ୍ରା ସହିତ ମାଟି ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସୋହେଲା ବ୍ଲକରେ ସ୍ଥାନୀୟ



ପିଲାମାନେ ଅମୃତ କଳସ ଯାତ୍ରାରେ ଭାଗ ନେଇଥିବା ଦେଖିବାକୁ ମିଳିଥିଲା । ନୟାଗଡ଼ ଜିଲ୍ଲାର ରାଜସୁନାଖଳା ପଞ୍ଚାୟତରେ ମେରୀ ମାଟି ମେରା ଦେଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଅମୃତ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ଯେ, ସର୍ବଭାରତୀୟ ପ୍ରସାର କାର୍ଯ୍ୟକ୍ରମ ଆକାରରେ ଦେଶର ପ୍ରତ୍ୟେକ ଘରେ ଏହି ଅଭିଯାନକୁ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ସଫଳତାପୂର୍ବକ ଗତ ଅଗଷ୍ଟ ୧୫ ତାରିଖରେ ଶେଷ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଭାରତର ଗ୍ରାମୀଣ କ୍ଷେତ୍ରରେ ୬ ଲକ୍ଷରୁ ଅଧିକ ଗାଁ ଏବଂ ଅନ୍ୟ ସହରାଞ୍ଚଳରୁ ମାଟି ଓ ଚାଉଳ ଏକାଠି କରାଯାଉଛି । ଗ୍ରାମୀଣ କ୍ଷେତ୍ରରେ ଏହାକୁ ବ୍ଲକ୍ ସ୍ତରରେ ଏକାଠି କରାଯାଉଛି ଏବଂ ରାଜ୍ୟ ରାଜଧାନୀ ଦେଇ ଦିଲ୍ଲୀକୁ ଆଣିବା ପାଇଁ ପ୍ରସ୍ତୁତି କରାଯାଉଛି । ଅକ୍ଟୋବର ଶେଷ ସୁଦ୍ଧା ଅନ୍ତିମ କାର୍ଯ୍ୟକ୍ରମ ପାଇଁ ୮୫୦୦ରୁ ଅଧିକ କଳସ ଦିଲ୍ଲୀରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଭାରତର କୋଣଅନୁକୋଣରୁ ଏକତ୍ରିତ କରାଯାଇଥିବା ମାଟିକୁ ଅମୃତ ବାଟିକା ଏବଂ ଅମୃତ ସ୍ମାରକରେ ରଖାଯିବ ଯାହାକି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରାଯିବାର ଐତିହ୍ୟ ବହନ କରିବ ।

# ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ପାଇଁ ସରକାରୀ ନିଯୁକ୍ତିରେ ସୁନିଶ୍ଚିତ ହେବ ସଂରକ୍ଷଣ

**ଭୁବନେଶ୍ୱର :** ଯଦି ଯୋଜନା ଅନୁସାରେ ସବୁ ଠିକ୍ ଚାଲେ ତା ହେଲେ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ପାଇଁ ପାଇଁ ସରକାରୀ ନିଯୁକ୍ତିରେ ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା ସୁନିଶ୍ଚିତ ହେବ । ଅର୍ଥାତ୍ ପ୍ରତ୍ୟେକ ସରକାରୀ ନିଯୁକ୍ତିରେ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ ସର୍ବନିମ୍ନ ୪% ସଂରକ୍ଷଣ ପ୍ରଦାନ କରାଯିବ । ଏବେ ପ୍ରତ୍ୟେକ ସରକାରୀ ବିଭାଗରେ ଏ ନେଇ ପଦବୀ ଚିହ୍ନଟ କରାଯାଉଛି । ଏହି ରିପୋର୍ଟ ମିଳିବା ପରେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ବିହିତ ପଦକ୍ଷେପ ନେବ । ଦୀର୍ଘ ଦିନ ହେବ ସରକାରୀ ନିୟମ ଅନୁସାରେ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଦେବା ଲାଗି ଭିନ୍ନକ୍ଷମମାନେ ଦାବି କରି ଆସୁଛନ୍ତି । ସରକାରୀ ଚାକିରିରେ ଭିନ୍ନକ୍ଷମଙ୍କ ପାଇଁ ପଦ ସଂରକ୍ଷଣ ବ୍ୟବସ୍ଥା ଥିବା ସତ୍ତ୍ୱେ ନିଯୁକ୍ତି ହାର ନଗଣ୍ୟ ରହୁଥିବା ଅଭିଯୋଗ ହେଉଛି । ମାସକ ତଳେ ଓଡ଼ିଶା ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବେ ବିଭିନ୍ନ ବିଭାଗରେ ପଦବୀ ଚିହ୍ନଟ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । ୩ ମାସ ଭିତରେ ପଦବୀ ଚିହ୍ନଟ କାମ ଶେଷ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଦିବ୍ୟାଙ୍ଗ ଅଧିକାର ଆଇନ ୨୦୧୬ ଧାରା ୩୪ ଅନୁସାରେ, ସରକାରୀ ନିଯୁକ୍ତିରେ ୪% ସ୍ଥାନ ସଂରକ୍ଷଣ କରାଯାଇଛି । ଦୃଷ୍ଟିବାଧିତ ଓ ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ, ବାକ୍ ଓ ଶ୍ରବଣ ରହିତ, ଚଳନ ବାଧିତ ଓ ମସ୍ତିଷ୍କ ପକ୍ଷାଘାତ, ବହୁବିଧ ଅକ୍ଷମତାଯୁକ୍ତ ବ୍ୟକ୍ତି ଏବଂ ଶ୍ରବଣ ଓ ଦୃଷ୍ଟିବାଧିତ ଥିବା ପ୍ରାର୍ଥୀ ସଂରକ୍ଷଣ ସୁବିଧା ପାଇପାରିବେ । ଏସ୍ଏସ୍ଇପିଡି ବିଭାଗ ତରଫରୁ ଏ ନେଇ ନିର୍ଦ୍ଦେଶନାମା ମଧ୍ୟ ଜାରି କରାଯାଇଛି ।

# ସମ୍ଭାବ୍ୟ ସନ୍ତ୍ରାସବାଦ ମୁକାବିଲା ନେଇ ଓଡ଼ିଶା ପୋଲିସର ମକଡ୍ରିଲ

**ଅସ୍ତରଙ୍ଗ :** ଜଳ ପଥରେ ଆସୁଥିବା ଅନୁପ୍ରବେଶକାରୀଙ୍କ ସମେତ ସମ୍ଭାବ୍ୟ ଆତଙ୍କବାଦର କିପରି ମୁକାବିଲା କରାଯିବ ସେ ସମ୍ବନ୍ଧରେ ଦୁଇଦିନିଆ ମଗଡ୍ରୀଲ ବା ସାଗର କବଚ କରାଯାଇଥିଲା । ଓଡ଼ିଶା ପୋଲିସ ତରଫରୁ ଆରମ୍ଭ ହୋଇଥିବା ଗୁରୁବାର ଓ ଶୁକ୍ରବାର ଏହି ଦୁଇଦିନିଆ ସାଗର କବଚରେ ଜିଲ୍ଲାର ୧୨ଜଣ ଅଫିସର, ୧୬ଜଣ କନେଷ୍ଟବଳ, ୧୬ ଜଣ ହୋମଗାର୍ଡ଼, ନୂଆଗଡ, କାଳିଆକଣ, ଅସ୍ତରଙ୍ଗ, ଗୁଣ୍ଡଳବା, ଦାଲୁଅକଣୀ, ସହନ, ସୁଧିକେଶ୍ୱର ଆଦି ୭ଗୋଟି ସମୁଦ୍ରତଟ ବା ଉପକୂଳରେ ରହି ବିଭିନ୍ନ ଦୂର ବିକ୍ଷଣଯନ୍ତ୍ର ଦ୍ୱାରା ସମ୍ଭାବ୍ୟ ସନ୍ତ୍ରାସ ବାଦର ଆକ୍ରମଣ ଓ ତାର ମୁକାବିଲା କିପରି କରାଯଇ ପାରିବ, ସେ ସମ୍ବନ୍ଧରେ ସମୁଦ୍ର ଜଳ ରାଶି ଉପରେ ନିରୀକ୍ଷଣ କରୁଥିବା ବେଳେ, ନୂଆଗଡ ମେରାଇନ ଥାନା ତରଫରୁ, ଏସଆଇ ସନ୍ତୋଷ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନଦୀ ଓ ସମୁଦ୍ରରେ ପେଟ୍ରୋଲିଂ କରାଯାଇ ମାଛ ମାରୁଥିବା ଧୀବର



ମାନଙ୍କର ଯନ୍ତ୍ର ଚାଳିତ ଡଙ୍ଗାର କାଗଜପତ୍ର ଆଦି ତନଖି କରାଯାଇଛି । ଏହି ଦୁଇ ଦିନିଆ ସାଗର କବଚ ବା ମକଡ୍ରିଲକୁ ପୁରୀ ଜିଲ୍ଲାର ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି ପରିଚାଳନା କରୁଥିବା ବେଳେ ଅସ୍ତରଙ୍ଗ ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ରାଜେଶ ବଳିଆର ସିଂ, ସବ୍ ଇନିସପକ୍ଟର ସଂଗ୍ରାମ କେଶ୍ୱରୀ ସ୍ୱାଇଁ ଓ ଦୀପକ କୁମାର ସାମନ୍ତ ସିଂହାର ପ୍ରମୁଖ ଏହି ଦୁଇ ଦିନିଆ ସାଗର କବଚ ବା ମକଡ୍ରିଲକୁ ତଦାରଖ ସହ ଜଳପଥ ସ୍ଥଳ ପଥ ପେଟ୍ରୋଲିଂକୁ କଡାକଡି କରିଛନ୍ତି ।

## ଡାକ୍ତର-ଔଷଧ ଦୋକାନୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା

# ହନ୍ତସନ୍ତ ନିରୀହ ଆଦିବାସୀ

**ନବରଙ୍ଗପୁର:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଜିଲ୍ଲାରେ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଦିବାସୀ ଜନସାଧାରଣଙ୍କ ନିମିତ୍ତ ମାଗଣାରେ ନିରାମୟ କେନ୍ଦ୍ରରେ ଔଷଧ ଦେବାର ବ୍ୟବସ୍ଥା ରହିଛି । ହେଲେ ବହୁ ସ୍ଥାନରେ ଡାକ୍ତର ଓ ଔଷଧ ଦୋକାନର ମଧୁଚନ୍ଦ୍ରିକାରେ ପେଶୀ ହେଉଛନ୍ତି ନିରୀହ ଆଦିବାସୀ ଲୋକେ । କେତେକ ଡାକ୍ତର ନିରାମୟ କେନ୍ଦ୍ରର ଔଷଧ ରୋଗୀଙ୍କ ପାଇଁ ନ ଲେଖି ଔଷଧ ଦୋକାନରୁ ଔଷଧ ନେବା ପାଇଁ ଲେଖୁଥିବା ଯୋଗୁଁ ଆଦିବାସୀ ଲୋକେ ନାହିଁ ନ ଥିବା ହଇରାଣ ହେଉଥିବା ସେମାନଙ୍କ ଠାରୁ ଶୁଣିବାକୁ ମିଳୁଛି । ପ୍ରକାଶ ଥାଉକି ଡାକ୍ତର କହୁଛନ୍ତି ସେହି ଔଷଧ ଦୋକାନରୁ କିଣିବାକୁ । ଏଥିରୁ ଜଣା ପଡିଯାଉଛି ଯେ, ଦୁଇ ଜଣଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଛି । ଡାକ୍ତର ନିରାମୟ କେନ୍ଦ୍ରର ଔଷଧ ନ ଲେଖି ସ୍ୱାସ୍ଥ୍ୟ କେନ୍ଦ୍ରର ଓ ସରକାରଙ୍କ ଯୋଜନାକୁ ମାନୁ ନାହାଁନ୍ତି, ଔଷଧ ଦୋକାନରୁ କିଣିବା ପାଇଁ କହୁଥିବା ହିତାଧିକାରୀ ମାନେ ଦୁଃଖର ସହ ନିଜ ନାମକୁ ଗୋପନ ରଖିବାକୁ କହୁଛନ୍ତି । ଏଥିନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ



ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଏଦିଗରେ ଦୃଷ୍ଟି ଦେଇ ଆଦିବାସୀ ଲୋକେ ଯେପରି ନିରାମୟ କେନ୍ଦ୍ରରୁ ଔଷଧ ପାଇବେ ଓ ବାହାର ଦୋକାନରୁ କିଣିବା ପାଇଁ ନ ଲେଖିବେ । ତେବେ ସରକାରୀ ଯୋଜନାରୁ ଆଦିବାସୀ ଲୋକେ ଲାଭାନ୍ୱିତ ହେବେ ଏଥିରେ ସନ୍ଦେହ ନାହିଁ । ଖର୍ଚ୍ଚାନ୍ତରୁ ରକ୍ଷା ପାଇବେ । ଏପରି ହେଉଥିବା ଘଟଣା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡଃ ଶୁଭାଶିଶ ସାହୁଙ୍କୁ ପଚାରିବାରୁ, ସେ କହିଲେ ଏପରି ହେଉଥିବା ଖବର ମୋ ନଜରକୁ ଆସିନାହିଁ, ତଥାପି ଅନୁଧ୍ୟାନ କରି ସମସ୍ୟାର ସମାଧାନ କରିବି ଯେପରି ଆଦିବାସୀ ଲୋକେ ନିରାମୟ କେନ୍ଦ୍ରରୁ ଔଷଧ ପାଇବେ ଓ ଖର୍ଚ୍ଚାନ୍ତ ହେବେ ନାହିଁ ।



ପ୍ରେମାନନ୍ଦ ପାଣିଗ୍ରାହୀ

# ବିଲୁପ୍ତି ପଥେ ପ୍ରକୃତିର ମେହେନ୍ତର



ପୂର୍ବେ ଗାଁମୁଣ୍ଡ ମଶାଣୀ ବା ପଡିଆରେ ଯଦି ପଶୁଙ୍କ ଶବ ପଡୁଥିଲା ସେଠି ପଲପଲ ଶାଗୁଣାଙ୍କୁ ଦେଖିବାକୁ ମିଳୁଥିଲା। ଶାଗୁଣା ପଚାଶଢା ଜିନିଷକୁ ଖାଇ ସଫା କରିଦେଉଥିଲେ। ତେଣୁ ଶାଗୁଣାକୁ ପରିବେଶର ମେହେନ୍ତର ଆଖ୍ୟା ଦିଆଯାଉଥିଲା। ମାଂସାସୀ ପକ୍ଷୀମାନଙ୍କ ମଧ୍ୟରେ ଏହା ସବୁଠୁ ବଡ ପକ୍ଷୀ । ଶାଗୁଣା ଏବେ ଦେଖିବାକୁ ସାତସପନ। ୧୯୯୦ ମସିହା ପରଠାରୁ ଭାରତୀୟ ଶାଗୁଣାଙ୍କ ସଂଖ୍ୟାରେ ପ୍ରାୟ ୯୮ ପ୍ରତିଶତ ହ୍ରାସ ହୋଇଛି। ପକ୍ଷୀ ଇତିହାସରେ ଏହା ସବୁଠାରୁ ଦ୍ରୁତତମ ହ୍ରାସ । ସେଥି ପାଇଁ ଇଣ୍ଟରନ୍ୟାସନାଲ ୟୁନିୟନ ଫର କଞ୍ଜରଭେନସନ ଅଫ ନେଚର ପକ୍ଷରୁ ଏହାକୁ ବିଲୁପ୍ତ ପ୍ରାୟ ପକ୍ଷୀ ତାଲିକାରେ ସ୍ଥାନିତ କରାଯାଇଛି। ହାବାତ୍ୟାର ପ୍ରଖର ପବନ ସ୍ରୋତରେ ଏମାନଙ୍କର ପ୍ରାକୃତିକ ବାସସ୍ଥଳୀ ଧ୍ୱଂସ ହୋଇଯିବାରୁ ୧୯୯୯ ମସିହା ପରଠାରୁ ଓଡିଶା ଆକାଶରେ ଆଉ ଶାଗୁଣା ଉଡୁନାହାନ୍ତି । ଶାଗୁଣାମାନେ ସାଧାରଣତଃ ତାଳ ଗଛ ଓ ଉଚ୍ଚ ବୃକ୍ଷମାନଙ୍କରେ ବାସ କରନ୍ତି। ଶାଗୁଣା ଦେଖିବାକୁ ବିଶାଳ କିନ୍ତୁ ଅନାକର୍ଷକ। ତା ଦେହର ପରସବୁ ଦେଖିବାକୁ କଳାମିଶା ବାଦାମୀ ରଙ୍ଗର। ତା'ର ବେକ ଓ ଥଣ୍ଟ ଲମ୍ବା। ମାଂସ ଚିରି କାଟି ଖାଇବା ପାଇଁ ତା ଥଣ୍ଟ ସ୍ୱତନ୍ତ୍ର ଭାବରେ ତିଆରି ହୋଇଛି । ତାର ଖୁବ୍ ମଜଭୁତ୍ ଚଞ୍ଚୁ ଓ ପଞ୍ଝା ରହିଛି। ତା' ଚଞ୍ଚୁର ଧାର ଗୁଡିକ ଇସ୍ପାତ ପରି ଧାରୁଆ। ଏହାର ଦୃଷ୍ଟିଶକ୍ତି ଅତି ପ୍ରଖର। ବହୁଦୂରରେ ପଡିଥିବା ମଢକୁ ସେ ଆକାଶରୁ ଦେଖିପାରେ। ଶାଗୁଣାର ଦୃଷ୍ଟିଶକ୍ତି ପରି ଧାରଣା ଶକ୍ତି ପ୍ରଖର ହୋଇଥିବାରୁ ଦୂରରେ ଯେଉଁଠି ମଢ ପଡିଥିଲେ ମଧ ତା'ର ସନ୍ଧାନ ସେ ପାଇପାରେ। ଉଚ୍ଚରେ ଉଡିବାର ଅଭ୍ୟାସ ଯୋଗୁଁ ତା'ର ଶରୀର ମଧ ଥଣ୍ଡା ରହେ ଓ ଖାଦ୍ୟ ଠାବ କରିବା ସୁବିଧାଜନକ ହୁଏ। ଆକାଶର ବହୁ ଉଚ୍ଚରେ ସେ ଘଣ୍ଟାକୁ ୧୪୪ କି.ମି. ବେଗରେ ଉଡିପାରେ। ଶାଗୁଣାର ନଖ ବଡ ବଡ ଓ ମୁନିଆ ହୋଇଥିଲେ ମଧ ସେ ନିଜପାଇଁ ଖାଦ୍ୟ ଶୀକାର କରେନାହିଁ । ମୃତ ପଶୁ ଓ ଅନ୍ୟ ମାଂସାସୀ ପ୍ରାଣୀଙ୍କ ବଳକା ଖାଦ୍ୟକୁ ସେ ଖାଇଥାଏ । ଖାଦ୍ୟ ଅନ୍ୱେଷଣ ପାଇଁ ଶାଗୁଣାମାନେ ଦଳବଦ୍ଧ ହୋଇ ଅନେକ ସମୟ ପର୍ଯ୍ୟନ୍ତ ଉଚ୍ଚ ଆକାଶରେ ଉଡିପାରନ୍ତି। ଏମାନଙ୍କର ଡେଣା ଖୁବ୍ ବଡ ଓ ଚଉଡା ହୋଇଥିବାରୁ ଅଧିକ ସମୟ ପର୍ଯ୍ୟନ୍ତ ଉଡିଲେ ମଧ ଏମାନଙ୍କୁ କଷ୍ଟ ହୁଏ ନାହିଁ । ଶାଗୁଣାର ମୁଣ୍ଡରେ ପ୍ରାୟତଃ ପର ନଥାଏ । ଫଳରେ ଏହି ଲଣ୍ଡାମୁଣ୍ଡ ତାକୁ ଖାଦ୍ୟ ଗ୍ରହଣ କରିବାରେ ସାହାଯ୍ୟ କରିଥାଏ। ମାଇ ଶାଗୁଣା ବର୍ଷକୁ ମାତ୍ର ଗୋଟିଏ ଅଣ୍ଡା ଦିଏ । ସାଧାରଣତଃ ୫/୬ ବର୍ଷରେ ଗୋଟିଏ ମାଇ ଶାଗୁଣା ପ୍ରଜନନକ୍ଷମ ହେବା ସହିତ ପ୍ରାୟ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ। ପୃଥିବୀରେ ପ୍ରାୟ ୨୨ ପ୍ରଜାତିର ଶାଗୁଣା ଦେଖାଯାନ୍ତି । ସେଥି ମଧ୍ୟରୁ ୧୨ ଜାତି ଏସିଆ,ଆଫ୍ରିକା,ୟୁରୋପ ମହାଦେଶରେ ଓ ୭ ଜାତି ଉତ୍ତର ଓ ଦକ୍ଷିଣ ଆମେରିକା ମହାଦେଶରେ ଦେଖାଯାନ୍ତି। ଭାରତରେ ୮ ଜାତିର ଶାଗୁଣା ଯଥା-ୟୁରେସିଆ ଶାଗୁଣା,ଧଳାପରବାଲା ଶାଗୁଣା,ଇଜିପ୍ଟ ଶାଗୁଣା,ଲମ୍ବା ଥଣ୍ଟିଆ ମାଟିଆ ଶାଗୁଣା,ସରୁ ଥଣ୍ଟିଆ ମାଟିଆ ଶାଗୁଣା, ରାଜା ଶାଗୁଣା,ହିମାଳୟ ଗ୍ରୀଫନ,ସେନେରିୟସ ଶାଗୁଣା । ଅଷ୍ଟ୍ରେଲିଆ ଓ ଆଣ୍ଟାର୍କଟିକା ମହାଦେଶରେ କୌଣସି ଶାଗୁଣା ଦେଖିବାକୁ ମିଳନ୍ତି ନାହିଁ।





ଭାରତ, ପାକିସ୍ତାନ, ନେପାଳ, ଭୁଟାନ, କାମ୍ବୋଡିଆ ସମେତ ବିଶ୍ୱର ବିଭିନ୍ନ ଦେଶରେ ଶାଗୁଣା ଏବେ ବିରଳ। 'ଜୁ ଲୋଜିକାଲ ସୋସାଇଟ୍ ଅଫ୍ ଲଣ୍ଡନ" ଏବଂ "ବାର୍ଡ୍ ଲାଇଫ୍ ପାର୍ଟନର"ର ବୈଜ୍ଞାନିକମାନେ ଭାରତ ଏବଂ ପାକିସ୍ତାନରେ ଦ୍ରୁତ ଭାବେ ଶାଗୁଣା ବଂଶ ହ୍ରାସ ପାଇବାର କାରଣ ଅନୁସନ୍ଧାନ କରି ୨୦୦୩ ମସିହାରେ ଏକ ରିପୋର୍ଟ ପ୍ରକାଶ କରିଥିଲେ। ଗୃହପାଳିତ ମୃତ ପଶୁର ପଚା ମାଂସ ଖାଇ ଶାଗୁଣାର ମୃତ୍ୟୁ ଘଟୁଥିବା ସେମାନଙ୍କ ଅନୁଧ୍ୟାନରୁ ଜଣାପଡିଥିଲା। ଗୃହପାଳିତ ପଶୁମାନଙ୍କର ଜ୍ୱର ଓ ଯନ୍ତ୍ରଣାରୁ ରକ୍ଷା ପାଇଁ 'ଡାଇକ୍ଲୋଫେନାକ୍' ନାମକ ଏକ ଔଷଧ ଦିଆଯାଇଥାଏ। ଏହି ଔଷଧ ଗାଇ, ମଇଁଷିମାନଙ୍କ ଦେହରେ ମିଳାଇ ଯାଏ। ସେମାନେ ମୃତ୍ୟୁବରଣ କରିବା ପରେ ମଧ ଏହି ଔଷଧର ମାତ୍ରା ସେମାନଙ୍କ ଶରୀରରେ ରହିଯାଇଥାଏ । ଭାରତୀୟ ଶାଗୁଣା ଖାଦ୍ୟ ଲାଗି ସାଧାରଣତଃ ଗୋଜାତୀୟ ପଶୁମାନଙ୍କ ମୃତ ଦେହ ଉପରେ ନିର୍ଭର କରିଥାନ୍ତି । ଏହି ଔଷଧ ଥିବା ମୃତ ଗାଇ ଓ ମଇଁଷିଙ୍କୁ ଆହାର କରିବା ଦ୍ୱାରା ଶୁଗାଣାମାନଙ୍କର କିଡ୍‌ନୀ ଓ ଲିଭର ନଷ୍ଟ ହୋଇଯାଇଥାଏ। ଶାଗୁଣାକୁ ଘୁମା ରୋଗ ଧରିଥାଏ ଏବଂ ସେ ତାର ବେକକୁ ଭାଙ୍ଗିରଖିବା ସହ ଉଡିପାରେନାହିଁ । ଶେଷରେ ସେ ମୃତ୍ୟୁବରଣ କରେ । ପଚାମାଂସ ଖାଇବା ଯୋଗୁଁ ଶାଗୁଣାକୁ ଉଦରୀୟ ଗାଇଟ୍ ରୋଗ ହୋଇଥାଏ। ଶରୀରରେ ଜଳୀୟ ଅଂଶ କମିଯିବାରୁ ଶାଗୁଣାର ମୃତ୍ୟୁ ଘଟେ। ଶାଗୁଣାଙ୍କ ଅକାଳ ମୃତ୍ୟୁର କାରଣ ସାଜିଥିବା ପେନ୍‌କିଲ୍‌ର ଡାଇକ୍ଲୋଫେନାକ୍ ବ୍ୟବହାର ଉପରେ କେନ୍ଦ୍ର ସରକାର ୨୦୦୮ ମସିହା ଜୁଲାଇ ୪ ତାରିଖରେ ନିଷେଧାଦେଶ ଜାରି କରିଥିଲେ କିନ୍ତୁ ପରିସ୍ଥିତି ବଦଳି ନାହିଁ। ଏହାର ବହୁଳ ବ୍ୟବହାର ଯୋଗୁଁ ସାରା ଭାରତରେ ଶାଗୁଣା ବଂଶ ବସ୍ତୁତଃ ଲୋପ ପାଇଯିବାକୁ ବସିଲାଣି। ମୋବାଇଲ ଟାୱାରରୁ ବିକିରଣ,ବିଦ୍ୟୁତ ତାର,ଜଳବାୟୁ ପରିବର୍ତ୍ତନକୁ ବି ଦାୟୀ କରାଯାଇପାରେ।

ପ୍ରକୃତିର ବରଦାନ ନିଆରା। ତେଣୁ ଜାଣତରେ ହେଉ ଅବା ଅଜାଣତରେ ପ୍ରକୃତି ଦତ୍ତ ସମ୍ପତ୍ତିକୁ ନଷ୍ଟ କରିଦେବା ଅନୁଚିତ। ବିଲୁପ୍ତ ପ୍ରାୟ ଶାଗୁଣାଙ୍କ ବଂଶରକ୍ଷା ପାଇଁ ଗତ ୨୦୦୯ ମସିହା ଠାରୁ ସେପ୍ଟେମ୍ବର ମାସ ପ୍ରଥମ ଶନିବାରକୁ ଶାଗୁଣା ସଚେତନତା ଦିବସ ଭାବେ ପାଳନ କରିବାକୁ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ପକ୍ଷରୁ ଆରମ୍ଭ କରାଗଲା । କିଛି ବର୍ଷ ହେଲା ଭାରତ ସରକାର ଶାଗୁଣା ସଂରକ୍ଷଣ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ହରିୟାଣାର ପିଞ୍ଜୋରେ,ପଶ୍ଚିମବଙ୍ଗର ବକ୍ସା, ଆସାମର ରାଣୀ, ମଧ୍ୟପ୍ରଦେଶର ଭୋପାଳ, ଓଡିଶାର ନନ୍ଦନକାନନରେ ଏହି ବିଶାଳକାୟ ପକ୍ଷୀଙ୍କୁ ଦେଖିବାକୁ ମିଳୁଛି। ଲୋପପାଇବାକୁ ବସିଥିବା ପ୍ରକୃତିଦତ୍ତ ପରିବେଶର ମେହେନ୍ତର ଶାଗୁଣା ବଂଶର ସଂରକ୍ଷଣ ପାଇଁ ଜାତୀୟ ଚିଡିଆଖାନା କର୍ତ୍ତୃପକ୍ଷ ଅଣ୍ଟା ଭିଡିଛନ୍ତି। ୨୦୦୮-୦୯ ରୁ ଦେଶର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଶାଗୁଣା ପ୍ରଜନନ କେନ୍ଦ୍ର ଖୋଲାଯାଇଛି।

*ଭୁଷଳ,ଭୁବନ,ଢେଙ୍କାନାଳ*
*ମୋ-୯୪୩୭୭୨୯୩୮୪*





ଡକ୍ଟର ମନୋରଞ୍ଜନ ବିଷୋୟୀ

# ଓଷା ବ୍ରତର ମାହାତ୍ମ୍ୟ ଓ ଖୁଦୁରୁକୁଣୀ ଓଷା

ମାନବର ସୁଖ ଓ ସମୃଦ୍ଧି ନିମନ୍ତେ ଓଷା ଓ ବ୍ରତ କଥା ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ପ୍ରାଚୀନ ଉତ୍କଳ ବିଭିନ୍ନ ସମୟରେ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ବୌଦ୍ଧ ଓ ଜୈନ ଧର୍ମ ପରି ବହୁ ଧର୍ମ ଦର୍ଶନର ସଂସ୍ପର୍ଶରେ ଆସିଅଛି । ଫଳତଃ ବହୁ ଗୋଷ୍ଠୀ ଦ୍ୱାରା ବହୁପ୍ରକାରର ଦେବଦେବୀ ଆରାଧନା ପ୍ରଣାଳୀ ଏଠାରେ କ୍ରମେ ବିକାଶଲାଭ କରିଛି । ଓଡ଼ିଶାରେ ଦେଖାଯାଉଥିବା ଓଷା ଓ ବ୍ରତ ମଧରେ କେତେକ ପାର୍ଥକ୍ୟ ଦେଖାଯାଏ। ବ୍ରତଗୁଡ଼ିକ ସାଧାରଣତଃ ଶାସ୍ତ୍ରାନୁମୋଦିତ ଏବଂ ଏହାର ସମୟ ଓ ବିଧାନ ଇତ୍ୟାଦି ପ୍ରଣାଳୀବଦ୍ଧ । ଏହାର ସଂକଳ୍ପ ଓ ପୂଜା ନିମନ୍ତେ ବ୍ରାହ୍ମଣ ଆବଶ୍ୟକ ହୋଇଥାଏ କିନ୍ତୁ ଓଷା ପାଳନ ନିମନ୍ତେ ବ୍ରାହ୍ମଣ ଅନିର୍ବାର୍ଯ୍ୟ ନୁହନ୍ତି। ଅଭିଷ୍ଟ ସିଦ୍ଧି ପାଇଁ ଜାତି, ଧର୍ମ ନିର୍ବିଶେଷରେ ଉପବାସ ଓ ସଂଯତ ଆଚରଣ ଦ୍ୱାରା ଏହାକୁ ନାରୀ ନିଜେ କରିପାରନ୍ତି । ଓଷାବ୍ରତର ପାଳନ କର୍ତ୍ତା ପୃଥକ୍ ଥିବା ଦେଖାଯାଏ । କେତେକ ସ୍ତ୍ରୀ (ସଧବା), କେତେକ କୁମାରୀ କନ୍ୟା ଓ କେତେକ ସ୍ତ୍ରୀ ପୁରୁଷ ଉଭୟ ପାଳନ କରୁଥିବା ଦେଖାଯାଏ । ଏହି ଓଷା ବ୍ରତ ପାଳନ ଅବସରରେ ଆଖ୍ୟାୟିକା ପଠନ କରାଯାଏ । ଆରାଧ୍ୟ ଦେବତାଙ୍କ ଅଲୌକିକ ଶକ୍ତି ସଂପର୍କିତ ଏହି କାହାଣୀ ସାଧାରଣ ପାଠକଙ୍କୁ ଆମୋଦିତ କରିବା ସହ ଦେବତାଙ୍କ ପ୍ରତି ଭୟ ଓ ଭକ୍ତି ସୃଷ୍ଟି କରିଥାଏ । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ରଷ୍ଟାଙ୍କ ଦ୍ୱାରା ସୃଷ୍ଟିଲାଭ କରିଥିବା ହେତୁ ଓଷାବ୍ରତର ଶୈଳୀ ତଥା ଉପସ୍ଥାପନା ପ୍ରଣାଳୀ ଭିନ୍ନ ହେବା ସ୍ୱାଭାବିକ । ଏପରିକି ପୂଜା ପ୍ରଣାଳୀ ଓ ପୂଜା ନିମନ୍ତେ ଆବଶ୍ୟକ ଉପକରଣ ମଧ ଭିନ୍ନ ହୋଇଥିବା ଦେଖାଯାଏ।

ମୁଖ୍ୟତଃ ଓଷାବ୍ରତ ଗୁଡ଼ିକରେ ଗଣେଶ, ସୂର୍ଯ୍ୟ, ଶିବ, ବିଷ୍ଣୁ ଓ ଦୁର୍ଗା- ଏହି ପଞ୍ଚ ଦେବତା ପ୍ରମୁଖ ସ୍ଥାନ ଅଧିକାର କରିଥାନ୍ତି । ବିଷ୍ଣୁଙ୍କ ବିଭିନ୍ନ ରୂପକୁ କେନ୍ଦ୍ରକରି ଓଡ଼ିଶାରେ ଏକାଦଶୀ ବ୍ରତ, ଅନନ୍ତ ବ୍ରତ, ଜନ୍ମାଷ୍ଟମୀ, ବାମନ ବ୍ରତ, ପଞ୍ଚକ ବ୍ରତ, ନୃସିଂହ ଚତୁର୍ଦ୍ଦଶୀ, ଭୋଦେଇ ଓଷା, ଶ୍ରୀରାମ ନବମୀ, ବିଷ୍ଣୁ ପଞ୍ଚକ, ସତ୍ୟନାରାୟଣ ବ୍ରତ, ଲକ୍ଷ୍ମୀନାରାୟଣ ବ୍ରତ ଇତ୍ୟାଦି ଓଷା ଓ ବ୍ରତ ଦେଖାଯାଏ । ଠିକ୍ ସେହିପରି ଶିବ ଓ ପାର୍ବତୀଙ୍କୁ କେନ୍ଦ୍ର କରି- ଶିବ ଚତୁର୍ଦ୍ଦଶୀ, ବାଲିତୃତୀୟା ବ୍ରତ, ସୋମବାର ବ୍ରତ, କେଦାର ବ୍ରତ, ସୋମନାଥ ବ୍ରତ ଆଦି ପାଳନ କରାଯାଇଥାଏ।

ବିଷ୍ଣୁ ଓ ଶିବଙ୍କ ପରି ଶକ୍ତି ପୂଜାର ପରମ୍ପରା ଓଡ଼ିଶାରେ ବ୍ୟାପକ ପ୍ରଚଳିତ । ଶକ୍ତି ଆରାଧନା ନିମନ୍ତେ ମୁଖ୍ୟତଃ ମା' ମଙ୍ଗଳା, ମହାଲକ୍ଷ୍ମୀ ପୂଜା, ଦୁର୍ଗାଷ୍ଟମୀ ବ୍ରତ, ତାରିଣୀ ବ୍ରତ, ଦୁତିଆ ଓଷା, ଗୁରୁବାର ବ୍ରତ, ସୁଦଶା ବ୍ରତ, ଜହ୍ନିଓଷା, ମଙ୍ଗଳ ସଂକ୍ରାନ୍ତି, ଚୈତ୍ର ମଙ୍ଗଳବାର, ଖୁଦୁରୁକୁଣୀ ଓଷା, ବଜ୍ରମହାକାଳୀ, ସାବିତ୍ରୀ ବ୍ରତ, ବାଲି ତୃତୀୟା, ଷଷ୍ଠୀ ଓଷା, ସୀତା ନବମୀ ଇତ୍ୟାଦି ପାଳିତ ହୁଏ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ସମଗ୍ର ଭାରତରେ ସୌର ଉପାସନାର ପ୍ରାଧାନ୍ୟ ଅନୁଭୂତ ହୁଏ । ଓଡ଼ିଶାରେ ଏହାର ପ୍ରଭାବ ଅଷ୍ଟମ ନବମ ଶତାବ୍ଦୀ ବେଳକୁ ବିଶିଷ୍ଟ ସ୍ଥାନ ଅଧିକାର କରିଥିବା ଦେଖାଯାଏ। ସୂର୍ଯ୍ୟ ଉପାସନା ଧାରାରେ ଓଡ଼ିଶାରେ - ରବିନାରାୟଣ ବ୍ରତ, ବିରଞ୍ଚି ନାରାୟଣ ବ୍ରତ, ପୌଷ ରବିବାର, ଉଜିଆ ରବିବାର ବ୍ରତ ପାଳିତ ହେଉଥିବା ଦେଖାଯାଏ ।

ଆଦ୍ୟ ଦେବତା ଭାବରେ ଗଣେଶ ସର୍ବତ୍ର ପୂଜିତ । ସିଦ୍ଧିଦାତା ଓ ବିଦ୍ୟାଦାତା ଭାବରେ ଗଣେଶଙ୍କୁ ଆଧାର କରି ବିନାୟକ ବ୍ରତ ପାଳିତ ହୁଏ । ସେହିପରି ଶନିଙ୍କ ନିମନ୍ତେ ଶନି ଓଷା, ଯମଙ୍କ ନିମନ୍ତେ ବାଟ ଓଷା, ଚନ୍ଦ୍ର ଆରାଧନା ନିମନ୍ତେ ଚନ୍ଦ୍ର ଓଷା, ଜହ୍ନିଓଷା, ଋଷି ପଞ୍ଚମୀ ବ୍ରତ ବିଧାନ ଦେଖାଯାଏ । ନାଗଦେବତା ନିମନ୍ତେ ନାଗଲ ଚଉଠି ବ୍ରତ ଆଦି ଓଡ଼ିଶାରେ ପାଳିତ ହେଉଥିବା ଦେଖାଯାଏ ।

ଓଷାବ୍ରତକୁ ଅନୁଧ୍ୟାନ କଲେ ଏହାର ସୃଷ୍ଟି ଅନ୍ତରାଳରେ କିମ୍ବଦନ୍ତୀ, ଲୋକବିଶ୍ୱାସକୁ ଦେଖିହୁଏ । ସୁସଂହତ ସାମାଜିକ ଜୀବନର ବିକାଶ ସହ ଗତାନୁଗତିକ ଜୀବନ ଧାରାରୁ ଭିନ୍ନ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି ନିମନ୍ତେ ଜନ୍ମଲାଭ କରିଛି ଓଷା ଓ ବ୍ରତ କଥା । ଆଧାତ୍ମିକ ବିକାଶ, ନୈତିକ ମାନବୃଦ୍ଧି ଏବଂ ସାମାଜିକ ସଂହତିକୁ ଏହି ପରମ୍ପରା ଅନ୍ତରାଳରେ ଲକ୍ଷ୍ୟ କରିହୁଏ । ଲୋକାଚାର ଓ ଲୋକବିଶ୍ୱାସ ସହ ସଂଯୋଜିତ ଏହି ଓଷାବ୍ରତ ଦୁର୍ବିପାକରୁ ମୁକ୍ତିଲାଭ ପାଇଁ ମାନବକୁ ଯୋଗାଇଥାଏ ପ୍ରେରଣା।

ସେହି ଧାରାରେ ସାମୂହିକ ଆବେଗ, କଳ୍ପନା, ବିଶ୍ୱାସ ଓ ଚଳଣିକୁ ଆଧାର କରି ଗଢ଼ି ଉଠିଥିବା ଖୁଦୁରୁକୁଣୀ ଓଷା ଅନ୍ୟତମ । ଯାହା ଭାଦ୍ରବ ମାସର ପ୍ରତି ରବିବାରେ ପାଳିତ ହେବା ସହ ଓଡ଼ିଆଙ୍କ ବିଶ୍ୱାସବୋଧକୁ ବହୁଳ ଭାବେ ପ୍ରଭାବିତ କରିଆସିଛି । ଏହି ଓଷାର ଆରାଧ୍ୟ ମା' ମଙ୍ଗଳା । ଅନୂଢ଼ା କୁମାରୀ ଓ ସଧବା ବୋହୂମାନେ ନିଜ ନିଜର ଓ ପରିବାର ଶୁଭମନାସି ମା'ମଙ୍ଗଳାଙ୍କୁ ସ୍ଥାପନ କରିବା ସହ ଉପବାସ କରି ମଙ୍ଗଳା ଦେବୀଙ୍କୁ ସୁମରଣା କରିଥାନ୍ତି । ଏପରିକି ଏହି ଓଷା ସହ ସଂପର୍କିତ ସାତ ସାଧବ, ସାତ ବୋହୂ, ତଅପୋଇ ଓ ସାତ ବୋଇତର ଛବି ମଧ ଅଙ୍କାଯାଇଥାଏ । କାରଣ ଏହି ଓଷା ପାଳନ କରି ସାଧବ ଝିଅ ତଅପୋଇ କିପରି ମା' ମଙ୍ଗଳାଙ୍କ କୃପାରୁ ନିଜ ମନବାଞ୍ଛା ପୂରଣ କରିପାରିଛି ତାହାର ବର୍ଣ୍ଣନା ଶ୍ରୀକୃଷ୍ଣ ତାଙ୍କ ପାଟରାଣୀ ଓ ଦାସୀମାନଙ୍କୁ ଶୁଣାଇଛନ୍ତି ।

ଆଖ୍ୟାୟିକାଟି ଥିଲା- ତନୟ ନାମକ ସାଧବଙ୍କ ସାତ ପୁଅ ଓ ସାତ ବୋହୂ ସମେତ ଗୋଟିଏ ବୋଲି ଅଲିଅଳି ଝିଅ ତଅପୋଇ ଥିଲା । ସମସ୍ତଙ୍କ ଅମାପ ସ୍ନେହ, ଶ୍ରଦ୍ଧା ପାଇ ବଢ଼ିଥିବା ତଅପୋଇର କୌଣସିଟିରେ ଅଭାବ ନଥିଲା । ଏକଦା ବାଉଁଶ କୁଲେଇ ଓ ଟୋକେଇ ଧରି ଖେଳୁଥିବା ବେଳେ, ଜଣେ ବିଧବା ବ୍ରାହ୍ମଣୀର ପ୍ରରୋଚନାରେ ପଡ଼ି ସୁନାର କୁଲେଇ ଓ ଚାନ୍ଦ ପାଇଁ ତଅପୋଇ ଜିଦ୍ ଧରେ । ତା' ପାଇଁ ସୁନା ଚାନ୍ଦ ଓ କୁଲେଇ ତିଆରିରେ ଅଧା ଚାନ୍ଦ ବେଳେ ପିତା ଓ ପୁରା ଚାନ୍ଦେ ମାଆଙ୍କ ବିୟୋଗ ଘଟେ । ପରେ ପରେ ସାତଭାଇ ଅଲିଅଳି ଭଉଣୀ ତଅପୋଇର ଦାୟିତ୍ୱ ଭାଉଜମାନଙ୍କୁ ଦେଇ ବାଣିଜ୍ୟରେ ଯାଆନ୍ତି । କିନ୍ତୁ ପୁନଶ୍ଚ ସେହି ବ୍ରାହ୍ମଣୀର ପ୍ରରୋଚନାରେ ସାନ ଭାଉଜ ବ୍ୟତିରେକ ସମସ୍ତେ ତଅପୋଇକୁ ନିର୍ଯାତନା ଦିଅନ୍ତି । ସେ ବଣକୁ ଛେଳି ଧରି ଯାଏ । ବଡ଼ ଭାଉଜର ଛେଳି 'ଘରମଣି' ହଜେ । କିନ୍ତୁ ମା' ମଙ୍ଗଳାଙ୍କୁ ପୂଜା କରି ଛେଳିକୁ ଫେରି ପାଏ ଏବଂ ମା'ଙ୍କୁ ପୂଜା କରି ଭାଇମାନଙ୍କ ଫେରିଆସିବାକୁ ସୁମରଣା କଲା । ଭାଇମାନେ ଫେରି ଆସନ୍ତି । ଘୋର ବନରେ ଭାଇମାନଙ୍କ ସହ ସାକ୍ଷାତ ପରେ ନିଜର ଦୁଃଖ କହେ । ଭାଇମାନେ ତଅପୋଇକୁ ଗୋଟିଏ ତୀକ୍ଷ୍ଣ ଛୁରୀ ଦେଇ ବୋଇତରେ ମଙ୍ଗଳା ଠାକୁରାଣୀ ବେଶରେ ବସାଇଥିଲେ । ଭାଉଜମାନେ ବୋଇତ ବନ୍ଦାଇବାକୁ ଆସିବା ପରେ ଭାଇମାନଙ୍କ କହିବା ପ୍ରକାରେ ସାନ ଭାଉଜକୁ ଛାଡ଼ି ଅନ୍ୟ ସମସ୍ତଙ୍କ ନାକର ବଉଳି କାଟି ଯଥାର୍ଥ ଶାସ୍ତି ବିଧାନ କରିଛି ।

ପରବର୍ତ୍ତୀ ସମୟରେ ତଅପୋଇର ରତ୍ନାକର ନାମକ ସାଧବ ସହିତ ବିବାହ ସଂପନ୍ନ ହୋଇଥିଲେ ମଧ ଅଷ୍ଟମଙ୍ଗଳା ଦିନ ସେ ଗନ୍ଧର୍ବ ସହ ସ୍ୱର୍ଗପୁରକୁ ଚାଲିଯାଇଛି । କାରଣ ସେ ଥିଲା ଗନ୍ଧର୍ବ ପତ୍ନୀ ଜଣେ ଅପସ୍‌ରୀ । ପୂର୍ବ ଅଭିଶାପରୁ ଏଭଳି ସେ ଷୋଳବର୍ଷ ମର୍ତ୍ତ୍ୟ ଦଣ୍ଡ ଭୋଗ କରିଥିଲା ।



ଘଟଣା ଆଧାରରେ ଶ୍ରୀକୃଷ୍ଣଙ୍କ ମା' ମଙ୍ଗଳାଙ୍କ ମହିମା ଦର୍ଶାଇଛନ୍ତି । ଏଭଳି ଭାବେ ମା' ମଙ୍ଗଳାଙ୍କ ଅପାର କରୁଣା ଜାଣି ମା'ଙ୍କ ଖୁଦୁରୁକୁଣି ଓଷା ଅଦ୍ୟାବଧି ପାଳିତ ହୋଇ ଆସୁଅଛି । ଏହି ଓଷାରେ ମା' ମଙ୍ଗଳାଙ୍କୁ ଖୁଦ କୁଣ୍ଡାରେ ପିଠା କରି ତା' ଦେହରେ ଖୁଦ ତଣ୍ଡୁଳ ପୁର ଦେଇ ପୂଜା କରାଯାଉଥିବାରୁ ଏହାକୁ ଖୁଦୁରୁକୁଣି ଓଷା କୁହାଯାଏ । ଏହି ଓଷାର ଶେଷ ପାଳି ଦିନ ରାତି ପୂଜା ପରେ ଭୋରରୁ ପରିକ୍ରମା ସହ ଆନନ୍ଦ ଉଲ୍ଲାସ ସହକାରେ ବିସର୍ଜନ କରାଯାଇଥାଏ । ଏହି ଓଷା ଆମ ଭିତର ଧାର୍ମିକ ଚେତନା, ଏକତା ଓ ମୈତ୍ରୀଭାବ ସୃଷ୍ଟିରେ ବେଶ୍ ସହାୟକ ହେବା ସହ ଆଧାତ୍ମିକ ବିଶ୍ୱାସବୋଧକୁ ସୁଦୃଢ଼ କରିଥାଏ । କାରଣ ଆମ ଜୀବନଧାରାର ପ୍ରାଥମିକ ଉତ୍ସ ହେଉଛି ଆଧାତ୍ମିକ ବିଶ୍ୱାସବୋଧ । ଯାହା ପ୍ରାଚୀନ ମାନବ ଠାରୁ ଆରମ୍ଭ କରି ଆଧୁନିକ ମାନବ ପର୍ଯ୍ୟନ୍ତ ବିକାଶର ପ୍ରତ୍ୟେକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଏ ।

*ଦାମୋଦରପୁର, ଗଞ୍ଜାମ*
*ସଂପର୍କ: ୮୮୯୫୧୪୧୭୨୭*



# ମା' ମଙ୍ଗଳାଙ୍କ ନାମରେ ସୋସିଆଲ ମିଡ଼ିଆରେ ଅପପ୍ରଚାର

## ସାମ୍ବାଦିକ ସଙ୍ଘ ତରଫରୁ କାକଟପୁର ଥାନାରେ ଅଭିଯୋଗ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ନିକଟବର୍ତ୍ତୀ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା, ଯିଏ ହେଉଛନ୍ତି ଜଗନ୍ନାଥଙ୍କ ମା'। ମା' ମଙ୍ଗଳା ହେଉଛନ୍ତି ଓଡ଼ିଆ ମାନଙ୍କ ଆରାଧ୍ୟା। କାକଟପୁର ଅସ୍ତରଙ୍ଗ ମାଟିର ସ୍ୱାଭିମାନ ହେଉଛନ୍ତି ମା' ମଙ୍ଗଳା। କିନ୍ତୁ ଅନେକ ସମୟରେ ମା' ମଙ୍ଗଳାଙ୍କ ନାମରେ ସୋସିଆଲ ମିଡ଼ିଆରେ ଅନେକ ଆଇଡି ଖୋଲାଯାଇଛି। ଆଉ ମା' ଙ୍କର ଅନେକ ଭିଡ଼ିଓ ଓ ଫୋଟୋଚିତ୍ର ସେଥିରେ ପୋଷ୍ଟ କରାଯାଉଛି। କିଛିଦିନ ତଳେ ମା' ମଙ୍ଗଳାଙ୍କ ନାମରେ ଏକ ସୋସିଆଲ ମିଡ଼ିଆ ଆଇଡିରେ କିଛି ନଗ୍ନ ଫୋଟୋଚିତ୍ର ପୋଷ୍ଟ ହେବାର ନଜିର ଆସିଛି। ଏହାକୁ କେନ୍ଦ୍ର କରି ଲକ୍ଷାଧିକ ମାତୃଭକ୍ତଙ୍କ ମନରେ ଏକ ପ୍ରକାର ଦୁଃଖଦାୟକ ପରିସ୍ଥିତି ସୃଷ୍ଟି ହେଉଛି। ଏ ବାବଦରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର ଏକ ଟିମ୍ ମଙ୍ଗଳା ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟି ପଚାରିଥିଲେ କିନ୍ତୁ ବିନା ତହସିଲଦାରଙ୍କ ଉପସ୍ଥିତରେ କିଛି କରିପାରିବେନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ଜବାବ ଦେଇଥିଲେ। ଏଠି ପ୍ରଶ୍ନ ଉଠୁଛି ଗର୍ଭ ଗୃହ ଭିତରେ କୌଣସି ଫୋଟୋ କି ଭିଡ଼ିଓ ଉତ୍ତୋଳନ ହେଇପାରିବନି ବୋଲି ଦେବୋତ୍ତର କମିସନଙ୍କ ନିର୍ଦ୍ଦେଶ ଥିବା ବେଳେ, ଏତେ ସୁରକ୍ଷା ବଳୟ ଭିତରେ କିପରି ଗର୍ଭଗୃହକୁ କ୍ୟାମେରା ଯାଇ ଉକ୍ତ ଆଇଡିରେ ପ୍ରତ୍ୟେକ ଦିନର ଫୋଟୋ ଆଉ ଭିଡ଼ିଓ ପୋଷ୍ଟ ହେଉଛି। ସାମ୍ବାଦିକ ମାନଙ୍କୁ ମୋବାଇଲ ଆଉ କ୍ୟାମେରା ନେଇ ବେଢା ଭିତରେ ସୁଟିଂ କରିବାର ଅନୁମତି ରହିଛି କିନ୍ତୁ ଗର୍ଭ ଗୃହ ଭିତରେ କୌଣସି ସାମ୍ବାଦିକ କିଛି ଉତ୍ତୋଳନ କରିପାରିବେ ନାହିଁ। କିନ୍ତୁ କିପରି ଅନ୍ୟ ସୋସିଆଲ ମିଡ଼ିଆରେ ପୋଷ୍ଟ ହେଉଛି ତାହା ସନ୍ଦେହଜନକ। ସାମ୍ବାଦିକ ମାନେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ବାବଦରେ ପ୍ରତିକ୍ରିୟା ମାଗିଥିଲେ କିନ୍ତୁ ସେ ରୁକ୍ଷ ବ୍ୟବହାର କରିବାକୁ ପଛେଇ ନଥିଲେ। ଏସବୁ ହୃଦୟଙ୍ଗମ କରି ଅସ୍ତରଙ୍ଗ ସାମ୍ବାଦିକ ସଂଘର ତିନି ଜଣିଆ ଟିମ୍ ଯଥା କାର୍ଯ୍ୟକାରୀ ସଭାପତି ଆର୍ଯ୍ୟ ବିଶ୍ୱାଳ, ସମ୍ପାଦକ ଲୋକନାଥ ସ୍ୱାଇଁ, ସଦସ୍ୟ ଆର୍ତ୍ତତ୍ରାଣ ମହାନ୍ତି ଏ ବାବଦରେ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ତରଫରୁ କରିଛନ୍ତି। ଆଉ ଥାନା ଅଧିକାରୀ ଏହି ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଛନ୍ତି। ଖୁବ୍‌ଶୀଘ୍ର ଦୋଷୀକୁ ଧରାଯିବ ବୋଲି ସଙ୍ଘକୁ ପ୍ରତିଶ୍ରୁତି ଦେଇଛନ୍ତି। ମା' ମଙ୍ଗଳାଙ୍କ ପ୍ରତି ଏଭଳି ଅସାମାଜିକ କାର୍ଯ୍ୟ ପଛରେ କିଏ ରହିଛି ତାକୁ ତୁରନ୍ତ ଧରାଯାଇ ଗିରଫ କରିବାକୁ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ଦାବି କରିଛି। ନଚେତ ଆଗାମୀ ଦିନରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ଏ ବାବଦରେ ପୁରୀ ଆରକ୍ଷୀ ଅଧକ୍ଷଙ୍କୁ ଭେଟିବାକୁ ନିଷ୍ପତି ନେଇଛି।

# ଅନୁଭବ-ବର୍ଷାଙ୍କୁ ଝଟ୍‌କା



**କଟକ :** ଅଭିନେତା ଅନୁଭବ ମହାନ୍ତି ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ମାମଲାକୁ ନେଇ ଆସିଛି ବଡ଼ ଖବର। ଏହି ସିନେ ଦମ୍ପତିଙ୍କ ପାରିବାରିକ ବିବାଦ ସମ୍ପୂର୍ଣ୍ଣ ଭାବେ ଭିନ୍ନ ମୋଡ଼ ନେଇଛି। କୋର୍ଟ ଲଢେଇରେ ଉଭୟଙ୍କୁ ଝଟକା ଲାଗିଛି। କଟକ ପରିବାର ଅଦାଲତ କୋର୍ଟ ଅନୁଭବ ମହାନ୍ତିଙ୍କ ବିବାହ ବିଚ୍ଛେଦକୁ ଅଗ୍ରାହ୍ୟ କରିବା ସହ ଏକତ୍ର ରହିବା ନେଇ ବର୍ଷା କରିଥିବା ଆବେଦନ ମଧ୍ୟ ଅଗ୍ରାହ୍ୟ କରିଦେଇଛନ୍ତି। ଅନୁଭବଙ୍କ ଓକିଲ କହିଛନ୍ତି ବର୍ଷାଙ୍କୁ ଛାଡ଼ପତ୍ର ଦେବାଲାଗି ଅନୁଭବ ପ୍ରଥମେ ଦିଲ୍ଲୀର ପଟିଆଲା ହାଉସ କୋର୍ଟରେ ଆବେଦନ କରିଥିଲେ। ଯାହାକୁ ହାଇକୋର୍ଟରେ ବର୍ଷା ଚ୍ୟାଲେଞ୍ଜ କରିଥିଲେ। ପରେ କଟକ ଫାମିଲି କୋର୍ଟକୁ ମାମଲା ହସ୍ତାନ୍ତର କରିଥିଲେ ପଟିଆଲା ହାଉସ କୋର୍ଟ। ଅନ୍ୟପଟେ ମାମଲାଟି ଶେଷ ହେବାରେ ବହୁ ବିଳମ୍ବ ହେଉଥିଲା, ଯାହା ହେଉ ଆଜି ମାମଲାଟି ଅନ୍ତ ହୋଇଛି ବୋଲି ଅନୁଭବଙ୍କ ଓକିଲ ଲଳିତେନ୍ଦୁ ମିଶ୍ର କହିଛନ୍ତି। ଲଳିତେନ୍ଦୁ ମିଶ୍ର ଆହୁରି ମଧ କହିଛନ୍ତି ଯେ ଏହି ମାଲାର ଆବେଦନକାରୀ ଥିଲେ ଅନୁଭବ ମହାନ୍ତି। ୨୦୨୦ ମସିହାରୁ ସେ ଏହି ମାମଲା ପଛରେ ଲାଗିଥିଲେ। ଶେଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲାଟି ଶେଷ ହୋଇଛି। ଆମେ ଯେଉଁ ବିବାହ ବିଚ୍ଛେଦ ଆବେଦନ କରିଥିଲୁ, ତାହା ଖାରଜ ହୋଇଯାଇଛି। ସେହିପରି ବର୍ଷା ପ୍ରିୟଦର୍ଶିନୀଙ୍କ ଆବେଦନ ମଧ୍ୟ ଖାରଜ ହୋଇଛି। ତେଣୁ କେହି କାହା ପାଖରେ ରହିପାରିବେ ନାହିଁ। ତେବେ ଏ ସଂକ୍ରାନ୍ତରେ ବର୍ଷା ପ୍ରିୟଦର୍ଶିନୀ କିମ୍ବା ତାଙ୍କ ଓକିଲଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଆଗକୁ ରାଜ୍ୟର ଏହି ଚର୍ଚ୍ଚିତ ସିନେ ଦମ୍ପତିଙ୍କ ପାରିବାରିକ ବିବାଦ କେଉଁ ମୋଡ ନେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ୨୦୨୩-୨୪ ପାଇଁ ୨୮ହଜାର ୨୦୦ କୋଟିର ଅତିରିକ୍ତ ବଜେଟ

# ବିପର୍ଯ୍ୟୟ ପରିଚାଳନା ପାଇଁ ୪,୬୯୮ କୋଟି



**ଭୁବନେଶ୍ୱର :** ଷୋଡ଼ଶ ବିଧାନସଭାର ତ୍ରୟୋଦଶ ଅଧିବେଶନ ଅର୍ଥାତ୍ ମୌସୁମୀ ଅଧିବେଶନରେ ଉପସ୍ଥାପିତ ହୋଇଛି ଅତିରିକ୍ତ ବଜେଟ। ୨୦୨୩-୨୪ ପାଇଁ ଅତିରିକ୍ତ ବଜେଟ ଆଗତ କରିଛନ୍ତି ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ । ଚଳିତ ଆର୍ଥିକ ବର୍ଷ ପାଇଁ ୨୮ହଜାର ୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୨୦୨୩-୨୪ ପାଇଁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆଗତ କରିଥିବା ଅତିରିକ୍ତ ବଜେଟରେ ବିପର୍ଯ୍ୟୟ ପରିଚାଳନା ପାଇଁ ସର୍ବାଧିକ ୪୬୯୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗ ପାଇଁ ୪ ହଜାର ୮୩ କୋଟି,କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୪,୦୬୭ କୋଟି, ଗଣଶିକ୍ଷା ପାଇଁ ୨୮୮୨ କୋଟି, ଜଳସଂପଦ ପାଇଁ ୨୪୦୭ କୋଟି, ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମି ବିକାଶ ପାଇଁ ୧୩୨୭ କୋଟି, ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ୧୩୫୫ କୋଟ। ଗ୍ରାମ୍ୟ ଉନ୍ନୟନ ପାଇଁ ୮୯୭ କୋଟି,ମିଶନ ଶକ୍ତି ପାଇଁ ୭୮୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ନୂଆ ଯୋଜନା ଆମ ଓଡିଶା ନବୀନ ଓଡିଶା ପାଇଁ ୧୩୦୨ କୋଟି, ଲକ୍ଷ୍ମୀ ଯୋଜନା ପାଇଁ ୫୫୬ କୋଟି, ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ୨୧୦ କୋଟି ,ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ୧୧୦ କୋଟି, ସମ୍ବାଦିକ କଲ୍ୟାଣ ପାଣ୍ଠି ପାଇଁ ଅତିରିକ୍ତ ୧୦କୋଟି, ଓଡ଼ିଶା ମୋଟର ପରିବହନ ଡ୍ରାଇଭର କଲ୍ୟାଣ ପାଇଁ ୨୧ କୋଟି, ବ୍ଲକସ୍ତରରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୧୪ କୋଟି , ପଞ୍ଚାୟତକୁ ଆଇଟି ସଂଯୋଗୀକରଣ ପାଇଁ ୨୫୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଚଳିତ ଆର୍ଥିକ ବର୍ଷ ଅର୍ଥାତ ଅଗଷ୍ଟ ଯାଏ ନିଜସ୍ୱ ରାଜସ୍ୱ ସଂଗ୍ରହ ୪୧୨୩୧ କୋଟି ହୋଇଛି। ଏହା ପୂର୍ବ ବର୍ଷ ତୁଳନାରେ ୧୨.୯ ପ୍ରତିଶତ ଅଧିକ। ନିଜସ୍ୱ ଟିକସ ସଂଗ୍ରହ ୨୦୧୩୧ କୋଟି ହୋଇଛି। ଯାହା ପୂର୍ବ ବର୍ଷ ତୁଳନାରେ ୧୫.୫ ପ୍ରତିଶତ ଅଧିକ ଅଟେ। ଏଥି ସହିତ ନିଜସ୍ୱ ଅଣଟିକସ ରାଜସ୍ୱ ୨୧୧୦୦ କୋଟି ସଂଗ୍ରହ ହୋଇଛି। ଯାହା ପୂର୍ବ ବର୍ଷ ତୁଳନାରେ ୧୧.୫ ପ୍ରତିଶତ ଅଧିକ। ଅନ୍ୟପଟେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇ କହିଛନ୍ତି ମହଲେଖାଗାରଙ୍କ ସୂଚନା ଅନୁସାରେ ଜୁଲାଇ ସୁଦ୍ଧା ରାଜ୍ୟର ଋଣ ଭାର ୮୮୨୮୭ କୋଟି ଅଟେ। ଯାହା ପୋଷଣୀୟ ଅଟେ। ସେହିପରି ରାଜ୍ୟର ମୁଣ୍ଡ ପିଛା ଋଣ ୧୯ ହଜାର ୧୭୧ ଟଙ୍କା ରହିଛି। ଯାହା ଅନ୍ୟ ରାଜ୍ୟ ତୁଳନାରେ ବହୁ କମ। ଏ ଯାଏ ରାଜ୍ୟ ସରକାର ଖୋଲା ବଜାରରୁ ଋଣ କରି ନାହାନ୍ତି ବୋଲି ମଧ ଅର୍ଥମନ୍ତ୍ରୀ କହିଛନ୍ତି।

# ଏବେ ବଢ଼ିବନି ବାର୍ଦ୍ଧକ୍ୟ, ବିଧବା ଭତ୍ତା



**ଭୁବନେଶ୍ୱର :** ରାଜ୍ୟରେ ଗରିବ ଲୋକମାନଙ୍କୁ ମିଳୁଥିବା ମାସିକ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତାର ପରିମାଣ ଏବେ ବଢ଼ିବାର ସମ୍ଭାବନା ନାହିଁ। ପଡ଼ୋଶୀ ରାଜ୍ୟଗୁଡ଼ିକରେ ଏହି ସାମାଜିକ ସୁରକ୍ଷା ଭତ୍ତା ପରିମାଣ ଅପେକ୍ଷାକୃତ ଅଧିକ ଥିଲେ ମଧ ଓଡ଼ିଶା ସରକାରଙ୍କର ଏହି ମାସିକ ଭତ୍ତା ବଢ଼ାଇବାର ଏବେ କୌଣସି ଯୋଜନା ନାହିଁ ବୋଲି ରୋକଠୋକ୍ ମନା କରିଦେଇଛନ୍ତି। ବିଧାନସଭାରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ ଓ କୁସୁମ ଟେଟେଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତର ଦେଇ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ, ପଡ଼ୋଶୀ ରାଜ୍ୟରେ କିଏ କେତେ ଭତ୍ତା ପାଉଛି ତା'ର ହିସାବ ତାଙ୍କ ବିଭାଗ ପାଖରେ ନାହିଁ । ରାଜ୍ୟରେ ଏବେ ଗରିବ ଯୋଗ୍ୟ ହିତାଧିକାରୀଙ୍କୁ ମାସିକ ୫୦୦,୭୦୦ ଓ ୯୦୦ଟଙ୍କାର ଭତ୍ତା ପ୍ରଦାନ କରାଯାଉଛି। ଏହି ମାସିକ ଭତ୍ତା ପରିମାଣ ବୃଦ୍ଧି କରିବାର ଯୋଜନା ଏବେ ରାଜ୍ୟ ସରକାରଙ୍କର ନାହିଁ। ଓଡ଼ିଶାରେ ଏବେ ମୋଟ ୫୩ଲକ୍ଷ ୮ହଜାର ୯୬୭ଜଣ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ମାସିକ ଭତ୍ତା ପାଉଛନ୍ତି। ଏଥିରେ କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସୁରକ୍ଷା ଯୋଜନା ୨୦ଲକ୍ଷ ୩୩ହଜାର ୯୫୯ଜଣଙ୍କୁ ଭତ୍ତା ଦିଆଯାଉଥିବାବେଳେ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ୩୨ଲକ୍ଷ ୭୫ହଜାର ୮ଜଣଙ୍କୁ ଭତ୍ତା ଦିଆଯାଉଛି। ଚଳିତବର୍ଷ କେବଳ ମଧୁବାବୁ ପେନସନରେ ୪ଲକ୍ଷ ୧୩ହଜାର ୮୧୩ଜଣଙ୍କୁ ସାମିଲ କରାଯାଇଛି। ମୋଟ ଭତ୍ତାଧାରୀଙ୍କ ମଧ୍ୟରୁ ୧୯ଲକ୍ଷ ୮୯ହଜାର ୬୧ଜଣଙ୍କୁ ଡିବିଟି ମାଧ୍ୟମରେ ସେମାନଙ୍କ ଆକାଉଣ୍ଟରେ ଏହି ଭତ୍ତା ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଚଳିତବର୍ଷ ମଧୁବାବୁ ପେନସନ ଯୋଜନାରେ ୪ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡ ଆଦି ରାଜ୍ୟରେ ଗରିବ ଲୋକଙ୍କୁ ମାସିକ ଭତ୍ତା ସର୍ବନିମ୍ନ ୧ହଜାର ଟଙ୍କାରୁ ସର୍ବାଧିକ ୨୫୦୦ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଉଥିବା ଜଣାପଡ଼ିଛି।

### ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହ ପ୍ରାଥମିକ ଶିକ୍ଷକ ସଂଘର ଆଲୋଚନା

# ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର :** ପ୍ରାଥମିକ ଶିକ୍ଷକ ଆନ୍ଦୋଳନ ସ୍ଥଗିତ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଛି। ଡିସେମ୍ବର ସୁଦ୍ଧା ଦାବି ପୂରଣ ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଶିକ୍ଷକ ଆନ୍ଦୋଳନ ସ୍ଥଗିତ ନେଇ ମହାସଂଘ ମହାସଚିବ ଚାରୁଲତା ମହାପାତ୍ର ସୂଚନା ଦେଇଛନ୍ତି। ଆଲୋଚନାରେ ପ୍ରାଥମିକ ଶିକ୍ଷକ ମହାସଂଘର ୯ ସଂଘ ସାମିଲ ଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହ ପ୍ରାଥମିକ ଶିକ୍ଷକ ସଂଘର ଆଲୋଚନା ଶେଷ ହୋଇଛି। ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରହିଲା ବୋଲି ସଂଘ ପକ୍ଷରୁ କୁହାଯାଇଛି। ପ୍ରାଥମିକ ଶିକ୍ଷକ ସଂଘର ମହାସଚିବ ଚାରୁଲତା ମହାପାତ୍ରଙ୍କ ସୂଚନା ଅନୁଯାୟୀ ଭିଡିଓ କଲରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ସହ ଆଲୋଚନା ହୋଇଛି। ଠିକା ନିଯୁକ୍ତିକୁ ନିୟମିତ, ଗ୍ରେଡ ପେ ବୃଦ୍ଧି ଓ ପୁରାତନ ପେନସନ ଯୋଜନା ଲାଗୁ ଭଳି ମୁଖ୍ୟ ଦାବି ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ଦାବିକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ଗ୍ରହଣ କରିଥିବାରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି କୁହାଯାଇଛି। ଡିସେମ୍ବର ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଶିକ୍ଷକଙ୍କୁ ବୈଠକରେ ୫-ଟି ସଚିବ ଭିକେ ପାଣ୍ଡିଆନ ପ୍ରକାଶ କରିଛନ୍ତି। ନୂଆବର୍ଷରେ ନୂଆ ଭେଟି ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ମିଳିପାରେ ବୋଲି ଆଶ୍ୱାସନା ମିଳିଛି। ଏହି ବୈଠକରେ ୧୦ ଟି ପ୍ରାଥମିକ ସଂଘରୁ ୯ ସଂଘ ଯୋଗ ଦେଇଥିଲେ। ମିଳିତ ପ୍ରାଥମିକ ଶିକ୍ଷକ ସଂଘକୁ ଡାକରା ହୋଇନଥିଲା ବୋଲି ଚାରୁଲତା ମହାପାତ୍ର ପ୍ରକାଶ କରିଛନ୍ତି।

# ଦୁର୍ଗା ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଦୁର୍ଗା ପୂଜା ମଣ୍ଡପ ଠାରେ ଚଳିତ ବର୍ଷ ଦୁର୍ଗା ପୂଜା ନିମନ୍ତେ ସୁରେଶ ଚନ୍ଦ୍ର ବେହେରାଙ୍କ ପ୍ରସ୍ତାବ କ୍ରମେ ସୁରେନ୍ଦ୍ର କୁମାର ମିଶ୍ରଙ୍କ ପରିଚାଳନାରେ ଏକ ପ୍ରସ୍ତୁତି ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷ କିପରି ସୂଚାରୁ ରୂପେ ଦୁର୍ଗା ପୂଜା ପାଳନ କରାଯିବ, ସାଜସଜ୍ଜା, ଅର୍ଥ ସଂଗ୍ରହ କରାଯିବା ଉପରେ ଆଲୋଚନା କରାଯାଇ ସେ ନେଇ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଜି. ଗୋପାଳକୃଷ୍ଣ ରାଓ, ସମ୍ପାଦକ ସୁରେନ୍ଦ୍ର କୁମାର ମିଶ୍ର, କୋଷାଧ୍ୟକ୍ଷ ଏମ. ସୂର୍ଯ୍ୟନାରାୟଣ ଶୁବୁଦ୍ଧି, ସଭ୍ୟ ଭାବେ ଦିବ୍ୟରଞ୍ଜନ ରାୟପାତ୍ର, ଡଙ୍ଗରିଗୁଡ଼ା ସରପଞ୍ଚ ରାମକୁମର ଗଣ୍ଡ, ଡାବୁଗାଁ ସରପଞ୍ଚ ବିନୋଦ ସୌରା, ରାଜେଶ ଅଗ୍ରୱାଲ, ଜି. ସାଇରାଜୁ,ଏମ. ବୁଲୁ ରାଓ, ଏମ୍. ଆପା ରାଓ,ଜି ମୁନା ରାଓ, ବାବି ଜେନା, କୈଳାସ ଚନ୍ଦ୍ର ବିଶୋଇ, ଆଶୁତୋଷ ଜେନା, ବଲ୍ଲଭନାରାୟଣ ପଣ୍ଡା, ଗୁପ୍ତ ବିଶୋଇ, କୁନୁ ପାତ୍ର, ଡି. ଚନ୍ଦ୍ରଶେଖର ରାଓ, ସତ୍ୟରଞ୍ଜନ ରାୟପାତ୍ର, ଦିବାନ ସିଂ, ବିକାଶ ରଞ୍ଜନ ନିଶଙ୍କ, ସୌଭାଗ୍ୟ ବିଶ୍ୱାଳ, ସୁରେଶ ଚନ୍ଦ୍ର ବେହେରା, ଟିଟୁ ଜେନାଙ୍କ ସମେତ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଭଦ୍ର ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।

# ଜାନୁୟାରୀ ୫ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ୨୦୨୪କୁ ଦୃଷ୍ଟିରେ ରଖି ରାଜ୍ୟର ସବୁ ନିର୍ବାଚନମଣ୍ଡଳୀ ପାଇଁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଲାଗି ଶୁକ୍ରବାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ କର୍ମକର୍ତ୍ତାଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ କରିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ଆସନ୍ତା ଜାନୁୟାରୀ ୫ରେ ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହା ପୂର୍ବରୁ ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସବୁ ରାଜନୈତିକ ଦଳଙ୍କର ସହଯୋଗ କାମନା କରିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ପ୍ରତି ରାଜନୈତିକ ଦଳ ସବୁ ବୁଥ୍‌ରେ ନିଜର ଜଣେ ଲେଖାଏ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି କରିବେ। ଏହାସହ ଦଳ ପକ୍ଷରୁ ସେମାନଙ୍କ ଫଟୋ ପରିଚୟ ପତ୍ର ଦେବେ ଓ ନିଯୁକ୍ତ ହୋଇଥିବା ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ଏକ କିତା ଲେଖାଏ ନକଲ ସମ୍ପୃକ୍ତ ଜିଲାର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ, ଇଆର୍ଓ ତଥା ଉପଜିଲାପାଳ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ। ନିଯୁକ୍ତ ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ସମ୍ପୃକ୍ତ ବୁଥ୍ ଅଞ୍ଚଳରେ ମୃତ ଭୋଟରଙ୍କୁ ଚିହ୍ନଟ କରିବା, ସ୍ଥାନାନ୍ତର ହୋଇଥିବା ଭୋଟରଙ୍କ ତାଲିକା ଏବଂ ଭୋଟର ତାଲିକାରେ ଥିବା ବିଭିନ୍ନ ପ୍ରକାର ତ୍ରୁଟିକୁ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ଶିଳ୍ପ ପାଇଁ ୫ ବର୍ଷରେ ୮୭୦୪ଏକର ଜମି ଅଧିଗ୍ରହଣ କରିଛି ଇଡ୍‌କୋ

**ଭୁବନେଶ୍ୱର :** ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଇଡକୋ ଗତ ୫ବର୍ଷ ମଧ୍ୟରେ ସମସ୍ତ ୩୦ଟି ଜିଲ୍ଲାରେ ମୋଟ ୮୭୦୪.୩୩୨ଏକର ଜମି ଅଧିଗ୍ରହଣ କରିଛି । ସେଥିରୁ ମାତ୍ର ୧୫୨୦.୩୭୨ଏକର ଜମିରେ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଏମଏସଏମଇ ପାର୍କ ଓ ଶିଳ୍ପାଂଚଳ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେଇଥିବା ରାଜ୍ୟ ସରକାର ୪୧୧୦.୩୪୨ଏକର ଜମିକୁ ବିଭିନ୍ନ ଶିଳ୍ପ ସଂସ୍ଥାକୁ ଆବଂଟନ କରିଛନ୍ତି। ଆଉ ବାକି ଥିବା ୩୦୭୩.୬୧୮ ଏକର ଜମିକୁ ବିଭିନ୍ନ ଶିଳ୍ପ ସଂସ୍ଥାଙ୍କୁ ଆବଂଟନ କରିବା ପ୍ରକ୍ରିୟା ଜାରି ରହିଛି ବୋଲି ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ସୂଚନା ଦେଇଛନ୍ତି। ବିଧାନସଭାରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶିଳ୍ପ ମନ୍ତ୍ରୀ ଶ୍ରୀ ଦେବ କହିଛନ୍ତି ଯେ, ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଇଡକୋ ମାଧ୍ୟମରେ ବିଭିନ୍ନ ଶିଳ୍ପାଂଚଳରେ ଜମି ଅଧିଗ୍ରହଣ କରାଯାଇଛି। ବିଶେଷକରି ଖୋର୍ଦ୍ଧା ଜିଲ୍ଲାର ଖୋଲାଦ୍ୱାର ଶିଳ୍ପାଂଚଳରେ ଏକରପିଛା ୬୦ଲକ୍ଷ ଟଙ୍କାରେ ୮୩ଏକର, ଜୟମଙ୍ଗଳ ଶିଳ୍ପାଂଚଳରେ ଏକର ପିଛା ୪୦ଲକ୍ଷ ଟଙ୍କାରେ ୯୭ଏକର, ଜଟଣୀ ହରିଡ଼ାମାଡ଼ ଶିଳ୍ପାଂଚଳରେ ଏକର ପିଛା ୨୦ଲକ୍ଷ ଟଙ୍କାରେ ୧୧୨ ଏକର, ଚମ୍ପାଝର ଶିଳ୍ପାଂଚଳରେ ଏକର ପିଛା ୨୦ଲକ୍ଷ ଟଙ୍କାରେ ୩୦ଏକର ଓ କପିଳେଶ୍ୱର ଶିଳ୍ପାଂଚଳରେ ଏକର ପିଛା ୪୦ଲକ୍ଷ ଟଙ୍କାରେ ୧୨.୪୭୦ଏକର ଜମି ଅଧିଗ୍ରହଣ ହୋଇଛି। ଗତ ପାଂଚ ବର୍ଷ ମଧ୍ୟରେ ରାଜ୍ୟରେ ଇଡକୋ ୮ଟି ଜିଲ୍ଲାର ୧୩ଟି ଶିଳ୍ପାଂଚଳରେ ମୋଟ ୯୭୭.୭୮୨ଏକର ଜମି ଅଧିଗ୍ରହଣ କରିଥିବାବେଳେ ସେଥିରୁ ୬୯୪.୭୭୮ଏକର ଜମି ବିଭିନ୍ନ ଶିଳ୍ପ ସଂସ୍ଥାକୁ ଆବଂଟନ ହୋଇଛି ଓ ପ୍ରାୟ ୨୫୧ଏକର ଜମି ଖାଲି ପଡ଼ିଛି। ଏହାସହିତ ରାଜ୍ୟରେ ସିଙ୍ଗଲୱିଣ୍ଡୋ ମାଧ୍ୟମରେ ଶିଳ୍ପ ସ୍ଥାପନ ପାଇଁ ଅନୁମୋଦନ ପ୍ରସ୍ତାବଗୁଡ଼ିକ ତଥା ରାଜ୍ୟ ସରକାରଙ୍କ ସହିତ ଏମଓୟୁ ସ୍ୱାକ୍ଷର କରିଥିବା ଶିଳ୍ପସଂସ୍ଥାଗୁଡ଼ିକୁ ନିଯୁକ୍ତି ସମ୍ବନ୍ଧୀୟ ସରକାରଙ୍କ ପ୍ରଚଳିତ ନୀତିକୁ ପାଳନ କରିବାକୁ ସର୍ତ୍ତ ରଖାଯାଇଛି। ରାଜ୍ୟରେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥମାନଙ୍କରେ ରାଜ୍ୟର ସ୍ଥାନୀୟ ପ୍ରାର୍ଥୀମାନଙ୍କ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସରକାର ନିୟମ ପ୍ରଣୟନ କରିଛନ୍ତି। ଏହି ନିଯୁକ୍ତି ନିୟମାବଳୀର କାର୍ଯ୍ୟକାରିତା ଜିଲ୍ଲା ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ କରାଯିବାର ପ୍ରାବଧାନ କରାଯାଇଛି ବୋଲି ଶ୍ରୀ ଦେବ କହିଛନ୍ତି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**